NITIDIN
# ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
MONDAY
14 JULY 2025
ସୋମବାର
୧୪ ଜୁଲାଇ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 60 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୬୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ଆଜି ଆସୁଛନ୍ତି ରାଷ୍ଟ୍ରପତି

**ଭୁବନେଶ୍ୱର,୧୩।୭/ଏନ୍ଏନ୍ଏସ୍:**



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତାକାଲି ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପଞ୍ଚମ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ଜୁଲାଇ ୧୫ ତାରିଖରେ ଶ୍ରୀମତୀ ମୁର୍ମୁ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥି ଭାବେ ଯୋଗଦାନ କରିବା ସହିତ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିବେ। ସେ ମଧ୍ୟ ଆଦିକବି ସାରଳା ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେବା ସହିତ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

## ବଜ୍ରପାତରେ ୩ ମୃତ



**ଭୁବନେଶ୍ୱର,୧୩।୭/ଏନ୍ଏନ୍ଏସ୍:**

ଦୁଇଦିନ ତଳେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ରଜପାତରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରବିବାର ପୁଣି ୩ଜଣଙ୍କ ଜୀବନ ଯାଇଛି।

ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଅଞ୍ଚଳରେ ଜଣେ ବ୍ୟକ୍ତି ବର୍ଷା ସମୟରେ ଗଛ ତଳେ ଆଶ୍ରୟ ନେଉଥିବା ବେଳେ ବଜ୍ରାଘାତରେ ତାଙ୍କର ମୃତ୍ୟୁ ହୋଇଛି। ସେହିପରି ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗାଁରେ ଜଣେ ବ୍ୟକ୍ତି ବିଲରେ କାମ କରୁଥିବା ସମୟରେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ଅନ୍ୟପଟେ, ଭଦ୍ରକ ଜିଲ୍ଲାର କୋଡ଼ବରୁଆଁ ଅଞ୍ଚଳରେ ଜଣେ ଯୁବତୀ ବଗିଚାକୁ ଯାଉଥିବା ବେଳେ ବଜ୍ରାଘାତ ଯୋଗୁଁ ମୃତ୍ୟୁବରଣ କରିଛନ୍ତି।

ଏହି ଦୁଃଖଦ ଘଟଣାଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ସୃଷ୍ଟି କରିଛି। ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପୂର୍ବାନୁମାନ ଜାରି କରାଯାଇଥିବା ବେଳେ ସାଧାରଣ ଜନତାଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ବିଶେଷକରି ଖୋଲା ଜାଗା, ଗଛ ତଳେ କିମ୍ବା ବିଲ ପାଖରେ ଆଶ୍ରୟ ନନେବାକୁ କୁହାଯାଇଛି।

### ଏଫ୍ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

# ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧୩।/ଏନ୍ଏନ୍ଏସ୍:**

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଘଟଣାର ତଦନ୍ତ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟି ରିପୋର୍ଟ ଦେବା ପରେ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଏମସ୍ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ

### ଶୋକସନ୍ତପ୍ତ ବାପା ମା'ଙ୍କୁ ଭେଟି ସାନ୍ତ୍ୱନା ଦେଲେ



ଏଥିସହିତ ଆଗାମୀ ଦିନରେ ଯେଭଳି କୌଣସି ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ନଘଟେ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ରବିବାର ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ସ୍ପଷ୍ଟ କରିଛନ୍ତି।

ଏୟାର୍‌ପୋର୍ଟଠାରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଗସ୍ତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଉଦ୍ଦିଷ୍ଟ ଥିଲା। ଏହା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ୍ କରିବା ସହିତ ଓଡ଼ିଶାର ବିକାଶ ନେଇ ଦୀର୍ଘ ୩୫ ମିନିଟ୍ ଧରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନା ଫଳପ୍ରଦ ହୋଇଥିବା ସହିତ ଆଗାମୀ ଦିନରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାର ବିକାଶ କିପରି ତ୍ୱରାନ୍ୱିତ ହେବ ସେଥି ଉପରେ ପର୍ଯ୍ୟବସିତ ଥିଲା। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ▶▶ ୫

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ତିନିଜଣିଆ ଟିମ୍ ଘଟଣାର ତଦନ୍ତ ପାଇଁ ବାଲେଶ୍ୱରରେ ପହଞ୍ଚିଛନ୍ତି। ଏହି ଟିମ୍ ପ୍ରଥମେ କଲେଜକୁ ଯାଇ ଘଟଣା ସମ୍ପର୍କରେ ଆଲୋଚନା କରିଥିବାର ଦେଖିବାକୁ ମିଳିଛି। ଘଟଣାର ନିରପେକ୍ଷ ତଦନ୍ତ କରି ସରକାରଙ୍କୁ ଠିକ୍ ସମୟରେ ରିପୋର୍ଟ କରାଯିବ ବୋଲି ତଦନ୍ତକାରୀ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି।

- ତିନିଜଣିଆ ଟିମ୍‌ର ତଦନ୍ତ ଆରମ୍ଭ
- କଲେଜରେ କ୍ରାଇମ୍‌ବ୍ରାଞ୍ଚର ଛାନ୍‌ଭିନ୍
- ହସ୍ତକ୍ଷେପ କଲେ ଜାତୀୟ ମହିଳା କମିଶନ

କଲେଜରେ କ୍ରାଇମ୍‌ବ୍ରାଞ୍ଚର ଦୁଇ ଜଣିଆ ଟିମ୍ ପହଞ୍ଚିଛନ୍ତି । ଆଡସିନାଲ ଏସ୍‌ପି ରାଜଲକ୍ଷ୍ମୀ ନାୟକ ଓ ଡିଏସ୍‌ପି ଇମନ କଲ୍ୟାଣ ନାୟକ ମହିଳା ଶାଖାରୁ ଏହି ଦୁଇଜଣିଆ ଟିମ୍ ପହଞ୍ଚି ପ୍ରିନ୍ସିପାଲ୍ ଚାମ୍ବରକୁ ଯାଇ ତଦନ୍ତ କରିଛନ୍ତି। ସେହିପରି ଏହି ଘଟଣାରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି। ନିଜ ଆଡୁ ମାମଲା ରୁଜୁ ସହ ଘଟଣାର ଦୃଢ଼ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଜାତୀୟ ମହିଳା କମିଶନ। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୩ ଦିନରେ ଆକ୍ସନ ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଏପଟେ ନିଲମ୍ବିତ ଅଧ୍ୟକ୍ଷ ଶ୍ରୀ ଘୋଷ ଜିଲ୍ଲାପାଳଙ୍କ ନିକଟରେ ନିଜର ସୁରକ୍ଷା ମାଗିଛନ୍ତି।

## ତେଜିଲା ଅଧ୍ୟକ୍ଷଙ୍କ ଗିରଫ ଦାବି

**ବାଲେଶ୍ୱର,୧୩।୭/ଏନ୍ଏନ୍ଏସ୍:**

ବହୁଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା ତମାମ ରାଜ୍ୟରେ ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାର ପ୍ରଚ୍ଛଦପଟରେ ନ୍ୟାୟ ପାଇଁ ଶେଷ ଭରସା ତୁଟିଯିବାରୁ ନିର୍ଯାତିତା ଛାତ୍ରୀ ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣାରେ ଅଧ୍ୟକ୍ଷଙ୍କ ବିବାଦୀୟ ଭୂମିକା ଏବଂ ଗତ ଶନିବାର ଅଧ୍ୟକ୍ଷଙ୍କ ନକାରାତ୍ମକ ମନ୍ତବ୍ୟ ତାଙ୍କୁ ଆତ୍ମହତ୍ୟା ପାଇଁ ଖୋରାକ୍ ଯୋଗାଇଥିଲା ବୋଲି ସବୁ ମହଲରୁ ଅଭିଯୋଗ ହେଉଛି। ବର୍ତ୍ତମାନ ପୀଡ଼ିତା ଭୁବନେଶ୍ୱର ଏମ୍ସରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଅଘଟଣ ପାଇଁ ପ୍ରାଧ୍ୟାପକ ସମୀର ସାହୁଙ୍କ ସହ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ସମାନ ଭାବେ ଦାୟୀକରି ବିଭିନ୍ନ ମହଲରୁ ତାଙ୍କୁ ଗିରଫ ଦାବି କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏକ ତିନିଜଣିଆ ଟିମ୍ କଲେଜରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରବିବାର ବାମପନ୍ଥୀ ଛାତ୍ର ସଙ୍ଗଠନ ଏଆଇଏସ୍‌ଏଫ୍, ଏଆଇଡିଏସ୍‌ଓ, ଏଆଇୱାଇଏଫ୍ ଏବଂ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ କଲେଜ ଫାଟକ ସମ୍ମୁଖରେ ଘଟଣାର ପ୍ରତିବାଦ କରାଯାଇଛି। କଲେଜ ଫାଟକ ସମ୍ମୁଖରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହ ତାଙ୍କର ଇସ୍ତଫା ଦାବି କରାଯାଇଛି। ସେପଟେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ପ୍ରେସମିଟ୍‌ରେ ଘଟଣାର ନିନ୍ଦା କରାଯିବା ସହ ସୋମବାର ଛାତ୍ର ଏବଂ ଯୁବ କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବାକୁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲା ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବି କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ସହ ଜିଲ୍ଲାର ବିଜେଡି ବିଧାୟକ ଏବଂ ପୂର୍ବତନ ବିଧାୟକ ବୃନ୍ଦ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଫକୀର ମୋହନ କଲେଜର ଦ୍ୱିତୀୟ ବର୍ଷର ଜନୈକା ବିଏଡ୍ ଛାତ୍ରୀ ଅଭିଯୁକ୍ତ ପ୍ରାଧ୍ୟାପକ ସମୀର କୁମାର ସାହୁଙ୍କ ବିରାଧରେ ବିଭିନ୍ନ ଫୋରମ୍‌ରେ କରିଥିବା ଅଭିଯୋଗ ପରେ ତାଙ୍କୁ ନ୍ୟାୟ ମିଳିନଥିଲା। ଅପରପକ୍ଷେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ମଧ୍ୟ କୌଣସି ଠୋସ୍ ନିଷ୍ପତ୍ତି ନେବାରେ ସକ୍ଷମ ହୋଇନଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅନ୍ତିମ ଭରସା ଭାବେ ଛାତ୍ରୀ ଜଣକ ଶନିବାର ଅଧ୍ୟକ୍ଷଙ୍କୁ ଭେଟିଥିଲେ। କିନ୍ତୁ ତାଙ୍କର ନକାରାତ୍ମକ ମନ୍ତବ୍ୟ ଛାତ୍ରୀଙ୍କୁ ନିରାଶ କରିଥିଲା। ଫଳରେ ସେ ଆତ୍ମହତ୍ୟା ଉଦ୍ୟମକୁ ବାଛି ନେଇଥିବାର ସାଧାରଣରେ ଅଭିଯୋଗ ହେଉଛି।

**କଲେଜ ଫାଟକ ସମ୍ମୁଖରେ ଗର୍ଜିଲେ ଆନ୍ଦୋଳନକାରୀ**

### କୋରାପୁଟ୍‌ରେ କଙ୍ଗାରୁ କୋର୍ଟ

# ଯୁବକ-ଯୁବତୀଙ୍କୁ ଅମାନବୀୟ ଶାସ୍ତି

**ଜୟପୁର,୧୩।୭/ଏନ୍ଏନ୍ଏସ୍:**

### କାନ୍ଧରେ ଜୁଆଳି ପକାଇ ହଳ ବୁଲାଇଲେ ଗ୍ରାମବାସୀ



ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ପରେ କୋରାପୁଟ ଜିଲ୍ଲାରେ ଦେଖିବାକୁ ମିଳିଛି ଗାଁ ଦାଣ୍ଡରେ ବଳଦ ଦଣ୍ଡ। ରକ୍ତଗତ ସମ୍ପର୍କ ମଧ୍ୟରେ ପ୍ରେମକୁ ନେଇ ଯୁବକ ଯୁବତୀଙ୍କୁ ଦଆଯାଇଛି ଏଭଳି ଅମାନୁସିକ ଓ ଅମାନବୀୟ ନିର୍ଯାତନା। ଗାଁ ଦାଣ୍ଡରେ ଉଭୟଙ୍କ କାନ୍ଧରେ ଜୁଆଳି ବାନ୍ଧି ହଳ କରାଇଛନ୍ତି ଗ୍ରାମବାସୀ। ପରେ ଉଭୟଙ୍କୁ ଶୁଦ୍ଧି କରାଯାଇ ଗୋବର ପାଣି ପିଆଯାଇଛି। ଏଭଳି ଘଟଣା କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକ୍ ବରଗି ପଞ୍ଚାୟତ ପେଦାଇଟିକି ଗ୍ରାମରେ ଘଟିଛି।

ପ୍ରାଥମିକ ସୂଚନାରୁ ଦୁହେଁ ପରସ୍ପରକୁ ଭଲ ପାଇଁ ବିବାହ କରି ଦୀର୍ଘଦିନ ଧରି ଗାଁ ବାହାରେ ରହୁଥିଲେ। ସେମାନଙ୍କୁ ବନ୍ଧୁବାନ୍ଧବଙ୍କ ଜରିଆରେ ଗାଁକୁ ଡକାଇ ଆଣିବା ପରେ ସମସ୍ତଙ୍କ ଉପସ୍ଥିତରେ ଗାଁ ମଝିରେ ଉଭୟଙ୍କ କାନ୍ଧରେ ଜୁଆଳି ପକାଇ ହଳ ▶▶ ୫

## ରାଜ୍ୟସଭାକୁ ୪ ସଦସ୍ୟ ମନୋନୀତ

**ନୂଆଦିଲ୍ଲୀ,୧୩।୭/ଏଜେନ୍ସି:**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭା ପାଇଁ ଚାରିଜଣ ମହାନ୍ ହସ୍ତୀଙ୍କୁ ମନୋନୀତ କରିଛନ୍ତି। ଏହା ମଧ୍ୟରେ ପୂର୍ବତନ ସରକାରୀ ଓକିଲ ଉଜ୍ଜ୍ୱଳ ନିକମ ମଧ୍ୟ ସାମିଲ। ନିକମ୍ ୨୬/୧୧ ▶▶ ୫

### ● ରେଢ଼ାଖୋଲ ନାକଟିଦେଉଳ ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୧୩।୭/ଏନ୍ଏନ୍ଏସ୍:**

ସମ୍ବଲପୁର ରେଢ଼ାଖୋଲ ଫରେଷ୍ଟ ଡିଭିଜନ୍‌ର ନାକଟିଦେଉଳ ଅଞ୍ଚଳର ସରପାଲି ଗାଁରେ ଏକ ବ୍ୟକ୍ତିଙ୍କ ହୁକ ପକା ଘଟଣା ଯୋଗୁ ରବିବାର ପ୍ରତ୍ୟୁଷରେ ଗୋଟିଏ ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଛି।

ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଏ ଘଟଣାରେ ସଂପୃକ୍ତ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ଓ କଠୋର ଦଣ୍ଡ ବିଧାନ କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ଘଟଣାର ତଦନ୍ତ ପାଇଁ ଚିଫ୍ କଞ୍ଜରଭେଟର୍ ଅଫ୍ ଫରେଷ୍ଟ ମନୋଜ ନାୟାର୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରରୁ ନାକଟି ଦେଉଳ ଅଭିମୁଖେ ଗସ୍ତ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଅଞ୍ଚଳର ଉଚ୍ଚପଦସ୍ଥ ବନ ବିଭାଗ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରୁଛନ୍ତି।

### ପୁଣି ଏକ ଲଘୁଚାପ ସୃଷ୍ଟି

## ଆଜିଠୁ ୧୭ ଯାଏ ପ୍ରବଳ ବର୍ଷା

**ଭୁବନେଶ୍ୱର,୧୩।୭/ଏନ୍ଏନ୍ଏସ୍:**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସଂଲଗ୍ନ ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଜିଠାରୁ ଜୁଲାଇ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବଜ୍ରପାତ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ, ବଜ୍ରପାତ ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, କଟକ, ▶▶ ୫

# ପୁରୀରେ ବଢୁଛି ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା

**ପୁରୀ,୧୩।୭/ଏନ୍ଏନ୍ଏସ୍:**



ରାଜ୍ୟରେ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଉଁଛି ଝାଡ଼ାବାନ୍ତି ଓ ହଇଜା। ପୁରୀରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରଥମେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସଂକ୍ରମଣ ଆରମ୍ଭ ହୋଇଥିଲା। ପରେ କଣାସ ବ୍ଲକ ଓ ଏବେ ଜିଲ୍ଲାରେ ଝାଡ଼ାବାନ୍ତି ସଂଖ୍ୟା ବ୍ୟାପିବାରେ ଲାଗିଛି।

ମିଳିଥିବା ସୂଚନା ମୁତାବକ, ଗତ ୩ରୁ ୪ଦିନ ମଧ୍ୟରେ ଜିଲ୍ଲାରେ ୨୦୦ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତି ରୋଗୀ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେଥିରେ ପୁରୀ ଟିବି ଓ ଆଇଡିଏଚ୍ ହସ୍ପିଟାଲ୍‌ରେ ଗତ ୧୦ ତାରିଖରେ ମୋଟ ୪୭ ଜଣ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ହସ୍ପିଟାଲକୁ ଆସିଥିଲେ। ସେଥି ମଧ୍ୟରୁ ୪୪ ରୋଗୀ ସୁସ୍ଥହୋଇ ଘରକୁ ଫେରିଥିଲେ। ଗତ ୧୧ ତାରିଖ ଦିନ ୪୮ ଜଣ ଆକ୍ରାନ୍ତ ହସ୍ପିଟାଲ୍‌କୁ ଆସିଥିବା ବେଳେ ୪୬ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଶନିବାର ଦିନ ସକାଳ ୮ରୁ ସନ୍ଧ୍ୟା ୪ଟା ମଧ୍ୟରେ ୨୫ଜଣ ରୋଗୀ ଆସିଥିବା ବେଳେ ୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ। ବାକି ୧୪ ଏବେ ବି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏହାଛଡ଼ା ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଝାଡ଼ାବାନ୍ତି ରୋଗୀ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ ସହରରେ ଥିବା ବସ୍ତିଗୁଡ଼ିକରେ ପିଇବା ପାଣି ସମସ୍ୟା ଦେଖିବାକୁ ମିଳିଛି। ଡାଇରିଆ ପରିସ୍ଥିତିର ସଫଳ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା ମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉନାହିଁ। ଗତ କିଛିଦିନ ହେବ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ସରିଛି। ରଥଯାତ୍ରା ସମୟରେ ଅନେକ ଅନୁଷ୍ଠାନ ଖାଦ୍ୟ ବଣ୍ଟନ କରୁଥିଲେ। ରଥଯାତ୍ରା ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ପୁରୀରେ ଡାଇରିଆ ବ୍ୟାପୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅକ୍ଷୟ କୁମାର ଶତପଥୀ କହିଛନ୍ତି ଯେ ପୁରୀରେ ଆକ୍ରାନ୍ତଙ୍କ ପାଇଁ ମୋଟ ୩୫୧ ବେଡ୍ ମହଜୁଦ ଅଛି। ଏପର୍ଯ୍ୟନ୍ତ ଅନେକ ରୋଗୀ ସୁସ୍ଥ ଅଛନ୍ତି। ଖାଇବା ପୂର୍ବରୁ ଭଲରେ ହାତ ଧୋଇବା, ଅପରିଷ୍କାର ପାଣି ନ ପିଇବା, ବାସି ଖାଦ୍ୟ, ବାହାର ଖାଦ୍ୟ ନ ଖାଇବାକୁ ସେ ପରାମର୍ଶ ଦେଇଛନ୍ତି। ସହରର ଯେଉଁ ଅଞ୍ଚଳରେ ଜଣେ ବି ରୋଗୀ ଆକ୍ରାନ୍ତ ହେଉଛନ୍ତି, ଡାକ୍ତର ଅଶୋକ ମିଶ୍ର ସେହି ଅଞ୍ଚଳକୁ ଯାଇ କ୍ଲୋରିନେସନ୍ କରି ସଚେତନ କରିବା ସହ ହଲୋଜିନ ବାଟିକା, ଓଆର୍ଏସ୍ ଦେଉଛନ୍ତି। ନିମାପଡ଼ା, ବ୍ରହ୍ମଗିରି, ଗୋପ, ସତ୍ୟବାଦୀରୁ କିଛି ରୋଗୀ ଆସି ଏଠି ଚିକିତ୍ସିତ ହୋଇଛନ୍ତି। ବେଶୀ ରୋଗୀ ନାହାନ୍ତି। ରୋଗୀମାନଙ୍କ ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ ରଖାଯାଇଛି। ଶୌଚ ହୋଇ ଆସିବା ପରେ ଭଲ ଭାବେ ହାତ ସଫା ରଖନ୍ତୁ। ଗରମ ଖାଦ୍ୟ ଖାଆନ୍ତୁ। ହଇଜା ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ତଥାପି ସତର୍କ ରହିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପରାମର୍ଶ ଦେଇଛନ୍ତି।

# ପୂରା ଦେଶରେ ହେବ ଭୋଟର୍ ଲିଷ୍ଟ ଯାଞ୍ଚ

### ୨୮ରେ ସୁପ୍ରିମ୍‌କୋର୍ଟରେ ଶୁଣାଣି ପରେ ନିଷ୍ପତ୍ତି

**ନୂଆଦିଲ୍ଲୀ,୧୩।୭/ଏଜେନ୍ସି:**



ନିର୍ବାଚନ କମିଶନ୍ (ଇସି) ବିହାର ପରେ ଏବେ ପୂରା ଦେଶରେ ସ୍ପେଶାଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) କରିବାକୁ ଯାଉଛନ୍ତି। ଏହା ଅଧୀନରେ ଭୋଟର୍ ଲିଷ୍ଟର ଗହନ ଯାଞ୍ଚ ସହିତ ଅପ୍‌ଡେଟ୍ କରାଯିବ। ଅଗଷ୍ଟରେ ଏହାର ଆରମ୍ଭ ହେବାର ସମ୍ଭାବନା ରହିଛି। ଏହା ପୂର୍ବରୁ କମିଶନ୍ ସମସ୍ତ ରାଜ୍ୟରେ ନିଜର ମେସିନାରୀକୁ ସକ୍ରିୟ କରିଛନ୍ତି। ବିହାରରେ ଚାଲିଥିବା ସ୍ପେଶାଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍‌କୁ ଜୁଲାଇ ୧୦ରେ ସୁପ୍ରିମ୍‌କୋର୍ଟ ସାମ୍ବିଧାନିକ କହିବା ସହିତ ଏହା ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେବା ପରେ କମିଶନ୍ ଏହି ନିଷ୍ପତ୍ତି ନେଇଛନ୍ତି। ଇସିର ଅଧିକାରୀଙ୍କ ଅନୁସାରେ, କମିଶନ୍ ଜୁଲାଇ ୨୮ ପରେ ଏସ୍‌ଆଇଆର୍ ଉପରେ ଅନ୍ତିମ ନିଷ୍ପତ୍ତି ନେବେ। ଅନ୍ୟପକ୍ଷରେ କେତେକ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ନିଜ ନିଜ ରାଜ୍ୟରେ ପୂର୍ବ ଏସ୍‌ଆଇଆର୍ ପରେ ପ୍ରକାଶିତ ଭୋଟର୍ ଲିଷ୍ଟ ଜାରି ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି।

ସୂଚନାଯୋଗ୍ୟ, ବିହାରରେ ଭୋଟର୍ ଲିଷ୍ଟ ଭେରିଫିକେସନ୍ କାର୍ଯ୍ୟ ଜାରି ରହିଛି। ବିହାରରେ ବହୁ ସଂଖ୍ୟକ ବିଦେଶୀ ଥିବା ଏହି ଅବସରରେ ଜଣାପଡ଼ିଥିବା ଇସିର ଅଧିକାରୀ ଦାବି କରିଛନ୍ତି। ଇସି ଅଧିକାରୀ ଘରକୁ ଘର ବୁଲି ଭୋଟର୍ ଲିଷ୍ଟ ପୁନଃନୀରିକ୍ଷଣ କରୁଥିବା ବେଳେ ଏଥିରେ ବହୁ ସଂଖ୍ୟକ ନେପାଳ, ବାଂଲାଦେଶ ଓ ମ୍ୟାଁମାର୍‌ର ନାଗରିକ ସାମିଲ ଥିବା ଜାଣିବାକୁ ପାଇଥିବା ମିଡିଆକୁ କହିଛନ୍ତି। ଅଧିକାରୀଙ୍କ ଅନୁସାରେ ଅଗଷ୍ଟ ୧ ତାରିଖ ପରେ ଏପରି ଲୋକଙ୍କ ଯାଞ୍ଚ କରାଯିବ। ସେପ୍ଟେମ୍ବର ୩୦ରେ ପ୍ରକାଶିତ ହେବାକୁ ଥିବା ଅନ୍ତିମ ▶▶ ୫

## ପୁରୀ ରଥଯାତ୍ରାରେ ଏଆଇ କ୍ୟାମେରାକୁ ନେଇ ଉଠିଲା ପ୍ରଶ୍ନ

**ପୁରୀ,୧୩ା୭/ଏନ୍ଏନ୍ଏସ୍:** ଚଳିତ ବର୍ଷର ରଥଯାତ୍ରା ଅବହେଳା ଓ ଅଘଟଣ ଭିତରେ ସରିଛି । ଗତ ଜୁନ ୨୯ରେ ଏକ ବଡ଼ ଅଘଟଣ ଘଟିଥିଲା । ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ ଜଣଙ୍କ ଜୀବନ ଚାଲିଯାଇଥିଲା । ଅଘଟଣର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ସାଧାରଣ ଲୋକେ ପ୍ରଶସନିକ ଅବହେଳାକୁ ଦାୟୀ କରିଛନ୍ତି । ବିଶେଷକରି (ଏଆଇ) ଇଓ କ୍ୟାମେରା ଘୋଟାଲା ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଇଛି । ଚଳିତ ବର୍ଷ ଉଚ୍ଚକ୍ଷମତା ସମ୍ପନ୍ନ କ୍ୟାମେରା ଲଗାଇବା ପାଇଁ ପୂର୍ବରୁ ଘୋଷଣା ହୋଇଥିଲା । କ୍ୟାମେରା ଗୁଡିକ ଉଚ୍ଚ କ୍ଷମତାସମ୍ପନ୍ନ ହୋଇନଥିବାରୁ କଣ୍ଟ୍ରୋଲ ରୁମ୍‌ରୁ ଭିଡ଼ ନିୟନ୍ତ୍ରଣରେ ସମସ୍ୟା ହୋଇଥିଲା । ଏପରିକି ଘଟଣା ଦିନ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ କ୍ୟାମେରା ଲଗାଯାଇ ନଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେଣୁ ସର୍ବସାଧାରଣଙ୍କ ଠାରୁ ଭିଡିଓ ଫୁଟେଜ୍ ମାଗିଥିଲା ପ୍ରଶାସନ । ଏପରି ଜଘନ୍ୟ ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମନ୍ତ୍ରୀସ୍ତରୀୟ କମିଟିକୁ ତଦନ୍ତ ପରିସର ଭୁକ୍ତ କରିବାକୁ ସାଧାରଣରେ ଦାବି ହୋଇଛି । ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଥିଲା । ତେବେ କମିଟି ନିଜ ଦାୟିତ୍ୱ ସମ୍ପାଦନ କରିବାରେ ଫେଲ୍ ମାରିଛି । କର୍ଣ୍ଣାଟକରେ ଦଳାଚକଟା ଘଟଣାରେ ମନ୍ତ୍ରୀ ମାନଙ୍କୁ ଦାୟୀ କରାଯାଇ ତଦନ୍ତ ପରିସରଭୁକ୍ତ କରାଯାଇଥିଲା । ତେଣୁ ଏହି ଘଟଣା ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ଶ୍ୱେତପତ୍ର ପ୍ରକାଶ କରିବାକୁ ଦାବି ହୋଇଛି । ଚଳିତବର୍ଷ ରଥଯାତ୍ରା ଅଘଟଣମୟ ହୋଇଥିବାବେଳେ ଏହା ମନୁଷ୍ୟକୃତ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି ।

## ବଜ୍ରାଘାତରେ ଜଣେ ମୃତ

**ମାହାଙ୍ଗା,୧୩ା୭/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧୀନ ପୋଡ଼ାମରାଇ ପଞ୍ଚାୟତ ସିନ୍ଧୁପୁର ଗ୍ରାମର ଅନାମ ଖଟୁଆଙ୍କ ପୁତ୍ର ପ୍ରଦୀପ୍ତ ଖଟୁଆ(୪୨)ଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଥିବା ଜଣାଯାଇଛି । ସୂଚନା ମୁତାବକ ପ୍ରଦୀପ୍ତ ଆଜି ମଧ୍ୟାହ୍ନରେ ଧାନ କ୍ଷେତରେ କାର୍ଯ୍ୟ କରୁଥିବାବେଳେ ଅଚାନକ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହୋଇଥିଲା । ବିଲରେ କାମ କରୁଥିବା ଅନ୍ୟ ଚାଷୀଙ୍କ ସହ ନିକଟରେ ଥିବା ଏକ ବରଗଛ ମୂଳକୁ ଆଶ୍ରୟ ନେବା ପାଇଁ ଆସୁଥିବା ବେଳେ ସେ ବଜ୍ରାଘାତରେ ସମ୍ମୁଖୀନ ହୋଇଥିଲେ । ସେଠାରେ ଥିବା ଅନ୍ୟ ଚାଷୀମାନେ ପ୍ରଦୀପ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ମାହାଙ୍ଗା ପୁଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଯାଇଥିବା ଜଣାଯାଇଛି ।

### ବାର୍ଡ ଫ୍ଲୁ ସ୍ପଷ୍ଟ ପରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀଙ୍କ ଡେଲାଙ୍ଗ ବ୍ଲକ୍ ପରିଦର୍ଶନ

# ଚାଷୀଙ୍କୁ ମିଳିବ ସମସ୍ତ କ୍ଷତିପୂରଣ

**ଡେଲାଙ୍ଗ,୧୩ା୭/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକରେ ବାର୍ଡ ଫ୍ଲୁ ସଂକ୍ରମଣ ସ୍ପଷ୍ଟ ହେବାପରେ ୪ଜଣିଆ ସଦସ୍ୟ ବିଶିଷ୍ଟ ୭ଟି ର୍‌ୟାପିଡ ରେସ୍ପନ୍ସ ଦଳ ଗଠନ କରାଯାଇ ବେନୁପଡା ଗ୍ରାମର ରୀତା ରାୟଙ୍କ ଫାର୍ମରୁ ଗତକାଲି ୩ହଜାରରୁ ଊର୍ଦ୍ଧ୍ୱ କୁକୁଡା ମରାଯାଇ ମାଟିତଳେ ପୋତାଯାଇଥିଲା । ବାର୍ଡ ଫ୍ଲୁ ସଂକ୍ରମଣ ବ୍ୟାପିବା ଖବର ପାଇ ରବିବାର ସନ୍ଧ୍ୟା ସମୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଡେଲାଙ୍ଗ ବ୍ଲକ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରାଣୀପାଳନ ଓ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, ଉପ ନିର୍ଦ୍ଦେଶିକା ଦୀପ୍ତି ମହାପାତ୍ର, ଯୁଗ୍ମ ନିର୍ଦ୍ଦେଶକ ଉମେଶଚନ୍ଦ୍ର ବେହେରା, ପୁରୀ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଶରତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଦାଶ, ଡେଲାଙ୍ଗ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ଡା. ପ୍ରିତିତୋଷ ମହାପାତ୍ର, ଅତିରିକ୍ତ ବ୍ଲକ ପ୍ରାଣୀଚିକିତ୍ସା



## ଦ୍ୱିତୀୟ ଦିନରେ ମରାଗଲା ୩୪୧୫ କୁକୁଡ଼ା

ଗସ୍ତରେ ଆସି ବେନୁପଡା ରୀତା ରାୟଙ୍କ କୁକୁଡା ଫାର୍ମ ନିକଟରେ ପହଞ୍ଚିଥିଲେ । ରିତାଙ୍କ ସ୍ୱାମୀ ଅମିୟ ରାୟଙ୍କ ସହିତ କୁକୁଡ଼ା ମଡ଼କ ସମ୍ପର୍କରେ ଆଲୋଚନା କରିଥିଲେ । ସଂକ୍ରମଣର ଶିକାର ହୋଇ ସ୍ଥାନୀୟ ଚାଷୀମାନଙ୍କର ହଜାର ହଜାର କୁକୁଡ଼ା ମରିଯାଇଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହୋଇଛି । ବିଭାଗ ପକ୍ଷରୁ ସଂକ୍ରମିତ ଅଞ୍ଚଳରୁ କୁକୁଡ଼ା ଓ ପକ୍ଷୀ ଜାତୀୟ ପ୍ରାଣୀ ଏବଂ ଦାନା ବାହାରକୁ ଯିବା ପାଇଁ ବାରଣ କରାଯାଇଛି । ଜିଲ୍ଲା ପ୍ରାଣୀଚିକିତ୍ସା ବିଭାଗ ପକ୍ଷରୁ ମିଳିଥିବା ବିବରଣୀ ମୁତାବକ ପଡୋଶୀ ବ୍ଲକ ତଥା ଅନ୍ୟ ଅଞ୍ଚଳଗୁଡିକୁ ଏହି ସଂକ୍ରମଣ ନବ୍ୟାପିବା ନିମନ୍ତେ ଫାର୍ମଗୁଡିକୁ ବିଶୋଧନ କରାଯିବା ସହିତ ଚାଷୀମାନଙ୍କୁ ସଚେତନ କରାଯାଉଛି । ସରକାରୀ ନିୟମାବଳୀ ମୁତାବକ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି । ଅଧିକାରୀ ଡା. ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସଂକ୍ରମଣ ବ୍ୟାପିବା ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଏବେ ସ୍ଥାନୀୟ ଅଞ୍ଚଳରେ ସଂକ୍ରମଣ ନିୟନ୍ତ୍ରଣ ରହିଥିବା ନିର୍ଦ୍ଦେଶକ ଶ୍ରୀ କୁଲାଙ୍ଗେ ମନ୍ତ୍ରୀଙ୍କୁ କହିଥିଲେ । ସେହିପରି ରବିବାର ଡେଲାଙ୍ଗ ବ୍ଲକ ଡାକପଡା ଗ୍ରାମର ନବକିଶୋର ଖଟୋଇଙ୍କ କୁକୁଡା ଫାର୍ମରେ ଜୀବିତ ଥିବା ୩୪୧୫ କୁକୁଡାଙ୍କୁ ର୍‌ୟାପିଡ ରେସ୍ପନ୍ସ ଦଳ ମାରିବା ସହିତ ଫାର୍ମଟିକୁ ବିଶୋଧନ କରି ଚୂନ ଓ ବ୍ଲିଚିଂ ପକାଇ ମୃତ କୁକୁଡାମାନଙ୍କୁ ପୋତିଦେଇଛନ୍ତି । ଏହା ସହିତ ବାର୍ଡ ଫ୍ଲୁ ସନ୍ଦେହ କରି ବ୍ଲକର ଅନ୍ୟ ଫାର୍ମରେ ମରୁଥିବା କୁକୁଡାମାନଙ୍କର ନମୁନା ପରୀକ୍ଷା ନିମନ୍ତେ ଭୋପାଳ ପଠାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ବାର୍ଡ ଫ୍ଲୁ ସଂକ୍ରମଣ ସ୍ପଷ୍ଟ ହେବା ପୂର୍ବରୁ ସ୍ଥାନୀୟ ଚାଷୀମାନଙ୍କର ହଜାର ହଜାର କୁକୁଡା ମରିଯାଇଥିବା ବେଳେ ଏହି ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ କୁକୁଡା ଚାଷୀମାନଙ୍କର ସୁରକ୍ଷା ଓ ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର ନିତୀ ପ୍ରଣୟନ କରିବା ନିମନ୍ତେ ଜିଲ୍ଲା କୁକୁଡା ଚାଷୀ ବିକାଶ ଫୋରମର ଉପଦେଷ୍ଟା ଅଶୋକ ପ୍ରଧାନ, ଡେଲାଙ୍ଗ ବ୍ଲକ କୁକୁଡା ଚାଷୀ ସଭାପତି ଗୋପାଳ ସ୍ୱାଇଁ, ସମ୍ପାଦକ ପ୍ରଶାନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ବ୍ଲକର କୁକୁଡା ଚାଷୀମାନେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଅନ୍ୟପଟେ ଅଞ୍ଚଳରେ ଚାଷ କରାଯାଇଥିବା ବିଭିନ୍ନ କୁକୁଡା ଫାର୍ମ ମାନଙ୍କରେ କୁକୁଡ଼ା ମରୁଥିବା ବେଳେ କ୍ଷତି ସହିବା ଆଶଙ୍କା କରି ଚାଷୀମାନେ କମ୍ ଦରରେ ଜିଅନ୍ତା କୁକୁଡା ମାନଙ୍କୁ ବିକ୍ରି କରିଦେଉଥିବା ଦେଖିବାକୁ ମିଳୁଛି । ଯାହାର ଫଳ ସ୍ୱରୂପ ଡେଲାଙ୍ଗ ବ୍ଲକର ବିଭିନ୍ନ ବଜାରରେ ଥିବା ଚିକେନ କାଉଣ୍ଟରମାନଙ୍କରେ ସଂକ୍ରମିତ କୁକୁଡ଼ା ବିକ୍ରି କରାଯାଉଥିବା ଜଣାପଡ଼ିଛି । ଏହାକୁ ଖାଇବା ପରେ ଲୋକେ ଅସୁସ୍ଥ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ବେଳେ ବର୍ତ୍ତମାନ ସମୟରେ ସଂକ୍ରମିତ କୁକୁଡ଼ା ମାଂସ ନଖାଇବାକୁ ପ୍ରାଣୀଚିକିତ୍ସା ବିଭାଗ ପକ୍ଷରୁ ସ୍ଥାନୀୟ ଜନସାଧରଣମାନଙ୍କୁ ସତର୍କ କରାଯାଇଛି ।

## ପବିତ୍ରତା ରକ୍ଷା ପାଇଁ ଶରଧାବାଲିକୁ ଲୁହା ବାଡ଼ ଅବରୋଧ

**ପୁରୀ,୧୩ା୭/ଏନ୍ଏନ୍ଏସ୍:** ଭକ୍ତର ଭାବ ସହ ଜଡ଼ିତ ଶରଧାବାଲି । ଯେଉଁ ଭକ୍ତଟିଏ ପୁରୀ ବୁଲିବାକୁ ଆସେ ସେ ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ ପରେ ଶରଧାବାଲିକୁ ମୁଣ୍ଡରେ ମାରିଥାଏ । ତେବେ ଶରଧାବାଲିର ପବିତ୍ରତା ରକ୍ଷା ପାଇଁ ବାଡ଼ ଦେଇ ଅବରୋଧ କରାଯାଇଛି । ରଥଯାତ୍ରା ପରେ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ଲୁହାବାଡ଼ ଘେରାଯାଇଛି । ଶରଧାବାଲି ପରିସରରେ ଯେପରି କେହି ଗାଡ଼ି ପାର୍କିଂ କରିପାରିବେ ନାହିଁ ଏବଂ ଅବରୋଧ କରିବେ ନାହିଁ ସେ ନେଇ ଗୁରୁତ୍ୱ ଦିଆଯାଇଛି । ମାତ୍ର ଏବେ ବି ଶରଧାବାଲି କଡ଼ରେ କ୍ୟାବିନ ବକ୍ସ ମହଜୁଦ ରହିଛି । ଶରଧାବାଲିରେ ଲୁହା ବାଡ଼ କଡ଼ରେ କିଛି ବ୍ୟକ୍ତିବିଶେଷ ପରିସ୍ରା ମଧ୍ୟ କରୁଛନ୍ତି । ଲୁହା ବାଡ଼ରେ କିଛି କପଡ଼ା ଶୁଖାଯାଇଛି । ସ୍ଥାନାଭାବରୁ ଏହା ମଧ୍ୟ ଖେଳ ପଡ଼ିଆରେ ପରିଣତ ହୋଇଛି । ସଞ୍ଜ ବୁଡ଼ିଲେ ନିଶାଡ଼ିମାନେ ଭିଡ଼ ଜମାଉଛନ୍ତି । ହଜାର ହଜାର ଭକ୍ତମାନେ ବାହୁଡ଼ାରେ ଶରଧାବାଲିରେ ଶ୍ରୀବିଗ୍ରହ ପହଣ୍ଡି ହୋଇ ଆସୁଥିବା ବେଳେ



ଉକ୍ତ ସ୍ଥାନରେ ଲୋଟି ଯାଇଥିଲେ । ରଥଯାତ୍ରାରେ ବଡ଼ଦାଣ୍ଡର ଏହି ରେଣୁକୁ ଅତ୍ୟନ୍ତ ଶ୍ରଦ୍ଧାରେ ତୋଳି ନେବାକୁ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା । ମହାପ୍ରଭୁଙ୍କ ଚରଣ ସ୍ପର୍ଶ ପାଇଥିବାରୁ ଭକ୍ତମାନେ ଶ୍ରଦ୍ଧାରେ ଏହି ବାଲିକୁ ଦେହରେ ବୋଳି ହୁଅନ୍ତି । ଅଥଚ ଲକ୍ଷଲକ୍ଷ ଭକ୍ତ ପବିତ୍ର ମଣୁଥିବା ଏହି ବାଲିକୁ ମୁକ୍ତ ଶୌଚାଳୟରେ ପରିଣତ କରିଦେଇଛନ୍ତି କିଛି ଅମାନିଆ । ଦଶାବତାର ମଠ କାନ୍ଥରେ ଚିତ୍ର ଅଙ୍କାଯାଇଛି । ପରିସ୍ରା ନକରିବାକୁ ବାରଣ କରାଯାଇଛି । ପୁଣି ସେଇ ପାଖରେ ଦୁଇଟି ଶୌଚାଳୟ ବି ଅଛି । କିନ୍ତୁ କିଛି ଅମାନିଆ ମାନୁନାହାନ୍ତି । ସୌନ୍ଦର୍ଯ୍ୟକରଣ ସହ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରିପାରିଲେ ଅନ୍ତତଃ ବାଲିରେ ପରିସ୍ରା କରୁଥିବା ଲୋକମାନଙ୍କୁ ଦୂରେଇ ରଖାଯାଇପାରନ୍ତା । ଏନେଇ ବୁଦ୍ଧିଜୀବୀମାନେ ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ ସୌନ୍ଦର୍ଯ୍ୟକରଣ ତ ଦୂରେ ଥାଉ, ଏହାର ପବିତ୍ରତା ରକ୍ଷା ପାଇଁ ମଧ୍ୟ ଜଣେ ବ୍ୟକ୍ତିଙ୍କୁ ନିୟୋଜିତ କରାଯାଇ ପାରୁନାହିଁ । ଅନ୍ୟପଟେ ପୌରସଂସ୍ଥା ପକ୍ଷରୁ ନିୟମିତ ସଫେଇ କରାଯାଉନ ଥିବାରୁ ସେଠାରେ ଅଳିଆ ଆବର୍ଜନା ଏଣେ ତେଣେ ପଡ଼ିରହିଥିବା ଦେଖାଯାଉଛି । ଶରଧାବାଲି ସମ୍ମୁଖରେ କେତେକ ଉଠା ଦୋକାନୀ କ୍ୟାବିନ ପକାଇ ବ୍ୟବସାୟ ଚଳାଇଛନ୍ତି । ଏହା ଦ୍ୱାରା ଆଗନ୍ତୁକ ଯାତ୍ରୀ ଶରଧାବାଲିର ସ୍ଥିତି ଜାଣିବା କଷ୍ଟକର ହୋଇପଡୁଛି । ପୌରସଂସ୍ଥା ସେଠାରୁ କ୍ୟାବିନ ହଟାଇବା ପାଇଁ ପଦକ୍ଷେପ ନେଉନଥିବାରୁ ଶରଧାବାଲିର ସମ୍ମୁଖଭାଗ ଦୋକାନୀଙ୍କ ଦଖଲରେ ରହିଛି ।

## ଲଡୁବାବାଙ୍କ ପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼

**ଓଡ଼ଗାଁ,୧୩ା୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳର ପ୍ରମୁଖ ଶୈବପୀଠ ଲଡୁବାବାଙ୍କ ମନ୍ଦିରରେ ରବିବାର କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି । ଗତକାଲିଠାରୁ କାଉଡ଼ିଆମାନେ ମାନସିକପୂର୍ଣ୍ଣ ପାଇଁ କଣ୍ଟିଲୋ ମହାନଦୀରୁ ପାଣିଉଠାଇ ଖାଲି ପାଦରେ ଚାଲିଚାଲି ଆସି ଶରଣକୁଳରେ ପହଞ୍ଚିଛନ୍ତି । କାଉଡ଼ିଆମାନଙ୍କ ସୁବିଧା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଯାତ୍ରା ପଡ଼ିଆରେ ପାଣି ଭାର ରଖିବାର ବ୍ୟବସ୍ଥା କରାଯାଇଛି । ମନ୍ଦିର ଖୋଲିବା ପରେ ପ୍ରଥମେ ମହିଳାମାନଙ୍କୁ ପାଣି ଢାଳିବାର ସୁଯୋଗ ଦିଆଯିବ ଏବଂ ପରେ ପୁରୁଷ ଭକ୍ତମାନେ ଧାଡ଼ିରେ ଆସି ପାଣି ଢାଳିବେ ବୋଲି ମନ୍ଦିର ପକ୍ଷରୁ କୁହାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କାଉଡ଼ିଆଙ୍କ ପାଇଁ ସାଦା ଅନ୍ନ ଓ ପାନୀୟଜଳର ବ୍ୟବସ୍ଥା କରାଯାଇଥିବା ବେଳେ କାଉଡ଼ିଆଙ୍କ ସୁବିଧା ପାଇଁ ମନ୍ଦିର ପକ୍ଷରୁ ବାରିକେଟ କରି ଧାଡ଼ିର ବ୍ୟବସ୍ଥା କରାଯାଇଛି । ଏଠାରେ ୧୦



ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ସମାଗମ ହେବବୋଲି ଆକଳନ କରାଯାଉଛି । ସମସ୍ତ କାଉଡ଼ିଆ ଯେପରି ସୁବିଧାରେ ଜଳଲାଗି କରିବେ ସେଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା କରାଯାଇଛି । ପ୍ରତ୍ୟେକ ସୋମବାର ଦିନ କାଉଡ଼ିଆଙ୍କ ଭିଡ଼ଲାଗି ରହିବ ଓ ଠାକୁର ଦର୍ଶନ କରିବାରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ବୋଲି ମନ୍ଦିର ସୁପର ଭାଇଜର ସୁବାସ ବରାଡ଼ ସୂଚନା ଦେଇଛନ୍ତି । ଅନୁରୂପ ଭାବେ ବାବା ଦୁତିକେଶ୍ୱର, ବାହାଡ଼ାଖୋଲା ଫୁଲେଶ୍ୱର, କୁରାଳ ଚଣ୍ଡେଶ୍ୱର, ବାଲୁଙ୍କେଶ୍ୱର, ରାମେଶ୍ୱର ଓ ବୈଦ୍ୟନାଥଙ୍କ ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି ।

## ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

**ବାଲିଅନ୍ତା,୧୩ା୭/ଏନ୍ଏନ୍ଏସ୍:** ରାଜଧାନୀ ଉପକଣ୍ଠ ହଂସପାଳ ତ୍ରିନାଥ ମନ୍ଦିର ନିକଟରେ ଥିବା ଖଡ଼େଶ୍ୱର ମହାନ୍ତିଙ୍କ ଦୋକାନକୁ ଅମୁଲ କିଣିବା ପାଇଁ ଆସିଥିବା ନହରକଣ୍ଠା ଗ୍ରାମର ଅମୀୟ କୁମାର ଜେନାଙ୍କୁ କେତେକ ଦୁର୍ବୃତ୍ତ ସାମାନ୍ୟକଥାକୁ ନେଇ ଆକ୍ରମଣ କରି ଗୁରୁତର କରିଦେଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ ଶ୍ରୀ ମହାନ୍ତିଙ୍କ ଦୋକାନ ସମ୍ମୁଖରେ ତିନିଜଣ ଅସାମାଜିକ ଯୁବକ ନହରକଣ୍ଠାର ପପୁ ବେହେରା(୨୫), ହରିଦାସପୁରର ବିକ୍ରମ କୁମାର ଭୋଇ (୩୦), ବାଲିଅନ୍ତା ଭୁବନପୁରର ବିକାଶ ଜେନା(୨୩) ଏବଂ ଅନ୍ୟଜଣେ ନାବାଳକ ବିଶୃଙ୍ଖଳା ସୃଷ୍ଟି କରୁଥିଲେ । ଦୋକାନୀଙ୍କ ଅନୁରୋଧକ୍ରମେ ଶ୍ରୀ ଜେନା ସେମାନଙ୍କୁ ସେଠାରେ ବିଶୃଙ୍ଖଳା ସୃଷ୍ଟି ନକରିବା ପାଇଁ କହିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ୪ଅଭିଯୁକ୍ତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଫଳରେ ଶ୍ରୀ ଜେନା ତଳେ ପଡ଼ିଯାଇଥିଲେ । ତଳେ ପଡ଼ିଥିବା ଅବସ୍ଥାରେ ଅଭିଯୁକ୍ତ ପପୁ ତାଙ୍କୁ ଥଣ୍ଡା ପାନୀୟ ବୋତଲ ସାହାଯ୍ୟରେ ଆକ୍ରମଣ କରିବା ସହ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ଖବର ପାଇ ଶ୍ରୀ ଜେନାଙ୍କ ପରିବାର ସଦସ୍ୟ ତାଙ୍କୁ ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ହାଇଟେକ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିବା ବେଳେ ପାହାଲ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ପାହାଲ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଚଢ଼ଉକରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅଭିଯୁକ୍ତ ନାବାଳକକୁ ବାଳସୁଧାର ଗୃହକୁ ପଠାଇଥିବା ଜଣାପଡ଼ିଛି । ପଚରାଉଚରା ସମୟରେ ଅଭିଯୁକ୍ତମାନେ ନିଜର ଅପରାଧ ସ୍ୱୀକାର କରିଥିବା ପୁଲିସ ସୂଚନା ଦେଇଛି ।

## ଓୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ବୃକ୍ଷରୋପଣ, ସାଧାରଣ ପରିଷଦ ବୈଠକ



**ଖୋର୍ଦ୍ଧା,୧୩ା୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ୍ ସରକାରୀ ଘଉଜଉ ଉଚ୍ଚ ବିଦ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ବୃକ୍ଷରୋପଣ ଏବଂ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଦିବଙ୍ଗତ ଭିଡିଓ ଜର୍ଣ୍ଣାଲିଷ୍ଟ ବିଜୟ ଦଳେଇଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସଂଗଠନ ପକ୍ଷରୁ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହେବା ସହ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଯଥା ସମାଜସେବୀ ଅର୍ଦ୍ଧେନ୍ଦୁ ଦାସ ଏବଂ ଖୋର୍ଦ୍ଧା ଫରେଷ୍ଟ ରେଞ୍ଜର ଜୟକୃଷ୍ଣ ପଣ୍ଡା ମୁଖ୍ୟ ଅତିଥି ରୁପେ ଯୋଗଦେଇଥିଲେ । ଖୋର୍ଦ୍ଧା ଜିଲ୍ଲା ଓୟୁଜେର ସଭାପତି ତପନ କୁମାର ନାୟକ ଓ ଘଉଜଉ ହାଇସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ଡ. ସ୍ନିଗ୍ଧାରାଣୀ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଓୟୁଜେ ଖୋର୍ଦ୍ଧା ଜିଲ୍ଲାର ସାଧାରଣ ସଂପାଦକ ଲୋହିତ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱ ତୁଲାଇଥିଲେ । ଜିଲ୍ଲା ଓୟୁଜେ ସଂଗଠନର ବରିଷ୍ଠ ସଭ୍ୟ ରବି ସ୍ୱାଇଁ, ଓୟୁଜେ ଜଟଣୀ ଶାଖା ସଂପାଦକ ଶ୍ରୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନ୍‌ର ଉପସଭାପତି ସୟଦ ଅନସର ଅଲ୍ଲୀ, ନାରାୟଣ ମହାନ୍ତି, ସାମ୍ବାଦିକ ଚନ୍ଦନ ସୁନ୍ଦରାୟେ, ଏମଡି ଇମ୍‌ଦାଦ ସରିଫ, ସନ୍ଦୀପ ବରମନ, ଏମ୍‌ଡି ଫଜଲୁର ରହମନ, ସେକ ଅନୁଅର ଅଲ୍ଲୀ, ଅୟେସ ମହାନ୍ତି, ଲଳିତ ମହାରଣା, ବିଶ୍ୱଜିତ ସାମନ୍ତରାୟ, ଶ୍ରୀକାନ୍ତ ପରିଜା, ସତ୍ୟ ନାରାୟଣ ସାମନ୍ତରାୟ, କେଦାନାଥ ସାହୁ, ସଜନ ଅଗ୍ରୱାଲ, ଅଶୋକ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଏବଂ ଜଟଣୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

## ବିଭିନ୍ନ ସ୍ଥାନରେ କାଉଡ଼ିଆଙ୍କ ବୋଲବମ୍ ଯାତ୍ରା

**ଚାରିଛକ,୧୩ା୭/ଏନ୍ଏନ୍ଏସ୍:** ଶ୍ରାବଣ ମାସର ପ୍ରଥମ ସୋମବାର ଉପଲକ୍ଷେ ବିଭିନ୍ନ ନଦୀଘାଟରୁ କାଉଡିଆମାନେ ଜଳ କଳସ ଧରି ବିଭିନ୍ନ ଶୈବପୀଠରେ ଜଳଲାଗି କରିବାକୁ ଯାତ୍ରା ଆରମ୍ଭ କରିଛନ୍ତି । ଆଜି କାଉଡିଆମାନେ ଶୁଦ୍ଧପୂତ ଭାବେ ସ୍ନାନ କରି ନାନା ରଙ୍ଗ ବେରଙ୍ଗରେ ନିଜ ନିଜର ବାଉଙ୍ଗୀଗୁଡିକ ସାଜସଜା କରି ବିଭିନ୍ନ ନଦୀ ଘାଟ ନିକଟରେ ପୂଜାର୍ଚ୍ଚନା କରି ଜଳ କଳସ ଉଠାଇ ବିଭିନ୍ନ ଶୈବପୀଠମାନଙ୍କ ଯାତ୍ରା ଆରମ୍ଭ କରିଛନ୍ତି । କାଉଡିଆମାନେ ମନରେ ମାନସିକ ରଖି ମାନସିକ ପୂରଣ ନିମନ୍ତେ ବର୍ଷ ବର୍ଷ ଧରି ଏହିଯାତ୍ରା କରିଥାନ୍ତି । ରାସ୍ତାରେ ଯିବା ସମୟରେ କାଉଡିଆମାନେ ବୋଲ ବମ, ହରହରବମ ଶବ୍ଦରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ଚଳିତବର୍ଷ ହଜାର ହଜାର ସଂଖ୍ୟାର ଭକ୍ତମାନେ ବୋଲବମ ଯାତ୍ରା କରୁଥିବା ଦେଖିବାକୁ ମିଳିଛି ।

## ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ଜଳ ଉଠାଇଲେ କାଉଡ଼ିଆ



**କୋଣାର୍କ,୧୩ା୭/ଏନ୍ଏନ୍ଏସ୍:** ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ନିମନ୍ତେ ପୁରୁଷ ଓ ମହିଳା କାଉଡ଼ିଆମାନେ ରବିବାର ଚନ୍ଦ୍ରଭାଗା ତୀର୍ଥପୁଷ୍କରିଣୀରୁ ନିଜର ମାନସିକ ପୂରଣ ପାଇଁ ଜଳ ଉଠାଇଛନ୍ତି । ପବିତ୍ର ଶ୍ରାବଣ ମାସରେ ପ୍ରଭୁ ମହାଦେବ ଶିବଙ୍କୁ ଜଳାଭିଷେକ କରିବା ନିମନ୍ତେ ସଂକଳ୍ପକରି ତୀର୍ଥ ପୁଷ୍କରିଣୀରେ ସ୍ନାନକରି ରୀତିନୀତିରେ ପୂଜା ସମ୍ପନ୍ନ କରି ତୀର୍ଥ ପୁଷ୍କରିଣୀରୁ ପବିତ୍ର ସୁଗନ୍ଧିତ ତୀର୍ଥଜଳ କଳସରେ ଭରି ବିଭିନ୍ନ ଫୁଲରେ ସୁସଜ୍ଜିତ ବାହୁଙ୍ଗିରେ ଭାରକରି 'ହର୍ ହର୍ ମହାଦେବ, ବୋଲବମ୍, ହର୍ ହର୍ ବମ୍' ଡାକଦେଇ ଶତାଧିକ ପୁରୁଷ ଓ ମହିଳା କାଉଡ଼ିଆ ରାତିରେ ଧାଡିରେ ବେଳାମାର୍ଗ ରାସ୍ତାଦେଇ ପୁରୀ ଲୋକନାଥ ମନ୍ଦିର, ବେଲେଶ୍ୱର ମନ୍ଦିର ଓ ବାବା ବାଲି କପିଳେଶ୍ୱର ମନ୍ଦିର ଅଭିମୁଖେ ଶ୍ରାବଣୀ ପବିତ୍ର ଜଳ ନେଇ ଯାଉଥିବା ଦେଖିବାକୁ ମିଳିଛି । ସୋମବାର ଭୋର୍‌ରୁ ବିଭିନ୍ନ ଶୈବାଳୟରେ କାଉଡ଼ିଆମାନେ ମହାଦେବ ଶିବଙ୍କ ଲିଙ୍ଗରେ ଜଳାଭିଷେକ କରି ପୂଜାର୍ଚ୍ଚନା କରି ନିଜର ମାନସିକ ସମ୍ପନ୍ନ କରିବେ ।

## ସମୁଦ୍ରରେ ଓଲଟିଲା ମାଛଧରା ଡଙ୍ଗା, ୫ ମତ୍ସ୍ୟଜୀବୀ ଗୁରୁତର

**କୋଣାର୍କ,୧୩ା୭/ଏନ୍ଏନ୍ଏସ୍:** ରବିବାର ସକାଳୁ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର ମତ୍ସ୍ୟଜୀବୀମାନେ ପ୍ରତିଦିନ ପରି ଆଜି ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଉଥିବାବେଳେ ଲଘୁଚାପ ଯୋଗୁଁ ଅଶାନ୍ତ ଥିବା ସମୁଦ୍ରର ଜୁଆର ମାଡରେ ଡଙ୍ଗାଟି ଭାରସାମ୍ୟ ହରାଇ ସମୁଦ୍ରକୂଳରେ ଥିବା ଏକ ପଥରବନ୍ଧରେ ପିଟି ହୋଇ ଇଂଜିନ୍ ଡଙ୍ଗାଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା । ଫଳରେ ସେଥିରେ ଥିବା ୫ଜଣ ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ପଡ଼ିଯାଇ ଡଙ୍ଗା ଆଘାତରେ ଆହତ ହୋଇଥିଲେ । ଡଙ୍ଗା ମଧ୍ୟରେ ଥିବା ଜାଲ, ଡଙ୍ଗା ଇଂଜିନ ସହ ସମସ୍ତ ମାଛଧରା ଆସବାପତ୍ର ମଧ୍ୟ ସମୁଦ୍ର ଗର୍ଭକୁ ଭାସି ଚାଲିଯାଇଥିଲା । ଘଟଣାସ୍ଥଳରେ ଉପସ୍ଥିତ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଆହତଙ୍କୁ ଉଦ୍ଧାର କରିବା ସହ ଡଙ୍ଗା ଏବଂ ଅନ୍ୟାନ୍ୟ ଜିନିଷ ଉଦ୍ଧାରକରି କୂଳକୁ ଆଣିଥିଲେ । ଆହତ ମତ୍ସ୍ୟଜୀବୀମାନଙ୍କୁ ପରିବାର ଲୋକ ପୁରୀ ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି । ସମୁଦ୍ରକୂଳରେ ବିପଦପୂର୍ଣ୍ଣ ଭାବେ ରହିଥିବା ପଥର ବନ୍ଧକୁ ତୁରନ୍ତ ହଟାଇବାକୁ ଚନ୍ଦ୍ରଭାଗା ତେଲୁଗୁବସ୍ତିର ମତ୍ସ୍ୟଜୀବୀମାନେ ବାରମ୍ବାର ପୁରୀ ଜିଲ୍ଲାପାଳ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପ୍ରତିକାର ହୋଇ ନଥିବା ଯୋଗୁ ମତ୍ସ୍ୟଜୀବୀମାନେ କ୍ଷୋଭପ୍ରକାଶ କରିବା ସହ ତୁରନ୍ତ ଏହାର ସମାଧାନ ଦାବି କରିଛନ୍ତି ।



## ବ୍ରାଉନ୍‌ସୁଗର୍ ଜବତ, ଯୁବକ ଗିରଫ

**ଖୋର୍ଦ୍ଧା,୧୩ା୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ସାମନ୍ତରାପୁର ଅଞ୍ଚଳରୁ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ଗୋଟିଏ ମୋଟର ସାଇକେଲ ସମେତ ଜଣେ ଯୁବ ବ୍ୟବସାୟୀଙ୍କୁ ଗିରଫ କରିଥିବା ପୁଲିସ ସୂଚନାରୁ ଜଣାପଡ଼ିଛି । ଖୋର୍ଦ୍ଧା ସହର ବ୍ରାଉନସୁଗର୍ ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ଅନେକ ଯୁବ ବ୍ୟବସାୟୀ ଓ ମହିଳାଙ୍କ ଗିରଫ ପରେ କିଛିଦିନ ଧରି ଖୋର୍ଦ୍ଧା ଶାନ୍ତ ରହିଥିଲା । ବ୍ୟବସାୟୀମାନେ ଖୋର୍ଦ୍ଧା ସହର ମଧ୍ୟରେ ବ୍ୟବସାୟକୁ କମାଇ ଖୋର୍ଦ୍ଧା ଜିଲ୍ଲାର ଆଖପାଖ ଗ୍ରାମାଞ୍ଚଳମାନଙ୍କରେ ଏହି ନିଶା କାରବାରକୁ ବିପୁଳ ଭାବରେ ବିସ୍ତାର କରିଚାଲିଛନ୍ତି । ତେବେ ଖୋର୍ଦ୍ଧା ସାମନ୍ତରା ପୁର ଅଞ୍ଚଳ ବ୍ରାଉନସୁଗାର ବ୍ୟବସାୟୀଙ୍କ ଆଡ୍ଡା ବନିଯାଇଥିବା ବେଳେ ଜିଲ୍ଲା ପୁଲିସ ଅଧିକାରୀ ସାଗରିକା ନାଥ ଏହାର ସୁରାକ ପାଇ ଏହାକୁ ରୋକିବା ପାଇଁ ଆଦର୍ଶଥାନା ଅଧିକାରୀ ସଞ୍ଜୟ ନାୟକ ଏବଂ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଓପିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଦର୍ଶ ଥାନା ପୁଲିସ ଏକ ଟିମ ଗଠନ କରି ଏସ୍‌ଡିପିଓଙ୍କ ନେତୃତ୍ୱରେ ସାମନ୍ତରାପୁର ଅଞ୍ଚଳରେ ଚଢ଼ଉ କରିବା ସମୟରେ ଜଣେ ଯୁବକ ବେଆଇନ ଭାବରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ବେଳେ ଧରା ହୋଇଥିଲା ଏବଂ ତାଙ୍କ ନିକଟରୁ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ଗୋଟିଏ ମୋଟର ସାଇକେଲ ଜବତ କରିଥିବା ଆଦର୍ଶଥାନା ପୁଲିସ ସୂଚନା ଦେଇଥିବା ବେଳେ ଯୁବ ବ୍ୟବସାୟୀଙ୍କ ନାମକୁ ଗୋପନ ରଖିଥିବା ଜଣାପଡ଼ିଛି ।

# ଏଫ୍‌ଏମ୍ ଅଘଟଣକୁ ନେଇ ରାଜନୈତିକ ଝଡ଼

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ




**ଭୁବନେଶ୍ୱର, ୧୩।୭/ଏନ୍‌ଏନ୍‌ଏସ୍:** ଫକୀର ମୋହନ(ଏଫ୍‌ଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣା ପ୍ରସଙ୍ଗରେ ଆଜି ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା । ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୁଲିସଙ୍କ ମଧ୍ୟରେ ପ୍ରାୟ ୧ଘଣ୍ଟା କାଳ ଧସ୍ତାଧସ୍ତି ହେବାପରେ ପୁଲିସ ବ୍ୟାରିକେଡକୁ ଆନ୍ଦୋଳନକାରୀ ମାନେ ଭାଙ୍ଗିଦେଇଥିଲେ । ପଚଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀ ମାନଙ୍କୁ ଉଠାଇ ନେଇଥିଲା । ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି କହିଥିଲେ ଯେ ସୌମ୍ୟାଶ୍ରୀ ବିଶି ଆମହତ୍ୟା ଉଦ୍ୟମ ଘଟଣାରେ ସଂପୂର୍ଣ୍ଣଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପୁଲିସ ପ୍ରଶାସନ ଦାୟୀ । ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏ ସମଗ୍ର ଘଟଣ ।ପାଇଁ ତୁରନ୍ତ ଇସ୍ତଫା ଦିଅନ୍ତୁ । ଓଡ଼ିଶାରେ ସରକାରୀ ଓ ବେସରକାରୀ ଶିକ୍ଷାବିଭାଗର କ୍ୟାମ୍ପସରେ ଛାତ୍ରୀ ଅସୁରକ୍ଷିତ । ସୁତରାଂ କ୍ୟାମ୍ପସରେ ସୁରକ୍ଷା ଦେଇପାରୁନଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଯୁବ କଂଗ୍ରେସ ଦାବି କରୁଛି । ସେହିଭଳି ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଥିଲେ ଯେ ପୀଡ଼ିତା ନ୍ୟାୟ ପାଇବାପାଇଁ କଲେଜର ଅଧ୍ୟକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି । କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ । ଶେଷରେ ହତାସ ହୋଇ ସେ ଆତ୍ମଦାହ କରିବା ପାଇଁ ନିଷ୍ପତ୍ତି ନେଲେ । ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଥିଲେ ଯେ ପୀଡ଼ିତା ପ୍ରତି ଅନ୍ୟାୟ କରିଥିବା ଅଧ୍ୟାପକ ଓ ଅଧ୍ୟକ୍ଷକଙ୍କୁ ଚାକିରିରୁ ବରଖାସ୍ତ କରାଯାଉ । ଅଧ୍ୟକ୍ଷଙ୍କୁ ଗିରଫ କରାଯାଉ । ଅଭିଯୋଗ ପାଇଲାପରେ ସ୍ଥାନୀୟ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଥାନା ଅଧିକାରୀଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ନିହାର ବେହେରା, ତୁଷାରକାନ୍ତି ତପସ୍ୱୀ, ମହମ୍ମଦ ଗୁଲଫାମ, ବଳରାମ ନନ୍ଦ, ବିରଞ୍ଚି ବାରିକ, ସାହାରୁଖ ଖାନ, ଆଶିଷ ମହାନ୍ତ, ସୁନିଲ ସାହୁ ଗାନ୍ଧୀ, ଲିପିକା ପାତ୍ର, ଲିପ୍ସା ନାୟକ, ସାଗର ପଟ୍ଟନାୟକ, ରଣଜିତ ସେନାପତି, ଆଦିତ୍ୟ ପାତ୍ର, ବାଦଲ ନାୟକ, ରାଜେଶ ଦାଶ, ସୁରଜ ରାଉତ, କାର୍ତ୍ତିକେଶ୍ୱର କାଣ୍ଡି, ଜଗଦିଶ ରାଉତ, ପବିତ୍ର ସେଠୀ, ପ୍ରଶାନ୍ତି ପରମାଣିକ, ବାବୁଲ ଲିପୁ, ତାପସ ଦେଓ, ଚଣ୍ଡି ପ୍ରସାଦ ମହାପାତ୍ର, ମହମ୍ମଦ ତାକ୍ୟୁଇନ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ରାଜରାସ୍ତାରେ ଗର୍ଜିଲା ଯୁବ ଓ ଛାତ୍ର ବିଜେଡି



**ଭୁବନେଶ୍ୱର, ୧୩।୭/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ନେଇ ରବିବାର ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଛି । ବିଧାୟକ ଡ.ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡି ଯୁବ ଓ ଛାତ୍ର ସଂଗଠନ ତରଫରୁ ଏହି ଘେରାଉ କରାଯାଇଥିଲା । ଛାତ୍ରୀ ଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ । ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ଆମ ପାଇଁ ଛାତ୍ରୀର ସୁରକ୍ଷା ଓ ସମ୍ମାନ ସର୍ବଉପରେ । ଏହି ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଲଢେଇ ଜାରି ରଖିବ ବୋଲି କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଧୃତିରଂଜନ ମାର୍ଥା, ଏଲିନା ଦାସ, ବିଜୟ କେତନ ସାହୁ, ଜ୍ୟୋସ୍ନାମୟୀ ପରିଡା, ସୁଭ୍ରାଂଶୁ ନାରାୟଣ ମିଶ୍ର, ତାରିଣୀ ପ୍ରସାଦ ନାୟକ, ଇପ୍ସିତା ସାହୁ, ରଶ୍ମିରେଖା ମଲ୍ଲିକ, ମିକୁ ପ୍ରଧାନ, ପ୍ରଦୋଷ ପରିଡା, ସୁଜିତ ପାଲଟାସିଂହ, ଛବି ମହାଲି, ଦିଲ୍ଲୀପ ସେନାପତି, ଶୁଭ୍ରଜିତ ପାଢୀ, ରଶ୍ମୀରଂଜନ ଦାସ, ଅବିନାଶ କୁମାର ପ୍ରଧାନ, ବାସୁଦେବ ଶାହା, ଏସ୍କେ ଅମିର ମହମ୍ମଦ, ମହୀକ୍ଷିତା ମିଶ୍ର, ସୋନାଲି ପ୍ରିୟଦର୍ଶିନୀ, ଲଗ୍ନାଦିପ୍ ମିଶ୍ର, ସତ୍ୟଜିତ ପଟ୍ଟନାୟକ, ଅଫ୍‌ତାବ ଆଲମ ଖାନ୍, ଆଶୀଷ ସାହୁ, ପୃଥ୍ୱୀରାଜ ପଣ୍ଡା, ଦୀପକ ସାହୁ, ସୌମ୍ୟରଂଜନ ତ୍ରିପାଠୀ, ଦୀପକ ମହାପାତ୍ର, ନୀଳମାଧବ ମହାନ୍ତି, ସୌଭାଗିନୀ ସାହୁ, କିଶୋର ବେହେରା, ସୌମ୍ୟ ସାର୍ଥକ ରାୟ, ମନୋଜ ମହାନ୍ତି, ଅସ୍ମିତ୍ ଦାସ, ଦେବୁ ରାଉତରାୟ, ଯୋଗେଶ ଜେନା, ସମିମ୍ ଅଖତାର, ରକି ଦାସ, ଅସିମ ମହାନ୍ତି, ତାବରେଜ୍ ଖାନ୍, ସ୍ନେହାଶିଷ ଜେନା, ସତ୍ୟଜିତ ସାହୁ, ସଂକେତ ରାୟ, ମନୋରଂଜନ ସ୍ୱାଇଁ, ଅମିତ ଜେନା, ପ୍ରକାଶ ଦଳାଇ, ସନ୍ତୋଷ ମହାପାତ୍ର, ସଂଜୀବ ପୃଷ୍ଟି, ସୁମନ ବେହେରା ଓ ସୁଚିସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାରଙ୍କୁ ଟାର୍ଗେଟ୍ କଲା ମହିଳା କଂଗ୍ରେସ



**ଭୁବନେଶ୍ୱର, ୧୩।୭/ଏନ୍‌ଏନ୍‌ଏସ୍:** ଏଫ୍‌ଏମ୍ କଲେଜ ଅଘଟଣକୁ ନେଇ ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ମହିଳା କଂଗ୍ରେସ । ଅଘଟଟୁ ନେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ମହିଳା କଂଗ୍ରେସ । ଉକ୍ତ ଘଟଣାର ବାସ୍ତବତା ପରଖିବା ପାଇଁ ପିସିସି ପକ୍ଷରୁ ଏକ ମହିଳା ଅନୁଧ୍ୟାନ କମିଟି ଗଠନ କରାଯାଇଛି । ଉକ୍ତ ସାମ୍ବାଦିକ ସମିଳନୀରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି, 'ଫକୀର ମୋହନ କଲେଜରେ ଯେଉଁ ଘଟଣା ଘଟିଛି ଆମେ ଏହାକୁ ନିନ୍ଦା କରୁଛୁ । ଜଣେ ଛାତ୍ରୀ ଅସହାୟ ହୋଇ ଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି । ଆତ୍ମହତ୍ୟା କରିଥିବା ଛାତ୍ରୀ ତାଙ୍କ ଉପରେ ହୋଇଥିବା ନିର୍ଯାତନା ପ୍ରସଙ୍ଗରେ ସାଂସଦ, ବିଧାୟକ, ପୁଲିସ ସମସ୍ତଙ୍କୁ ଜଣାଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ ନେଲେନାହିଁ । ଏହାସହ ସମ୍ପୃକ୍ତ ଛାତ୍ରୀ ଟ୍ୱିଟ ମାଧ୍ୟମରେ ମଧ୍ୟ କେନ୍ଦ୍ର ଉଚ୍ଚ ଶିକ୍ଷମନ୍ତ୍ରୀ, ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ, ହେଲେ ସେମାନେ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇନାହାନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷ ମନ୍ତ୍ରୀ ତୁରନ୍ତ ନିଜ ପଦରୁ ଇସ୍ତାଫା ଦିଅନ୍ତୁ । ଏହାସହ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସର ଭୁକ୍ତ କରାଯାଉ ବୋଲି ଦାବି କରିଛି କଂଗ୍ରେସ । ଛାତ୍ରୀଙ୍କୁ ତୁରନ୍ତ ନ୍ୟାୟ ଦିଆଯାଉ ଏବଂ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ । ଏହାସହ ମହିଳା ସିଟିଂ ଜଜ୍‌ଙ୍କ ତତ୍ୱାବଧାନରେ ଏକ ତଦନ୍ତ କମିଟି ମଧ୍ୟ ଗଠନ କରାଯାଉ ବୋଲି ମୀନାକ୍ଷୀ ବାହିନୀପତି ଦାବି କରିଛନ୍ତି । ଅନ୍ୟପକ୍ଷରେ ପିସିସି ସଭାପତି ଗଠନ କରିଥିବା କମିଟି ଆସନ୍ତାକାଲି ବାଲେଶ୍ୱର ଗସ୍ତକରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବେ । ଏହି କମିଟିରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ନାରୀ ନ୍ୟାୟ ବାହିନୀ ଅଧ୍ୟକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦୋଷ, ବିଧାୟିକା ମଧୁସ୍ମିତା ସେଠୀ, ପ୍ରଣତୀ ମିଶ୍ର, ଜୟଶ୍ରୀ ପାତ୍ର, ଡା. ଦେବସ୍ମିତା ଶର୍ମା, ସୁସ୍ମିତ ଘୋଷ ପ୍ରମୁଖ ସ୍ଥାନ ପାଇଛନ୍ତି ।

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ



**ଭୁବନେଶ୍ୱର, ୧୩।୭/ଏନ୍‌ଏନ୍‌ଏସ୍:** ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ରାଜ୍ୟପାଳଙ୍କୁ ଚିଠି ଲେଖି ବିଶ୍ୱବିଦ୍ୟାଳୟ କୁଳାଧିପତି ଭାବେ ସେ (ରାଜ୍ୟପାଳ) ଛାତ୍ରୀ ଜଣଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି ନବୀନ । ଛାତ୍ରୀ ଜଣଙ୍କ ପ୍ରିନ୍ସିପାଲଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କିପରି ତାଙ୍କୁ ନ୍ୟାୟ ପାଇବାରୁ ବଞ୍ଚିତ କରାଗଲା । ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ବଞ୍ଚି ରହିଥିଲେ । ନିବେଦନ କରି ସେ ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ୍ କରିଥିଲେ । ଶେଷ ପ୍ରୟାସ ବିଫଳ ହେବାରୁ ପ୍ରିନ୍ସିପାଲଙ୍କ ଚାମ୍ବର ବାହାରେ ଆତ୍ମାହୁତି ଉଦ୍ୟମ କଲେ ବୋଲି ନବୀନ ଲେଖିଛନ୍ତି ।

## 'ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ'



**ଭୁବନେଶ୍ୱର, ୧୩।୭/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀଙ୍କ ଆତ୍ମହୁତି ଉଦ୍ୟମ ଘଟଣାରେ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଛାତ୍ରୀ ଜଣକ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ ଏବଂ ଅଧ୍ୟାପକ ଜଣକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଁଥିଲେ ବୋଲି ଅଧ୍ୟକ୍ଷଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ । ଏହା ବ୍ୟତୀତ ଜୁଲାଇ ୧ ତାରିଖ ଦିନ ସେ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ଅଭିଯୋଗ ବିଷୟରେ ଅବଗତ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏମାନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । କିନ୍ତୁ, ଗତକାଲି ସେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବା ପର୍ଯ୍ୟନ୍ତ କୌଣସି ଉତ୍ତର ପାଇ ନଥିଲେ । ଦୁଃଖ ଓ ପରିତାପର ବିଷୟ ପୀଡ଼ିତାଙ୍କ ଅଭିଯୋଗକୁ ଅଣଦେଖା କରି ଆସୁଥିବା ରାଜ୍ୟ ସରକାର ଆତ୍ମାହୁତି ଭଳି ଏକ ଦୁଃଖଦ ଘଟଣା ଘଟିଗଲା ପରେ ହଠାତ ତତ୍ପର ହୋଇ ଉଠିଛନ୍ତି । ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରିବା ସହିତ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ଦାବି କରୁଛନ୍ତି । ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ଉପରେ ନିର୍ଯାତନା ଅହେତୁକ ବୃଦ୍ଧି ପାଇଥିବା ବେଳେ ପୀଡିତା ଛାତ୍ରୀଙ୍କ ଆତ୍ମାହୁତି ଘଟଣା ସଦ୍ୟତମ ଉଦାହରଣ ଭାବେ ଲୋକଲୋଚନକୁ ଆସିଛି । ରାଜ୍ୟ ସରକାର ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଡ଼ଃ ମହାନ୍ତି ଦାବି କରିଛନ୍ତି ।

## 'ତଦନ୍ତ ରିପୋର୍ଟ ଆସିଲେ ଆକ୍ସନ୍'



**ଭୁବନେଶ୍ୱର, ୧୩।୭/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ରବିବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏମ୍ସ,ଭୁବନେଶ୍ୱର ଯାଇ ପୀଡିତାଙ୍କୁ ଭେଟିଛନ୍ତି । ଆଉ ଡାକ୍ତରୀ ଟିମ୍ ସହ ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଛନ୍ତି ଦୁଇ ମନ୍ତ୍ରୀ ।

ଏମ୍ସରୁ ବାହାରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ମାମଲାରେ ୨ ଜଣଙ୍କୁ ନିଲମ୍ବନ ଓ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଯାହାକୁ ବହିଷ୍କାର କରାଯିବା କଥା କରାଯିବ । ଏହାସହ ଘଟଣାରେ ଅଧିକ ତଦନ୍ତ ପାଇଁ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍ ବାଲେଶ୍ୱର ଯାଇଛନ୍ତି । ତଦନ୍ତ ରିପୋର୍ଟ ଆସିଲା ପରେ ଦୋଷୀଙ୍କ ବିରୋଧରେ ଆକ୍ସନ୍ ନିଆଯିବ । କଠୋର ପଦକ୍ଷେପ ନେବାରେ ଅବହେଳା କରାଯିବ ନାହିଁ । ଅନ୍ୟପଟେ ଏମ୍ସରେ ପୀଡିତା ଛାତ୍ରୀଙ୍କୁ ଭେଟିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଛାତ୍ରୀଙ୍କୁ ବଞ୍ଚାଇବା ପାଇଁ ସମସ୍ତ ଚେଷ୍ଟା ଚାଲିଛି । ଲଗାତର ଭାବେ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ଏମ୍ସର ବରିଷ୍ଠ ଡାକ୍ତରମାନେ ନଜର ରଖିଛନ୍ତି ।



ଭୁବନେଶ୍ୱର ଏମ୍ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱର ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେଉଛନ୍ତି



ନୂଆଦିଲ୍ଲୀରୁ ଫେରିବା ପରେ ଭୁବନେଶ୍ୱର ବିମାନବନ୍ଦର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତ୍ତି ରଖୁଛନ୍ତି

ଓଡ଼ିଶାରେ ପ୍ରଥମ

## ମହିଳା ଆଇଏଏସ୍‌ଙ୍କ ମହିଳା ଡ୍ରାଇଭର



**ଭୁବନେଶ୍ୱର, ୧୩।୭/ଏନ୍‌ଏନ୍‌ଏସ୍:** ରାଜ୍ୟରେ ପ୍ରଥମ ଥର ପାଇଁ ସରକାରୀସ୍ତରରେ ଜଣେ ମହିଳା ସରକାରୀ ଗାଡି ଡ୍ରାଇଭର ବନି ଇତିହାସ ରଚିଛନ୍ତି । ବରିଷ୍ଠ ଆଇଏଏସ୍ ଅଫିସର ତଥା ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀଙ୍କ ସରକାରୀ ଗାଡ଼ି ଚଲାଇ,ସରକାରୀ ଗାଡ଼ି ଚଲାଇଥିବା ଓଡ଼ିଶାର ପ୍ରଥମ ମହିଳା ଡ୍ରାଇଭର ବନିଛନ୍ତି ସନ୍ଧ୍ୟା ରାଣୀ ମାଝୀ । ସରକାରୀ ଭାବରେ ଡ୍ରାଇଭର ପଦବୀ ଲାଗି କେବଳ ପୁରୁଷମାନେ ହିଁ ନିଯୁକ୍ତି ପାଇଥାନ୍ତି । ବେସରକାରୀ ସ୍ତରରେ ଅଟୋ କିମ୍ବା ଅନ୍ୟ ବ୍ୟକ୍ତିଗତ ଗାଡ଼ିରେ ମହିଳାମାନେ ଡ୍ରାଇଭିଂ କରୁଥିବାବେଳେ ସରକାରୀ ସ୍ତରରେ ଏବେ ଓଡିଶାରେ ପ୍ରଥମ ଥର ପାଇଁ ମହିଳା ଗାଡି ଚଲାଇବେ । ଉଷା ପାଢ଼ୀଙ୍କର ସରକାରୀ ଗାଡିର ଡ୍ରାଇଭର ଭାବରେ ସଂଧ୍ୟାରାଣୀ ନିଯୁକ୍ତି ପାଇଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସ୍ତରରେ ଓଡ଼ିଶାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରି ଆସିଥିବା ଆଇଏଏସ୍ ଅଫିସର ଶ୍ରୀମତୀ ପାଢ଼ୀ ଓଡ଼ିଶାରେ ସରକାରୀ କ୍ଷେତ୍ରରେ ପ୍ରଥମ ମହିଳା ଡ୍ରାଇଭର ନିଯୁକ୍ତି ଦେଇ ଏକ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି ।

ଛତିଆ ବୈରୀସ୍ଥିତ ପ୍ରଶିକ୍ଷଣ କେନ୍ଦ୍ରରୁ ତାଲିମ ପ୍ରାପ୍ତ ହେବା ପରେ ମୟୂରଭଞ୍ଜର ସନ୍ଧାରାଣୀ ପ୍ରଥମ ସରକାରୀ ଡ୍ରାଇଭର ଭାବରେ ନିଯୁକ୍ତି ପାଇଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଆମ ବସ୍ ଏବଂ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମର ବସଗୁଡିକରେ ପୂର୍ବରୁ ମହିଳାମାନଙ୍କୁ କଣ୍ଡକ୍ଟର ଭାବରେ ନିଯୁକ୍ତି ଦିଆଯାଇଛି । ଏବେ ସରକାରୀ ଗାଡି ଚାଳକ ବା ଡ୍ରାଇଭର ଭାବରେ ସଂଧ୍ୟାରାଣୀଙ୍କ ନିଯୁକ୍ତି ପ୍ରଥମ ।

ପ୍ରତ୍ୟେକ ବର୍ଷ ପ୍ରାୟ ୫ ଶହ ମହିଳାଙ୍କୁ ଡ୍ରାଇଭର ଭାବରେ ପ୍ରଶିକ୍ଷିତ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି କରିଛି । ଲିଙ୍ଗଗତ ପ୍ରଭେଦ ଦୂର କରି ମହିଳା ସଶକ୍ତିକରଣ ଓ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଏହା ଏବେ ବଡ ପରିବର୍ତ୍ତନ । ଏକ ବଡ଼ ଅଭିଯାନ ସ୍ୱରୂପ ଉଷା ପାଢ଼ୀଙ୍କ ନେତୃତ୍ୱରେ ବାଣିଜ୍ୟ ଓ ପରିବହନ ବିଭାଗ ଏହି କାର୍ଯ୍ୟକ୍ରମ ହାତକୁ ନେଇଛି । ପ୍ରଥମ ସରକାରୀ ମହିଳା ଡ୍ରାଇଭର ଭାବରେ ସନ୍ଧ୍ୟା ରାଣୀ ମାଝୀ ଏକ ନୂଆ କାହାଣୀ ସୃଷ୍ଟି କରି ବହୁତ ଖୁସି ଅଛନ୍ତି ।

ହିନ୍ଦୋଳ ବ୍ଲକ ମଦ ମୃତ୍ୟୁ ଘଟଣା

## ମୃତକଙ୍କ ପରିବାରକୁ ଭେଟିଲା ବିଜେଡି



### ୧୦ ଲକ୍ଷ ଟଙ୍କାର ସହାୟତା ଦେବାକୁ ଦାବି

**ହିନ୍ଦୋଳ, ୧୩।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ପରିବାରକୁ ରବିବାର ଭେଟିଛନ୍ତି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ । ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ବିଜେଡି ଦାବି କରିଛି । ଏହା ସହିତ ଚୋରାମଦ କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ଜୋର ଦେଇଛି ।

ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ମିଲୁ ସାମଲ ଓ ପ୍ରଫୁଲ୍ଲ ସାମଲଙ୍କ ପରିବାରକୁ ଭେଟି ସମବେଦନା ଜଣାଇ ସହ ପ୍ରଶାସନିକ ଦାୟିତ୍ୱହୀନତାକୁ ବିଜେଡିର ପ୍ରତିନିଧି ମଣ୍ଡଳୀ କଡ଼ା ନିନ୍ଦା କରିଛି । ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ନକରି ମେଡିକାଲରୁ ଘରକୁ ଫେରାଇ ଦିଆଯାଇଥିଲା । ଏଥିରୁ ସ୍ପଷ୍ଟ ଜଣାପଡୁଛି ଏ ସରକାର ବିଷାକ୍ତ ମଦ ମୃତ୍ୟୁକୁ ଚପାଇଦେବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି । ଏହି ଅଞ୍ଚଳରେ କିଭଳି ଚୋରା ମଦ କାରବାର ବନ୍ଦ ହେବ ସେ ଦିଗରେ ସରକାର ଦୃଢ ପଦକ୍ଷେପ ନେବା ପାଇଁ ବିଜୁ ଜନତା ଦଳ ଦାବି କରିଛି ।

ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ମହେଶ ସାହୁ, ମୁଖପାତ୍ର ନାରାୟଣ ଜେନା, ଜିଲ୍ଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ଦେବୀପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ଦାସ, ମିଳନ ରାଉତ ଓ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।



ଆଶୁତୋଷନଗର ୱେଲ୍‌ଫେୟାର୍ ଆସୋସିଏସନ୍ ତରଫରୁ ଆଶୁତୋଷନଗର କଲୋନୀରେ ବୃକ୍ଷରୋପଣ

# ନିଖିଳ ଭାରତ ସେବା ସଂଘର ସାଧାରଣ ଅଧିବେଶନ

**କଟକ,୧୩।୭/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଖିଳ ଭାରତ ସେବା ସଂଘର ସାଧାରଣ ଅଧିବେଶନ ସଂଘର ସଭାପତି ଭାସ୍କର ଚନ୍ଦ୍ର ନାୟକଙ୍କ ପୌରୋହିତ୍ୱରେ ବାଖରାବାଦସ୍ଥିତ ଗାନ୍ଧୀଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ରତିକାନ୍ତ ମହାପାତ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଚାରପତି ବିଜୟ କୁମାର ରାଉତରାୟ, ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ପଣ୍ଡା ଏବଂ ଆଇନଜୀବୀ ଅମିତ ପ୍ରସାଦ ବୋଷ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଦିବଂଗତ ସଭ୍ୟା ସଂଘମିତ୍ରା ମଲ୍ଲିକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍‌ର ନିରବ ପ୍ରାର୍ଥନା କରାଯାଇଥିବାବେଳେ ସଂଘର ସାଧାରଣ ସମ୍ପାଦକ ଦେବଦତ୍ତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅଧିବେଶନରେ ଉପଦେଷ୍ଟା ଶ୍ରୀଧର ଦାସ, ରମଣୀ ରଞ୍ଜନ ଦାସ, ମହେନ୍ଦ୍ରନାଥ ଓଝା, ରାମଚନ୍ଦ୍ର ସାହୁ, ଭୁବନାନନ୍ଦ ପଣ୍ଡା, ସ୍ୱର୍ଣ୍ଣପ୍ରଭା ଗ୍ରହାଚର୍ଯ୍ୟା, ଉପସଭାପତି ଧରଣୀଧର ଦାସ, ଯୁଗ୍ମସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅଡିଟର ବିଜୟ କୁମାର ଧଳ, କାର୍ଯ୍ୟନିର୍ବାହୀ ସଦସ୍ୟ ଝରାଶ୍ରୀ ଦାସ, ଅକ୍ଷୟ କୁମାର ନାୟକ, ଅନିମା ସ୍ୱାଇଁ, ମନୋରାମା ସାହୁ, ସିଲା ସିଂହ, ନିତ୍ୟାନନ୍ଦ ନନ୍ଦ, ରବିନାରାୟଣ ମହାନ୍ତି, ଆଦିକନ୍ଦ ସାହୁ, ରାଜେଶ କୁମାର ପାତ୍ର, ଜଗଦୀଶ ମହାପାତ୍ର, ଅମୂଲ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ବବିତା ଦାଶ ଅତିଥି ପରିଚୟ ଓ ଝରାଶ୍ରୀ ଦାସ ଧନ୍ୟବାଦ୍ ଦେଇଥିଲେ ।

# କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

**କଟକ,୧୩।୭/ଏନ୍‌ଏନ୍‌ଏସ୍:** କର୍ମବୀର ଗୌରୀଶଙ୍କର ରାୟଙ୍କର ୧୮୭ତମ ଜୟନ୍ତୀ ଉପଲକ୍ଷେ କର୍ମବାର ଗୌରୀଶଙ୍କର ରାୟ ସ୍ମୃତିସଂସଦ, କଟକ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମଙ୍କର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୌରୀଶଙ୍କର ପାର୍କ, କାୟସ୍ଥ ସଭା, ଟାଉନହଲ୍, ଶ୍ରୀରାମଚନ୍ଦ୍ର ଭବନ, ରେଭେନ୍ସା କଲିଜିଏଟ୍ ସ୍କୁଲ ଓ ପ୍ୟାରୀମୋହନ



ଏକାଡେମୀରେ କର୍ମବୀରଙ୍କର ପ୍ରତିମୂର୍ତ୍ତିଙ୍କ ସହ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ପ୍ରାରମ୍ଭରେ ଚୌଧୁରୀ ବଜାର ସ୍ଥିତ ଗୌରୀଶଙ୍କର ପାର୍କଠାରେ ତାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଥିଲା ।ଏହି ଅବସରରେ ସେଠାରେ ଏକ ସ୍ମୃତିଚାରଣ ସଭା ସ୍ମୃତି ସଂସଦର ବରିଷ୍ଠ ସଦସ୍ୟ ଡ଼ଃ.ବିଜୟାନନ୍ଦ ସିଂହ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ଚନ୍ଦ୍ର ସିଂହ, କଟକ ସଦର ଉପ ଜିଲ୍ଲାପାଳଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଅଭିରାମ ଦାସ, ସମାଜସେବୀ ଲୋକରଞ୍ଜନ ମହତାବ, ଇଂ.ଜଗନ୍ନାଥ ବୋଷ, ଚିତ୍ରଶିଳ୍ପୀ ରବିନାରାୟଣ ରଥ, ଡ଼ଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବିକାଶ ଘୋଷ, ତୁଷାରକାନ୍ତି ବୋଷ, ମାନସ ରଞ୍ଜନ ପରିଡା, ଚିରଞ୍ଜିତ୍ ଓ ତନ୍ମୟଜିତ୍ ପ୍ରମୁଖ ଗୌରୀ ଶଙ୍କର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରି ତାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସ୍ମୃତିସଂସଦର ସମ୍ପାଦକ ଇନ୍ଦ୍ରଜିତ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଗଠନ ସମ୍ପାଦକ ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ୍ ଦେଇଥିଲେ ।

# ‘ଶକ୍ତି ସମ୍ମାନ’ ଶୀର୍ଷକ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୩।୭/ଏନ୍‌ଏନ୍‌ଏସ୍:** ଭାରତୀୟ ଶିଳ୍ପ ମହାସଂଘର ଇଣ୍ଡିଆନ ୱମେନ ନେଟ୍‌ୱର୍କ (ସିଆଇଆଇ ଆଇଡବ୍ଲ୍ୟୁଏନ) ଓଡ଼ିଶା ପକ୍ଷରୁ ‘ଶକ୍ତି ସମ୍ମାନ’ ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପର ବରିଷ୍ଠ ବ୍ୟକ୍ତି ବିଶେଷ, ସରକାରୀ ପ୍ରତିନିଧି ଓ ସଫଳ ମହିଳା ଉଦ୍ୟୋଗୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ଓଡିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ଉପସ୍ଥିତି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଓ ସ୍ୱୀକୃତି ଦିଗରେ ସଫଳତାକୁ ଆହୁରି ପ୍ରୋତ୍ସାହିତ କରିଛି । ଏହି କାର୍ଯ୍ୟକ୍ରମର ଅନ୍ୟତମ ବହୁପ୍ରତିକ୍ଷୀତ ଅଂଶ ଥିଲା ‘ଶକ୍ତି ସମ୍ମାନ ୨୦୨୫’ । ଉନ୍ନୟନ କମିଶନର, ଅନୁ ଗର୍ଗ ଯୋଗଦେଇ ସମାବେଶୀ ବିକାଶ ପାଇଁ ଏକାଭିମୁଖତା, ଯୋଜନା ଓ ସମ୍ବଳ ବିକାଶ କ୍ଷେତ୍ରରେ ରାଜ୍ୟର ପ୍ରୟାସଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ସିଆଇଆଇ ଆଇଡବ୍ଲ୍ୟୁଏନର ଅଧକ୍ଷା ଜୁବିନା ଅଲୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ନେତୃତ୍ୱ ମାଧ୍ୟମରେ ସଶକ୍ତୀକରଣ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧକ୍ଷ ସୁନୀଲ ଗୁପ୍ତା ଥିମ ଅଭିଭାଷଣ ପ୍ରଦାନ କରିବା ପରେ ସାଇ ବାୟୋକେୟାର ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମୋନାଲିସା ପଣ୍ଡା ଏବଂ ସିଆଇଆଇ ନର୍ଥ ଓଡ଼ିଶା ଜୋନାଲ କାଉନ୍‌ସିଲ୍‌ର ଉପାଧକ୍ଷ ସୁଦ୍ଧି ରଞ୍ଜନ ମିଶ୍ର ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଉପାଧକ୍ଷ ଜି ସୁରେଶ ଧନ୍ୟବାଦ୍ ଦେଇଥିଲେ ।

## ‘ଏକ୍ସସିଏମ୍‌ଜି ଜୁଝୋଉ’ର ନବସୃଜନ

# ବୈଦ୍ୟୁତିକ ଚକ ଲୋଡର୍, ରାସ୍ତା ନିର୍ମାଣ ଯନ୍ତ୍ରପାତି ଉନ୍ମୋଚିତ

**ଭୁବନେଶ୍ୱର,୧୩।୭/ଏନ୍‌ଏନ୍‌ଏସ୍:** ନିର୍ମାଣ ଯନ୍ତ୍ରପାତି ଶିଳ୍ପର ଏକ ବିଶ୍ୱସ୍ତରୀୟ ସଂସ୍ଥା ଏକ୍ସସିଏମ୍‌ଜି ଜୁଝୋଉ ପକ୍ଷରୁ ଭୁବନେଶ୍ୱରରେ ନବସୃଜନ(ନୂତନ ମେସିନ୍)ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତ୍ୟାଧୁନିକ ପରିସରର ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଯନ୍ତ୍ରପାତି ଯଥା ବୈଦ୍ୟୁତିକ ଚକ ଲୋଡର୍, ଉନ୍ନତ ବିଏସ୍ ୫ ଅନୁପାଳିତ ଚକ ଲୋଡର୍ ଏବଂ ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଯନ୍ତ୍ରପାତି ଆଦି ଅନ୍ତର୍ଭୁକ୍ତ । ଚୀନ୍‌ରେ ୧୯୪୩ ମସିହାରେ ପ୍ରତିଷ୍ଠିତ ଏହି ସଂସ୍ଥା ବିଶ୍ୱସ୍ତରରେ ସମ୍ମାନଜନକ ୪ ନମ୍ବର ସ୍ଥାନ ଅଧିକାର କରିଛି ।

ଉପରୋକ୍ତ ମେସିନ୍‌ଗୁଡ଼ିକ ମାଟି ଘୁଞ୍ଚାଇବା, ସଠିକ୍ ଗ୍ରେଡିଂଠାରୁ ଆରମ୍ଭ କରି ଦକ୍ଷ ଡାମରାଲ୍ଲ ଓ କଂକ୍ରିଟ୍ ବିଛାଇବା, ଉନ୍ନତ କମ୍ପାକ୍ସନ୍ ଏବଂ ସକ୍ରିୟ ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ ଭାରତର ମହତ୍ୱାକାଂକ୍ଷୀ ଭିତ୍ତିଭୂମି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ବୋଲି କୁହାଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ଏକ୍ସସିଏମ୍‌ଜି ନିର୍ଦ୍ଦେଶକ (ବିକ୍ରୟ, ମାର୍କେଟିଂ ଏବଂ ବିକ୍ରୟ ପରବର୍ତ୍ତୀ) ସେଝିୟାନ୍ ମାନିକମ୍ କହିଛନ୍ତି ଯେ ଏହି ନବନିର୍ମିତ ମେସିନ୍‌ଗୁଡ଼ିକ ଅତ୍ୟାଧୁନିକ ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ, ଦୀର୍ଘ ସ୍ଥାୟୀତ୍ୱ ଏବଂ ଅତୁଳନୀୟ ଗୁଣବତ୍ତାକୁ ଗୁରୁତ୍ୱ ଦେଇଥାଏ । ସେହିପରି ଏକ୍ସସିଏମ୍‌ଜି ପରିଚାଳନା ନିର୍ଦ୍ଦେଶକ ଟୁ ହୁଇ (ରାଫେଲ୍ ଟୁ) କହିଛନ୍ତି ଯେ ଆଜି ଆମେ କେବଳ ଏକ ମେସିନ୍ ଲଞ୍ଚ୍ କରୁନାହୁଁ; ଆମେ ଆଗାମୀ ଦିନ ପାଇଁ ସଲିଡ୍ ଇନୋଭେସନ୍ ସହିତ ସ୍ୱଚ୍ଛ ଏବଂ ଶକ୍ତିଶାଳୀ କାର୍ଯ୍ୟର ଏକ ନୂତନ ଯୁଗ ଆରମ୍ଭ



କରୁଛୁ । ‘ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀତ୍ୱ ପ୍ରତି ଆମର ପ୍ରତିବଦ୍ଧତା ଏହି ନୂତନ ପ୍ରସ୍ତାବଗୁଡ଼ିକର ସର୍ବୋଚ୍ଚ ସ୍ଥାନରେ ରହିଛି, ଯାହା ଭାରତର ମହତ୍ୱାକାଂକ୍ଷୀ ଭିତ୍ତିଭୂମି ଲକ୍ଷ୍ୟ ଏବଂ ସ୍ୱଚ୍ଛ ନିର୍ଗମନ ଦିଗରେ ଏହାର ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱୟ ରଖିଛି । ଏହି କାର୍ଯ୍ୟକ୍ରମରେ ଏକ୍ସସିଏମ୍‌ଜି ପରିଚାଳନା ନିର୍ଦ୍ଦେଶକ ଟୁ ହୁଇ (ରାଫେଲ ଟୁ)ଙ୍କ ସମେତ ଝାଙ୍ଗ କ୍ୱିସେଙ୍ଗ, ସେଝିୟାନ୍ ମାନିକମ୍, ଏକ୍ସସିଏମ୍‌ଜିର ଦକ୍ଷିଣ ଏସିଆ ନିର୍ଦ୍ଦେଶକ ଲି ୱେଇ (କ୍ରିସ୍ ଲି), ଡିଲର୍ ପ୍ରିନ୍ସିପାଲ (ଆଡଭାନ୍ସ ଇଞ୍ଜିନିୟରିଂ, ଓଡ଼ିଶା) ଅନିଲ ମିଶ ଏବଂ କେସିସିଏଲ୍ ଗ୍ରୁପ୍ ଅଫ୍ କମ୍ପାନୀଜ୍ ପରିଚାଳନା ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ସାମଲ ପ୍ରମୁଖ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ ।

# ‘ପିଲାଙ୍କ ପ୍ରତିଭାର ବିକାଶ ପାଇଁ ସୁଯୋଗ ଲୋଡ଼ା’





## ଇଟିକିଲି ମିଟିକିଲି ପୁରସ୍କାର ପ୍ରଦାନ ସମାରୋହ

**ଭୁବନେଶ୍ୱର,୧୩।୭/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ଶିଶୁ ମଧ୍ୟରେ କିଛି ନା କିଛି ପ୍ରତିଭା ଲୁଚି ରହିଛି । ଏହି ପ୍ରତିଭା ପ୍ରଦର୍ଶନ ପାଇଁ ଉପଯୁକ୍ତ ମଞ୍ଚରେ ସୁଯୋଗ ମିଳିଲେ ପିଲାମାନେ ଆମ ରାଜ୍ୟ ପାଇଁ କଳା-ସଂସ୍କୃତି କ୍ଷେତ୍ରରେ ଗୌରବ ଆଣିଦେବେ ବୋଲି ଆଜି ଜୟଦେବ ଭବନଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଇଟିକିଲି ମିଟିକିଲିର ୩୦ତମ ପୁରସ୍କାର ପ୍ରଦାନ ସମାରୋହ ଅବସରରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି । ପୁରସ୍କାର ପ୍ରଦାନ ସମାରୋହକୁ ଶିଶୁ-ପ୍ରତିଭା ସ୍ୱସ୍ତିକ ମିଶ୍ର, ସ୍ଥିତିପ୍ରଜ୍ଞା ମିଶ୍ର, ଦିୟାଂଶୀ ଷଡ଼ଙ୍ଗୀ, ପ୍ରତ୍ୟାଶା ସାହୁ, ସୁଶ୍ରୀ ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ ।

କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ପ୍ରଖ୍ୟାତ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ, ପ୍ରଶାସକ ଓ ସାହିତ୍ୟିକ ନିରଞ୍ଜନ ସାହୁ, ପ୍ରଶାସକ ଓ କବି ପ୍ରଦୀପ କୁମାର ବିଶ୍ୱାଳ, ରୟାଲ କଲେଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଷ୍ଣୁମୋହନ ମହାନ୍ତି, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ପାରାଦ୍ୱୀପ ଫସ୍‌ଫେଟ୍‌ର କର୍ପୋରେଟ୍ ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାରର ଜନସମ୍ପର୍କ ମୁଖ୍ୟ ଅଧିକାରୀ ସଞ୍ଜୟ ସାହୁ, ବିଶିଷ୍ଟ ଶିଳ୍ପ ପରାମର୍ଶଦାତା ପ୍ରଭାସ ଚନ୍ଦ୍ର ନାୟକ, ବିଶିଷ୍ଟ ଶିଳ୍ପଦ୍ୟୋଗୀ ଉଦୟନାଥ ସାହୁ ଓ ମଡେଲ୍ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରଲିପ୍ତା ରାୟ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ପିଲାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୬୧ ଜଣ ଶିଶୁପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଉପସଭାପତି ଚିତ୍ତ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ଅନୁଷ୍ଠାନ ଦୀର୍ଘ ୩୦ ବର୍ଷ ହେଲା ଶହଶହ ଅଭିଭାବକ ଓ ସେମାନଙ୍କର ପିଲାମାନଙ୍କ ସହଯୋଗରେ କିପରି ନିରବଚ୍ଛିନ୍ନ ଭାବରେ ବିଭିନ୍ନ କାର୍ଯ୍ୟଧାରା ବଜାୟ ରଖିଛି ତାହା ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଶିଶୁପ୍ରତିଭା ଶ୍ୱେତପଦ୍ମା ନାରାୟଣୀ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ଯୁବ ସାମ୍ବାଦିକ ହିମାଂଶୁ ଶେଖର ପ୍ରଧାନଙ୍କୁ ଇଟିକିଲି ମିଟିକିଲି ସମ୍ବର୍ଦ୍ଧନା ସମ୍ମାନ ପ୍ରଦାନ କରାଯାଇଥିଲା । ସମାରୋହ ଆରମ୍ଭରେ ଶିଶୁ କଣ୍ଠଶିଳ୍ପୀ ଶାରଦା ପ୍ରସନ୍ନ ରାଉତ ଓ ସିଦ୍ଧିସ୍ମା ବିଦ୍ଧାଣୀ ଜଗନ୍ନାଥଙ୍କ ଭଜନ ପରିବେଷଣ କରିବା ପରେ ମଞ୍ଚରେ ପ୍ରଥମ କାର୍ଯ୍ୟକ୍ରମ ଥିଲା ଏକ ଆକର୍ଷଣୀୟ କୁଇଜ୍ ପ୍ରତିଯୋଗିତା । ଏହାକୁ ପରିଚାଳନା କରିଥିଲେ ବିଶିଷ୍ଟ ଭୂ-ବିଜ୍ଞାନୀ ଜେନାମଣି ସଞ୍ଜିବ କୁମାର । ଏହା ପରେ ପରେ ଶିଶୁ-ନୃତ୍ୟଶିଳ୍ପୀମାନଙ୍କଦ୍ୱାରା ଆକର୍ଷଣୀୟ ଦଳଗତ ନୃତ୍ୟ କାର୍ଯ୍ୟକ୍ରମ ନୃତ୍ୟ-ନୈବେଦ୍ୟ ପରିବେଷଣ କରାଯାଇଥିଲା । ନୃତ୍ୟ କାର୍ଯ୍ୟକ୍ରମକୁ ଶିଶୁପ୍ରତିଭା ଦିୟାଂଶୀ ଷଡ଼ଙ୍ଗୀ ସଂଯୋଜନା କରିଥିଲେ । ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ, ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସମ୍ପାଦକ ପ୍ରିୟଦର୍ଶୀ ଶୁଭକାନ୍ତଙ୍କ ସମେତ ସଦସ୍ୟ ରଜନୀକାନ୍ତ ରାଉତ, ଜ୍ୟୋତିରଞ୍ଜନ ଦାସ, ହରିହର ଶୁକ୍ଳ, ସବିତା ତ୍ରିପାଠୀ, ପ୍ରତ୍ୟୁଷିନୀ ମହାନ୍ତି, ନିଝୁମ ମହାନ୍ତି, ଶିଳ୍ପୀତା ବିଶ୍ୱାଳ, ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# କଟକ ମହାନଗର ଶାନ୍ତି କମିଟିର ବୈଠକ

**କଟକ,୧୩।୭/ଏନ୍‌ଏନ୍‌ଏସ୍:** କଟକ ମହାନଗର ଶାନ୍ତି କମିଟି କର୍ମକର୍ତ୍ତାଙ୍କ ଏକ ବୈଠକ ଦରଘାବଜାରସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ଭିକାରୀ ଦାସ ଚଳିତ ବର୍ଷ ଗଣେଶ ପୂଜା ଓ ବିସର୍ଜନର ତାରିଖ ଘୋଷଣା କରିଥିଲେ । ଅଗଷ୍ଟ ୨୭ ଗଣେଶ ପୂଜା । ଯେଉଁ ମଣ୍ଡପମାନଙ୍କର ଅନନ୍ତବ୍ରତ ବା ଦୁତିଆଘାଣ୍ଟ ପୂଜା ହୁଏ ନାହିଁ, ସେମାନେ ୩୧ ତାରିଖ ରବିବାର ଦିନ ବିସର୍ଜନ କରିବେ । ସେପ୍ଟେମ୍ବର ୬ ଅନନ୍ତବ୍ରତ ପୂଜା ଏବଂ ରବିବାର ଗ୍ରହଣ ପଡୁଥିବାରୁ ସେପ୍ଟେମ୍ବର ୧୪ରେ ବିସର୍ଜନ କରିବେ ଏବଂ ୧୫ ତାରିଖ ଦୁତିଆଘାଣ୍ଟ ପୂଜା ଏବଂ ୨୧ ତାରିଖ ରବିବାର ବିସର୍ଜନ କରାଯିବ ବୋଲି ସ୍ଥିର କରାଯାଇଛି । ଚଳିତ ବର୍ଷ ଦୁର୍ଗାପୂଜା ସେପ୍ଟେମ୍ବର ୨୭ ମହାଷଷ୍ଠୀରୁ ଆରମ୍ଭ ହୋଇ ଅକ୍ଟୋବର ୩ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି । ବୈଠକରେ କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହଚରଣ ଚୌଧୁରୀ, ନରେଶକୁମାର ସାହୁ, ଦେବାଶିଷ ରାୟ, ତାପସ ପ୍ରହରାଜ, ଧର୍ମେଶ ନାୟକ, ଦେବେନ୍ଦ୍ର କାହାଳୀ, ଶିବେନ୍ଦ୍ର ହାତୀ, ବିଜେନ ସିହ୍ନା, ମୀନକେତନ ଦାସ, ବିଜୟ ନାୟକ, ଡ଼. ଦ୍ୱିପାୟନ ପଟ୍ଟନାୟକ, ଶୁଭାଶିଷ କର, ଶିବପ୍ରସାଦ ନାୟକ, ବିଜୟ ବେହେରା, ରମେଶ ବେହେରା, ଉମେଶ ବାରିକ, ରାମକୃଷ୍ଣ ହାତୀ, ରଞ୍ଜନ ବେଉରା ଓ ଜୟଦେବ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପସଭାପତି ରବୀନ୍ଦ୍ରକୁମାର ବେହେରା ଧନ୍ୟବାଦ୍ ଦେଇଥିଲେ ।

# ଗାଡ଼କଣ ବରିଷ୍ଠ ନାଗରିକ କମିଟିର ବନ୍ଧୁମିଳନ



**ଭୁବନେଶ୍ୱର,୧୩।୭/ଏନ୍‌ଏନ୍‌ଏସ୍:** ଗାଡ଼କଣ ବରିଷ୍ଠ ନାଗରିକ କମିଟିର ବନ୍ଧୁମିଳନ ଉତ୍ସବ କୋଠଘରଠାରେ ଅନୁଷ୍ଠିତ ହୋଇଛି । କମିଟି ସଭାପତି ସୁର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର କିଭଳି ବିକାଶ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା । କମିଟି ସମ୍ପାଦକ କିଶୋର ଚନ୍ଦ୍ର ସାହୁ ଗ୍ରାମର ପୋଖରୀ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକାରୀ ସଭାପତି ପୀତବାସ ସାହୁ ଯୋଗଦେଇ ଗ୍ରାମରେ ଥିବା ହସ୍ପିଟାଲରେ କିପରି ମହିଳା ପ୍ରସୂତି ବିଭାଗ ଖୋଲାଯାଇପାରିବ ଏବଂ ୨୪ ଘଣ୍ଟିଆ ହସ୍ପିଟାଲ ଚାଲିବ ସେନେଇ ପ୍ରସ୍ତାବ ରହିଥିଲେ । ମୁଖ୍ୟ ଉପଦେଷ୍ଟା ଧୀରେନ୍ଦ୍ର କୁମାର ପତି କହିଥିଲେ ଯେ ଗ୍ରାମରେ କିପରି ପ୍ରଥମିକ ବିଦ୍ୟାଳୟ ଗୃହକୁ ଛାତ ପକାଯିବ, ପିଲାଙ୍କ ଖେଳପଡିଆର ଉନ୍ନତି ହୋଇପାରିବ ସେଥିପାଇଁ ସରକାରଙ୍କ ସହ ଆଲୋଚନା କରାଯିବା ଦରକାର । ଗ୍ରାମର ପ୍ରତାପ ଜେନା, ସନାତନ ବେହେରା ପ୍ରମୁଖ ଯୋଗଦେଇ ସମସ୍ତେ କିଭଳି ମିଳିମିଶି କାର୍ଯ୍ୟ କରିବେ ଏବଂ ଗ୍ରାମରେ ଶିକ୍ଷାର ବିକାଶ ହୋଇପାରିବ ସେଥିପାଇଁ ଦୃଷ୍ଟି ଦେବା ଦରକାର ବୋଲି ପ୍ରସ୍ତବ ରଖିଥିଲେ । ୯ ନମ୍ବର ୱାର୍ଡ କର୍ପୋରେଟର ସୁଷମା ସାହୁ କହିଲେ ଗ୍ରାମରେ ଯେଉଁ ସବୁ ସବୁ ସମସ୍ୟା ରହିଛି ତାହା ତୁରନ୍ତ ସମାଧାନ କରାଯିବ । କମିଟି ଉପ ସଭାପତି ରାସନ୍ତ ସାହୁ କହିଲେ ପ୍ରତି ବରିଷ୍ଠ ନାଗରିକ କିଭଳି ସ୍ୱାସ୍ଥ୍ୟ ସେବା କାର୍ଡ(ଆୟୁଷ୍ମାନ କାର୍ଡ) ପଇବେ ସେଦିଗରେ ପ୍ରଦେକ୍ଷେପ ନିଆଯାଉ । ନରେନ୍ଦ୍ର ଦାସ କହିଲେ ବରିଷ୍ଠ ନାଗରିକଙ୍କ ଅସୁବିଧା କିପରି ଦୂର ହେବ ସେଥିପାଇଁ କାମ କରିବା ଦରକାର । ଅନ୍ୟ ମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ପାତ୍ର, ପ୍ରଫୁଲ୍ଲ ସାମନ୍ତ, ପଦ୍ମ ଚରଣ ନନ୍ଦ, ବେଣୁଧର ସାହୁ, ଘନ ବେହେରା, ଗୋଲକ ବେହେରା, ଆରକିତ ସାହୁ, ମୋହନି ଭୋଇ, ପରମାନନ୍ଦ ପାତ୍ର, ସୁଶାନ୍ତ ସାହୁ, ଶିବ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କମିଟି ସହ ସମ୍ପାଦକ ବିଚିତ୍ର ନନ୍ଦ ପରିଡା ଧନ୍ୟବାଦ ଦେଇଥିଲେ ।

# ରକ୍ତଦାନ ଶିବିର

**ଭୁବନେଶ୍ୱର,୧୩।୭/ଏନ୍‌ଏନ୍‌ଏସ୍:** ଜୟ ଓଡ଼ିଶା ପକ୍ଷରୁ ତକ୍ଷଶିଳା ସ୍କୁଲ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ‘ବିଏମ୍‌ପିଏସ୍ ତକ୍ଷଶିଳା ସ୍କୁଲ ପକ୍ଷରୁ ସହଯୋଗ କରାଯାଇଥିଲା । ସ୍କୁଲର ପ୍ରତିଷ୍ଠାତା ସିକ୍ତା ଦାସ ଏହି ରକ୍ତଦାନ ଶିବିରର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ପୁଲିସ ଡେପୁଟି କମାଣ୍ଡେଣ୍ଟ ଲଲାଟେନ୍ଦୁ



ମହାନ୍ତି ଓ ନୟାପଲ୍ଲୀ ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ, ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ପିତୃମାତୃହୀନ ଶିଶୁଙ୍କର ଚିହ୍ନଟ ଅଭିଯାନ, ରାଜ୍ୟରେ ଆରମ୍ଭ ହେଇଛି ଅର୍‌ଫାନ୍ ସର୍ଭେ

**ଭୁବନେଶ୍ୱର,୧୩।୭/ଏନ୍‌ଏନ୍‌ଏସ୍:** ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଛି ଅରଫାନ ସର୍ଭେ - ୨୦୨୫ । ଜୁଲାଇ ୧୧ ତାରିଖରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଜୁଲାଇ ୨୧ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ପିତୃମାତୃହୀନ ଶିଶୁଙ୍କର ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରୁଛନ୍ତି । ଏଥିରେ ଉଭୟ ପିତାମାତାଙ୍କୁ ହରାଇ ଥିବା ଶିଶୁ, ପିତାଙ୍କୁ ହରାଇ ମାତାଙ୍କ ସହିତ କିମ୍ବା ମାତାଙ୍କୁ ହରାଇ ୪୦%ରୁ ଅଧିକ ଭିନ୍ନକ୍ଷମ/ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ରୋଜଗାରହୀନ ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧ ଜୁନ, ୨୦୨୫ ମସିହା ସୁଦ୍ଧା ଜନ୍ମରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏଥିରେ ଚିହ୍ନଟ କରାଯିବ । ଏହା ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଯତ୍ନ, ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ । ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ସଂଗୃହିତ ତଥ୍ୟକୁ ସୁପରଭାଇଜରଙ୍କ ଦ୍ୱାରା ତଦାରଖ ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ଜରିଆରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ପ୍ରଦାନ କରାଯିବ । ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଶିଶୁର ତଥ୍ୟକୁ ‘ଆମରି ଶିଶୁ’ ପୋର୍ଟାଲରେ ଦାଖଲ କରାଯିବ । ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏହି ତଥ୍ୟକୁ ସମ୍ମିଳିତ କରି ସବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବେ ।

## ଆଜି ପ୍ରଥମ ଶ୍ରାବଣ ସୋମବାର

# ଗଡ଼ଗଡ଼ିଆ ଘାଟରୁ ବାହାରିଲେ କାଉଡ଼ିଆ

**କଟକ,୧୩।୭/ଏନ୍‌ଏନ୍‌ଏସ୍:** ଆସନ୍ତା କାଲି ଶ୍ରାବଣ ମାସର ପ୍ରଥମ ସୋମବାର । କଟକ ଏହାର ଆଖବାଖ ଶୈବପୀଠରେ କାଉଡିଆମାନଙ୍କ ଭିଡ଼ ଆଜି ପରିଲକ୍ଷିତ ହୋଇଛି । ବିଶେଷକରି ଗଡଗଡିଆ ଘାଟରେ ଶୁକ୍ରବାରଠାରୁ କାଉଡିଆଙ୍କ ଜଳଲାଗି ପାଇଁ ଯାତ୍ରା ଆରମ୍ଭ କରିଥିଲା ବେଳେ ଆଜି ଗଡଗଡିଆଘାଟରେ ହଜାରହଜାର କାଉଡିଆ ଜଳଲାଗି ପାଇଁ ରାଜ୍ୟର ବିଭିନ୍ନ ଶୈବ ପୀଠକୁଯାତ୍ରା କରିଛନ୍ତି । ଅପରପକ୍ଷେ କାଉଡିଆ ସାମଗ୍ରୀ ଚାହିଦା ବଢିବାରେ ଲାଗିଛି ।



ପୁରୁଷମାନଙ୍କ ପାଇଁ ବଜାରରେ ଗେରୁଆ ରଙ୍ଗର କୁର୍ତ୍ତା, ଗଞ୍ଜି, ହାପପ୍ୟାଣ୍ଟ, ଗାମୁଛା ଓ ଝୋଲା ବ୍ୟାଗ ବିକ୍ରି ହେଉଛି । ସେହିପରି ଝିଅମାନଙ୍କ ପାଇଁ ଗେରୁଆ କୁର୍ତ୍ତି, ଲେଗିନ୍ସ, ଆଦି ବଜାରରେ ମିଳୁଛି । ବ୍ୟବସାୟୀମାନେ ଗୁଜୁରାଟ, ରାଜସ୍ଥାନ, ତାମିଲନାଡୁ ଓ କୋଲକତା ଆଦି ରାଜ୍ୟରୁ ଏସବୁ ସାମଗ୍ରୀ ଆଣି ବିକ୍ରି କରୁଛନ୍ତି ।

ପୁରୁଷମାନଙ୍କର ‘ଓଁ ନମଃ ଶିବାୟ’ ଡ୍ରେସ ଓ ‘ମହାକାଳ ଗଞ୍ଜି’ ଅଧିକ ବିକ୍ରି ହେଉଛି । ସେହିପରି ମହିଳାମାନଙ୍କ ପାଇଁ ହଳଦିଆ ଓ କମଳା ରଙ୍ଗର ସୂତାସାଢ଼ି ମଧ୍ୟ ବିକ୍ରି ହେଉଛି । ମହିଳାମାନଙ୍କ ସୂତା ସାଢ଼ିର ଦାମ ୩୦୦ରୁ ୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି ପୁରୁଷମାନଙ୍କର କୁର୍ତ୍ତାର ଦାମ ୧୫୦ରୁ ୩୦୦ଟଙ୍କା ମଧ୍ୟରେ ଉପଲବ୍ଧ ହେଉଛି । ଏହାଛଡ଼ା ହାପପ୍ୟାଣ୍ଟର ମୂଲ୍ୟ ୧୦୦ରୁ ୧୫୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ବୋଲବମ ପ୍ରିଣ୍ଟ ହୋଇଥିବା ଧଳା, ହଳଦିଆ ଓ ନାଲି ରଂଗର ଗାମୁଛାର ମୂଲ୍ୟ ୧୦୦ରୁ ୧୨୦ ଟଙ୍କା ମଧ୍ୟରେ ରହିଛି । ଓଁ ନମଃ ଶିବାୟ, ହରହର ମହାଦେବ, ବୋଲବମ, ବୋଲବମ ମହାକାଳ ଆଦି ପ୍ରିଣ୍ଟର ଗାମୁଛା ୫୦ରୁ ୧୦୦ଟଙ୍କା ମଧ୍ୟରେ ରହିଛି । ସେହିପରି ଝୋଲା ବ୍ୟାଗର ଦାମ ୩୦ରୁ ୫୦ଟଙ୍କା ମଧ୍ୟରେ ବିକ୍ରି ହେଉଛି । ଏହାଛଡ଼ା ଝିଅମାନଙ୍କର କୁର୍ତ୍ତିର ଦାମ ୧୫୦ରୁ ୩୦୦ଟଙ୍କା ମଧ୍ୟରେ ରହିଥିବା ବେଳେ ଲେଗିନ୍ସର ଦାସ ୧୦୦ରୁ ୨୦୦ଟଙ୍କା ମଧ୍ୟରେ ରହିଛି । ଚଳିତ ବର୍ଷ ବଜାରରେ ୨ ପ୍ରକାର ଯଥା ବାଉଁଶ ଓ ବେତରେ ନିର୍ମିତ ବାହୁଙ୍ଗୀ ଉପଲବ୍ଧ ହେଉଛି । ବେତ ବାହୁଙ୍ଗୀର ମୂଲ୍ୟ ୪୦୦ରୁ ୫୦୦ଟଙ୍କା ମଧ୍ୟରେ ରହିଛି । ସେହିପରି ବାଉଁଶ ବାହୁଙ୍ଗୀର ଦାମ ୫୦ଟଙ୍କା ଥିବାବେଳେ ପୁରା ବାହୁଙ୍ଗୀ ସଜେଇ କରି ନେଲେ ୩୦୦ଟଙ୍କା ପଡୁଛି । ଚଳିତ ବର୍ଷ କୋଲକତାର ବେତ ବାହୁଙ୍ଗୀ ମଧ୍ୟ କଟକ ବଜାରରେ ଉପଲବ୍ଧ ହେଉଛି । ଆଜିଠାରୁ କଟକର ବିଭିନ୍ନ ରାସ୍ତାରେ କାଉଡିଆଙ୍କ ବୋଲ୍‌ବମ୍ ହରହର ବମ୍ ଡାକ ଶୁଭିବା ଆରମ୍ଭ କରିଛି ।

# ରେଭେନ୍ସାରେ ଝାଡ଼ାବାନ୍ତି ନିରାକରଣ ଦାବି

**କଟକ,୧୩।୭/ଏନ୍‌ଏନ୍‌ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟର ନ୍ୟୁ ପିଜି ଓ ଧର୍ମପଦ ହଷ୍ଟେଲରେ ୪୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ପରେ ଏହାର ନିରାକରଣ ଲାଗି ଦାବି କରିଛନ୍ତି ଏଆଇଡିଏସଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟିର ସଭାପତି ସତ୍ୟବ୍ରତ ମୁଦୁଲି ଓ ସମ୍ପାଦକ ଗାୟତ୍ରୀ ସାହୁ । ଦୁହେଁ କହିଛନ୍ତି ଯେ, କ୍ୟାମ୍ପସରେ ପରିମଳ ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା ତଥା ଆବଶ୍ୟକ ମୁତାବକ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ଏବଂ ହଷ୍ଟେଲର ମେସ ଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ରେଭେନ୍ସା କର୍ତ୍ତୃପକ୍ଷ ଏଥିପ୍ରତି ଉଦାସୀନତା ପ୍ରଦର୍ଶନ କରିଛନ୍ତି । ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି ।

# ଡାକ୍ତର ଦେବେନ୍ଦ୍ର ପ୍ରଧାନ ପ୍ରତିଭା ସମ୍ମାନ ସମାରୋହ

**ଚୌଦ୍ୱାର,୧୩।୭/ଏନ୍‌ଏନ୍‌ଏସ୍:** ଚୌଦ୍ୱାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗାନ୍ଧିଛକ ସ୍ଥିତ ଟାଉନ୍‌ହଲ ପରିସରରେ ‘ଡାକ୍ତର ଦେବେନ୍ଦ୍ର ପ୍ରଧାନ ପ୍ରତିଭା ସମ୍ମାନ-୨୦୨୫’ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଯୋଗ ଦେଇ ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ ।



ମୁଖ୍ୟବକ୍ତା ଭାବେ ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ତଥା ମଞ୍ଚର ଉପଦେଷ୍ଟା ଜ୍ଞାନେନ୍ଦ୍ର ସ୍ୱାଇଁ, ସଭାପତି ଅକ୍ଷୟ ଭୂୟାଁ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ, ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରେନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଅଧକ୍ଷ ଡଃ ତ୍ରିଦେବ ବେହେରା, ଉତ୍କଳ ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ଡଃ ଗଣେଶ ପ୍ରସାଦ ବେହେରା, ପଦ୍ମଶ୍ରୀ ଡଃ ଉଛବ ଚରଣ ଦାସ, ସନ୍ଥଶ୍ରୀ ଦୁର୍ଗାପ୍ରସାଦ ଓ ଡାଏନା ଡ୍ୟାନ୍ସର ଶୁଭମ୍ ସରିତା କରଙ୍କୁ ଅତିଥି ଶ୍ରୀ ମହତାବ୍ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ । ଅଜିତ୍ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଧିରଞ୍ଜନ ସିଂହ, ସଞ୍ଜୟ ମହାରଣା, ତନ୍ମୟ ସାହୁ, ସଞ୍ଜୀବ ତିୱାରୀ, ପ୍ରକାଶ ନାୟକ, ପ୍ରକାଶ ସାହୁ, ଭିକି ଦାଶ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ୧୩ନଂ. ୱାର୍ଡ଼ ପାରିଷଦ ସୁଜାତା ସାହୁ ଧନ୍ୟବାଦ୍ ଦେଇଥିଲେ ।

ନିତିଦିନ NITIDIN



# ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତିରେ ଶୁଖୁଆ ବ୍ୟବସାୟୀଙ୍କ ଜୀବନ ଦୁର୍ବିସହ

**ଖୋର୍ଦ୍ଧା,୧୩।୭/ଏନ୍‌ଏନ୍‌ଏସ୍:** ପୌରାଧିକାରୀଙ୍କ ମିଥ୍ୟା ପ୍ରତିଶ୍ରୁତି ବେଘର କରିଦେଇଛି ନିରୀହ ଶୁଖୁଆ ବ୍ୟବସାୟୀଙ୍କୁ । ନ୍ୟାୟ ଭିକ୍ଷାକରି ବାରଦୁଆର ବୁଲୁଛନ୍ତି ଏହି ଶୁଖୁଆ ବ୍ୟବସାୟୀ ଗଦାଧର ବେହେରା ଓ ତାଙ୍କ ପତ୍ନୀ ପ୍ରମିଳା ଦେଇ । ସେ ଦୈନନ୍ଦିନ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ନିକଟ ରାସ୍ତାକଡ଼ରେ ବସି ଶୁଖୁଆ ବିକ୍ରି କଲେ ତାଙ୍କ ପରିବାର ଚାଲିଥାଏ । ଏହିପରି ସେ ପ୍ରତିଦିନ ଏହି ସ୍ଥାନରେ ବସି ବ୍ୟବସାୟ କରୁଥିଲେ । ଦୀର୍ଘ ୩୦ବର୍ଷ ଧରି ଏହି ବ୍ୟବସାୟ କରି ଜୀବିକା ନିର୍ବାହ କରିଆସୁଥିଲେ । ତେବେ ଦୁଇବର୍ଷ ତଳେ ତାଙ୍କ ଶୁଖୁଆ ଦୋକାନକୁ ଭାଙ୍ଗିବା ନିମନ୍ତେ ପୌରାଧିକାରୀ ଗଦାଧରଙ୍କୁ ଚଞ୍ଚକତାର ସହିତ ଏକ ପତ୍ର ଦେଇ କହିଥିଲେ ଯେ ତମେ ଏଠାରୁ ଉଠିଯାଅ, ଏଠାରେ ଭେଣ୍ଡିଂ ଜୋନ୍ ନିର୍ମାଣ ପରେ ତମକୁ ସେଠାରେ ବ୍ୟବସାୟ କରିବା ନିମନ୍ତେ ଏକ ଘର ପ୍ରଦାନ କରାଯିବ । ପୌର ଅଧିକାରୀଙ୍କ କଥାରେ ବିଶ୍ୱାସ କରି ଗରିବ ଖଟିଖିଆ ଗଦାଧର ସେଠାରେ ଧାର୍ ଉଦ୍ଧାରକରି ଗଢ଼ିଥିବା ଦୋକାନ ଘରଟିକୁ ଭାଙ୍ଗିବା ନିମନ୍ତେ ରାଜି ହୋଇଥିଲେ । ତେବେ ପୌର ଅଧିକାରୀ ସେଠାରେ କେବଳ ଗଦାଧରଙ୍କ ଦୋକାନ ଭାଙ୍ଗିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନାରେ ପାଇଥିବା ଶୌଚାଳୟ ମଧ ଭାଙ୍ଗି ଦେଇଥିଲେ । ଯାହାକୁ ନେଇ ଗଦାଧର ପୌରପରିଷଦ ଅଧିକାରୀଙ୍କ ନିକଟରେ ଶୌଚାଳୟ ଭାଙ୍ଗିବା ନିମନ୍ତେ ପ୍ରତିବାଦ ରଖିଥିଲେ । ଶୌଚାଳୟ ଭାଙ୍ଗିଦେଲେ ଆମେ ଶୌଚ ହେବୁ କିପରି ବୋଲି ପ୍ରଶ୍ନ କରିଥିଲେ । ଯାହାକି ଅଧିକାରୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ତାହା ମଧ ଆମେ କରାଇଦେବୁ । ତେବେ ଅଧିକାରୀଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ସୀମିତ ରହିଗଲା । ଏହା ମଧରେ



ଦୁଇବର୍ଷ ବିତିଯାଇଥିଲେ ମଧ ପୌରାଧିକାରୀ ଗଦାଧରଙ୍କୁ ନା ଦୋକାନ ଘର ଯୋଗାଇଦେଲେ କି ସ୍ୱଚ୍ଛ ଭାରତ ଅଭିଯାନରେ ପାଇଥିବା ଶୌଚାଳୟକୁ ଭାଙ୍ଗିଦେଇ ପୁନର୍ବାର ନିର୍ମାଣ କରିବା ପାଇଁ ସୁଯୋଗ ଦେଲେ । ଯାହା ଫଳରେ ଗଦାଧର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ଶୌଚ ନିମନ୍ତେ ସହରର ଖୋଲା ବିଭିନ୍ନ ସ୍ଥାନକୁ ଯିବାକୁ ପଡୁଥିବା କହିଛନ୍ତି । ଖାଲି ସେତିକି ନୁହେଁ, ତାଙ୍କ ବ୍ୟବସାୟ ସ୍ଥଳକୁ ଭାଙ୍ଗି ତାଙ୍କୁ ବେରୋଜଗାର କରିଦେଇଥିବାରୁ ସେ ଏବେ ବେସାହାରା ହୋଇ ଏଣେ ତେଣେ ବୁଲିବା ସହିତ ପରିବାର ପୋଷଣ ନିମନ୍ତେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ପୌର ଅଧିକାରୀଙ୍କୁ ଏ ସମ୍ବନ୍ଧରେ ଜଣାଇବା ଏବଂ ପୌର ଅଧିକାରୀ ତାଙ୍କୁ ଦୋକାନ ଘର ଯୋଗାଇବା ନିମନ୍ତେ ଲିଖିତ ପତ୍ର ପ୍ରଦାନ କରିଥିବା କଥା ପଚାରିବା ବେଳେ ପୌର ଅଧିକାରୀ ତାଙ୍କୁ ନାଲିଆଖି ଦେଖାଇ ଜେଲ୍‌କୁ ପଠାଇଦେବା ପାଇଁ ଧମକ ଦେଉଥିବା ଗଦାଧର ପ୍ରକାଶ କରିଛନ୍ତି । ଫଳରେ ଗଦାଧର ଏବେ ଅସୁବିଧାରେ ଚଳୁଥିବା ବେଳେ ଭୟଭୀତ ରହିଥିବା କହିବା ସହ ରାଜ୍ୟ ସରକାରଙ୍କୁ ସେ ନ୍ୟାୟ ଭିକ୍ଷା କରିଛନ୍ତି ।

## ଯୋଗାଣ ବିଭାଗକୁ ଅଚିନ୍ତା ନିଦ୍ରା

# କଣ୍ଟିଲୋ ବଜାରରେ ଚିନି ଅପମିଶ୍ରଣ ଅଭିଯୋଗ

**କଣ୍ଟିଲୋ,୧୩।୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ବଜାରରେ ବିଭିନ୍ନ ପ୍ରକାର ଖାଦ୍ୟ, ପାନୀୟ ଇତ୍ୟାଦି ଜିନିଷ ଗୁଡ଼ିକ ଅପମିଶ୍ରଣ ହୋଇ ବଜାରରେ ସର୍ବସାଧାରଣ ଜନତାଙ୍କୁ ବିକ୍ରୟ ହେଉଥିବା ଅଭିଯୋଗ ହେଉଥିବା ବେଳେ ଏବେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଚିନିକୁ ଅପମିଶ୍ରଣ କରାଯାଉଥିବା ଅଭିଯୋଗ ହୋଇଛି । କଣ୍ଟିଲୋ ବଜାରରେ ଡୁପ୍ଲିକେଟ୍ ଖାଦ୍ୟ ପଦାର୍ଥ ନିର୍ଭୟରେ ବ୍ୟବସାୟୀମାନେ ବିକ୍ରୟ କରୁଥିଲେ ମଧ ଖାଦ୍ୟ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜି ଅଚିନ୍ତା ନିଦ୍ରାରେ ଶୋଇ ରହିଥିବା ଅଭିଯୋଗ ହେଉଛି । ଏବେ କଣ୍ଟିଲୋ ବଜାରକୁ ଏମିତି ଗୋଟିଏ ପ୍ରକାର ଚିନି ଆସିଛି ଯାହା ଆବଶ୍ୟକ ଅନୁଯାୟୀ ପକାଇ ଚାହା ପିଇଲେ ମଧ ମିଠା ଲାଗୁ ନାହିଁ । ଚାହା ଗ୍ଲାସ୍‌ରୁ ଶେଷ ହେବା ପରେ ଗ୍ଲାସ ମଧରୁ ସୁଜି ଦାନା ଦେଖିବାକୁ ମିଳୁଛି । ତେଣୁ



ଯଥାଶୀଘ୍ର ଖାଦ୍ୟ ଓ ଯୋଗାଣ ବିଭାଗ କଣ୍ଟିଲୋ ବଜାରରେ ଏହି ଚିନି ଅପମିଶ୍ରଣ ସମ୍ପର୍କରେ ତଦନ୍ତକରି ଯେଉଁ ଗୋଦାମରୁ ଅପମିଶ୍ରଣ ଖାଦ୍ୟ ସାମଗ୍ରୀ ଆସୁଛି ତା' ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଣ୍ଟିଲୋ ଜନସାଧାରଣ ତଥା ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ମହାନ୍ ନଲେଜ୍ ଚାରିଟେବୁଲ୍ ଫାଉଣ୍ଡେସନ୍ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ



**ସାଲେପୁର,୧୩।୭/ଏନ୍‌ଏନ୍‌ଏସ୍:** ମହାନ ନଲେଜ ଚାରିଟେବୁଲ ଫାଉଣ୍ଡେସନ ସାଲେପୁର ଆନୁକୂଲ୍ୟରେ ବନ ମହୋତ୍ସବ ୨୦୨୫ ଗୋଟିଏ ଗଛ ମା'ଙ୍କ ନାମରେକୁ ଆଧାରକରି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି । ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତର ଗୁପ୍ତ ଗଙ୍ଗା ଚିତ୍ରୋତ୍ପଳା ନଦୀ ତଟରେ ଥିବା ବିଶେଶ୍ୱର ମହାଦେବ ମନ୍ଦିର ନିକଟରେ ମହାନ ନଲେଜ ଚାରିଟେବୁଲ ଫାଉଣ୍ଡେସନ ର ସଭାପତି ଜ୍ଞାନେନ୍ଦ୍ର ଦାଶଙ୍କ ସଭାପତିତ୍ୱ ରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ ଯୋଗଦେଇ ବୃକ୍ଷରୋପଣ କରିବା ସହିତ ବୃକ୍ଷଜୀବନ ବାର୍ତ୍ତାକୁ ଆଧାରକରି ଗ୍ରାମରେ ଜଙ୍ଗଲ ସୃଷ୍ଟି କରିବା ଓ ଏହାର ରକ୍ଷଣାବେକ୍ଷଣ କରିବା ଆମର ଦାୟିତ୍ୱ ହେବା ଦରକାର ବୋଲି କହିଥିଲେ । ଏହି ଅବସରରେ ନିମ୍ବ, ବଉଳ, ଅଶୋକ, ଅର୍ଜୁନି, ଆକାଶିଆ, ଇଉକାଲି ପଟାସ,କଦମ୍ବ ଆଦି ବିଭିନ୍ନ ପ୍ରକାର ଗଛ ଚାରା ଲଗାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଦେବାଶିଷ ଦାଶ, ଦେବୀପ୍ରସାଦ ଦାଶ, ଆଶିଷ ନାୟକ, ଜଗଦୀଶ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଆଗାମୀ ବର୍ଷା ଦିନ ଶେଷ ହେବା ପର୍ଯ୍ୟନ୍ତ ଜାରୀ ରହିବ ବୋଲି ଅନୁଷ୍ଠାନର ଫାଉଣ୍ଡର ମେମ୍ବର ପୁଷ୍ପଲତା କର କହିଥିଲେ ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ଯୁବନେତା ବିଶେଶ୍ୱର



**ସାଲେପୁର,୧୩।୭/ଏନ୍‌ଏନ୍‌ଏସ୍:** ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସାଲେପୁରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କଲେ ଯୁବନେତା ବିଶ୍ୱେଶ୍ୱର ସ୍ୱାଇଁ । ଟାଙ୍ଗୀ ସାଲେପୁର ବିକାଶ ମଞ୍ଚର ଅଧକ୍ଷ ତଥା ସାଲେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଶେଶ୍ୱର ସ୍ୱାଇଁ ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ସାକ୍ଷାତ କରି ସାଲେପୁରର ବିଭିନ୍ନ ସମସ୍ୟା ଯଥା ସାଲେପୁରକୁ ସବ ଡିଭିଜନ ଘୋଷଣା କରିବା, ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ର ମାନ୍ୟତା ପ୍ରଦାନ କରିବା, ସାଲେପୁର ବଜାରରେ ଟ୍ରାଫିକ ପୋଷ୍ଟ ସ୍ଥାପନ କରିବା, ସାଲେପୁର ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୂରଣ କରିବା,ସାଲେପୁର ଡାକ୍ତରଖାନାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବା ଆଦି ବିଷୟରେ ଆଲୋଚନା କରିଥିଲେ । ଖୁବ୍‌ଶୀଘ୍ର ଏ ସମସ୍ତ ବିଷୟରେ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ପ୍ରତିଶ୍ରୁତି ଦେଇଥିବା ବିଶେଶ୍ୱର ପ୍ରକାଶ କରିଛନ୍ତି ।

# ବିଜେପିର ରାଷ୍ଟ୍ରୀୟ ସଦସ୍ୟଙ୍କୁ ସ୍ୱାଗତ



**ଆଠଗଡ଼,୧୩।୭/ଏନ୍‌ଏନ୍‌ଏସ୍:** ବିଜେପିର ରାଷ୍ଟ୍ରୀୟ ସଦସ୍ୟ ଭାବେ ଆଠଗଡ଼ର ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ବଜେନ୍ଦ୍ର ରାଏଙ୍କ ନାମ ଘୋଷଣା ହେବା ପରେ ଆଜି ତାଙ୍କୁ ଆଠଗଡରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଦଳର କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମହାବୀର ପ୍ଲାଜା ଠାରେ ଆୟୋଜିତ ସଭାରେ ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ବିକ୍ରମ ଦାସ୍, ପୂର୍ବତନ ବିଧାୟକ ରମେଶ ରାଉତ, ଜିଲ୍ଲା ଉପସଭାପତି ବିଚିତ୍ରାନନ୍ଦ ଜେନା, ଜିଲ୍ଲା ସମ୍ପାଦିକା ହେମମଞ୍ଜରୀ ଭଞ୍ଜଦେଓ, ଡ. ସଂଯୁକ୍ତା ତ୍ରିପାଠୀ, ରାଜ୍ୟ କର୍ଯ୍ୟପରିଷଦ ସଭ୍ୟା ପ୍ରମୋଦିନୀ ରଣା, ବିଶିଷ୍ଟ ସମାଜସେବୀ ସୁଦାମ ଚରଣ ବେଉରା, କ୍ୟାପଟେନ ପ୍ରଫୁଲ୍ଲ ପରିଡ଼ା, ପୂର୍ବତନ ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ମହାନ୍ତି, ଡ. ହରିହର ସାହୁ, ନୂଆପାଟଣା ମଣ୍ଡଳ ସଭାପତି ଦିପୁନା ସେନାପତି, ପୂର୍ବତନ ମଣ୍ଡଳ ସଭାପତି ଉମେଶ ସାମଲ, ସନ୍ତୋଷ ରାଉତ, ସନ୍ତୋଷ ପଟ୍ଟନାୟକ, ହରେକୃଷ୍ଣ ମହାନ୍ତି, ସୁବାସ ଚନ୍ଦ୍ର ସାହୁ, ବିବେକାନନ୍ଦ ବେଉରା, ରମାକାନ୍ତ ସେନାପତି, ସୁନିଲ କୁମାର ମିଶ୍ର, କାଶୀନାଥ ସ୍ୱାଇଁ, ନଚିକେତା ପରମାଣିକ, ମମତା ନାଏକ, କବିତା ମହାପାତ୍ର, କଳ୍ପନା ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ନବ ନର୍ବାଚିତ ଶ୍ରୀ ରାଏଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଅବସରରେ ଶ୍ରୀ ରାଏ ଆଗାମୀ ଦିନରେ ଦଳକୁ ଅଧିକ ମଜବୁଦ କରାଯିବ ଓ ସାଧାରଣ ଲୋକଙ୍କର ଥିବା ସମସ୍ୟାଗୁଡିକୁ ସମାଧାନ କରାଯିବ ତା'ଉପରେ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଆଠଗଡ଼ ନିର୍ବାଚନମଣ୍ଡଳୀର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ଓ ନଗର ମଣ୍ଡଳ ସଭାପତି ସୁଶ୍ରୀ ଇଲ୍ଲା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବାଲିଅନ୍ତା,୧୩।୭/ଏନ୍‌ଏନ୍‌ଏସ୍:** ବାଲିଅନ୍ତା ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉତ୍ସର୍ଗୀକୃତ ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ କର ଗତ ଜୁନ୍ ମାସରେ ଅବସର ଗ୍ରହଣ କରିଥିଲେ ।

ଏହି ଅବସରରେ ଶନିବାର ଦିନ ସ୍କୁଲ ପରିସରରେ ବିଦ୍ୟାଳୟ ଆଲୁମିନା କମିଟି ସଭାପତି ପ୍ରଶାନ୍ତ କୁମାର ପରିଜା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ରାଉତରାୟଙ୍କ ଉଦ୍ୟମରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ଅଞ୍ଚଳର ବିଶିଷ୍ଟ ମୁରବୀ ତଥା ଗାୟକ ସୁଧାକର ଯୁଧିଷ୍ଠିର ପରିଜାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର (କଟକ)ର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶିକା ପ୍ରଜ୍ଞା ପାରମିତା ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚବଟୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅତସୀ ମିଶ୍ର,ପଞ୍ଚବଟୀ ଉପ୍ରା କ୍ଲଷ୍ଟର ସି.ଆର.ସି.ସି. ସୋମନାଥ ଭୋଇ, ଗ୍ରାମ୍ୟ କମିଟି ସଭାପତି ସନାତନ ପରିଜା, ପ୍ରଧାନ ଶିକ୍ଷୟିତ୍ରୀ ଲିପିକା ବେହେରା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କର ଦୀର୍ଘ ୩୫ବର୍ଷ ଧରି ଶିକ୍ଷାର ଆଲୋକ ବାଣ୍ଟିଥିବା ଓ ଶହ ଶହ ଛାତ୍ରଙ୍କୁ ଭଲମଣିଷ ଭାବେ ଗଢ଼ିଥିବା ଜଣେ ଛାତ୍ରବତ୍ସଳ, ମିଷ୍ଟଭାଷୀ, ସମୟାନୁବର୍ତ୍ତୀ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚବଟୀ ଉପ୍ରା କ୍ଲଷ୍ଟର ମନ୍ଦାରିଆ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷାବିତ ଅଶୋକ ପୃଷ୍ଟି ମଙ୍ଗଳାଷ୍ଟକ ପାଠ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ । ପରେ ବିଦାୟୀ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଏକ ବିରାଟ ପଟୁଆରରେ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଗ୍ରାମ ଭ୍ରମଣ କରାଯାଥିଲା ।

# ଦଧିବାମନଜିଉଙ୍କ ଷଷ୍ଠତମ ବାର୍ଷିକ ଉତ୍ସବ

**କୁଆଁପାଳ,୧୩।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତ ଅର୍ନ୍ତଗତ ସାହାସପୁର ଠାରେ ଦଧିବାମନଜୀଉଙ୍କ ଷଷ୍ଠତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଚଳିତ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶ୍ରୀ ଶ୍ରୀ ଦଧିବାମନଜିଉଙ୍କ ସୁନାବେଶରେ ସଜ୍ଜିତ କରିବା ସହ ହୋମଯଜ୍ଞ ଓ ଶ୍ରୀ ଜିଉଙ୍କ ପୂଜାର୍ଚ୍ଚନା ବିଧି ଓ ବିଧାନ ସହିତ ଅନୁଷ୍ଠିତ ହୋଇଥିଲା । ସକାଳ ସମୟରେ ଆଳତି, ନୀତିକାନ୍ତି ସମ୍ପର୍ଣ୍ଣ କରାଯାଇଥିଲାବେଳେ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ବୈରାଗୀ ଚରଣ ସାହୁ ଓ ସତ୍ୟ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଉଥିଲା ବେଳେ ସୁବାଷ ସାହୁ, ତୀର୍ଥଦାସ ସାହୁ ଏବଂ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

# ୱାର୍ଡବାସୀଙ୍କ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି



**ଖଣ୍ଡପଡ଼ା,୧୩।୭/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ୫ଟି ୱାର୍ଡବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନହେବାରୁ ବିଧାୟକଙ୍କୁ ଜଣାଇଥିଲେ । ଖବର ପାଇ ଶନିବାର ଦିନ ବିଧାୟକ ଇ. ଦୁଷ୍ମନ୍ତ କୁମାର ସ୍ୱାଇଁ ୱାର୍ଡବାସୀଙ୍କୁ ସଙ୍ଗର ଧରି ସମସ୍ତ ୱାର୍ଡ ବୁଲିଥିଲେ ଆପତ୍ତି ହୋଇଥିବା ପିଇବାପାଣି ରାସ୍ତା ଡ୍ରେନ ଆବାସଗୃହ ବାର୍ଦ୍ଧକ୍ୟ ଭତ୍ତା ଓ ରାସନ କାର୍ଡ ବିଷୟଗୁଡ଼ିକକୁ ଅନୁଧ୍ୟାନ କରି ଏ ସବୁକୁ ଯଥାଶୀଘ୍ର ସ୍ଥାୟୀ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସବୁ କଥା ଶୁଣିବା ପରେ ଉପସ୍ଥି ଜନସାଧାରଣ ବିଧାୟକଙ୍କୁ ଧନ୍ୟବାଦ ସହ ସ୍ୱାଗତ ଜଣାଇଛନ୍ତି ।

# ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର ଉଦ୍‌ଘାଟିତ



**ସାଲେପୁର,୧୩।୭/ଏନ୍‌ଏନ୍‌ଏସ୍:** ଆଜି ସାଲେପୁର ବ୍ଲକ ନାଦୋଳ ପଞ୍ଚାୟତର ନାଦୋଳଗଡା ଠାରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ରର ଶୁଭ ଉଦଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ-ସାଲେପୁର ବିଜେପି ନେତା ହିମାଂଶୁ ମହାନ୍ତି ଯୋଗଦେଇ ନୂତନ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଖୋଲିବା ଦ୍ୱାରା ଗ୍ରାମୀଣ ଅଞ୍ଚଳର ଲୋକମାନେ କମ୍ ମୂଲ୍ୟରେ ଗୁଣବତ୍ତାପୂର୍ଣ୍ଣ ଔଷଧ ପ୍ରାପ୍ତ କରିପାରିବେ ଏବଂ ଏହି ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ସୁବିଧାକୁ ଆମ ଅଞ୍ଚଳର ପ୍ରତ୍ୟେକ ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ରିତେଶ ଦାସ, ମନୋଜ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ସାହୁ, ସୁକାନ୍ତ ବେହେରା, ଶଶିକାନ୍ତ ମହାନ୍ତି, ତୁଳସୀରାଣୀ ଦାସ, ରେଣୁବାଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ମା' ସିଦ୍ଧେଶ୍ୱରୀଙ୍କ ୪ର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଶକ୍ତିଯଜ୍ଞ

**ଓଡ଼ଗାଁ,୧୩।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ସୋଲପଟା ନିକଟସ୍ଥ ମା' ସିଦ୍ଧେଶ୍ୱରୀଙ୍କ ପୀଠରେ ୪ର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଶକ୍ତିଯଜ୍ଞ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଥମଦିନ ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ । ପ୍ରତ୍ୟେକ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଛୋଟଦୋଳି ସହିତ ମିନାବଜାର ଓ ଖାଦ୍ୟ ଷ୍ଟଲ ପଡ଼ିଥିଲା ।ଏଥିରେ କମିଟି ସଭାପତି ମୋହନ ବେହେରା, ସମ୍ପାଦକ ଗୋବିନ୍ଦ ବିଶୋଇ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଜେନା, ଗ୍ରାମ୍ୟ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବରାଡ ଓ ଗ୍ରାମବାସୀ ସହଯୋଗ କରିଥିଲେ । ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲାପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ,ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ, ଗୋଡିସାହି ସରପଞ୍ଚ ଦୀପ୍ତିରଞ୍ଜନ ପରିଡା, ସମାଜସେବୀ ପ୍ରତାପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ମା'ଙ୍କ ଆଶିଷକୃପା ଲଭିଥିଲେ ।



# ବିତର୍କ ପ୍ରତିଯୋଗିତାରେ ସପ୍ତମଶ୍ରେଣୀ ଛାତ୍ରୀ ବିଶ୍ୱବିଜିତା ହେଲେ ରାଜ୍ୟ ବିଜେତା

**ନୟାଗଡ଼,୧୩।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ନୟାଗଡ଼ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇଥିଲେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ନୟାଗଡ଼ ସପ୍ତମ ଶ୍ରେଣୀ ଛାତ୍ରୀ ବିଶ୍ୱବିଜିତା ମହାନ୍ତି । ସମସ୍ତ ଜିଲ୍ଲାରୁ ପ୍ରଥମ ସ୍ଥାନର ପ୍ରତିନିଧି ମାନଙ୍କୁ ପଛରେ ପକାଇ ବିଶ୍ୱବିଜିତା ହେଲେ ବକ୍ତୃତା ବିଜୟିନୀ । ପୂର୍ବରୁ ନୟାଗଡ଼ର ପ୍ରତିଭା ଏହି କୁନି ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ଉତ୍କଳଜ୍ୟୋତି ସମ୍ମାନର ଅଧିକାରୀ ହୋଇଥିବା ସାଙ୍ଗକୁ ବିଜ୍ଞାନମେଳାରେ ପ୍ରଥମ ସ୍ଥାନ ଅଧିକାର କରି ନୟାଗଡ଼ ଜିଲ୍ଲାକୁ ଗୌରବପୂର୍ଣ୍ଣ ମଣ୍ଡନ କରିଥିଲେ । ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ସହିତ, ଗୀତାଶ୍ଳୋକ ଆବୃତ୍ତି ଓ କୁଇଜ୍ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରି ନୟାଗଡ଼ ଜିଲ୍ଲାର ସୁନାମ ଅକ୍ଷୁର୍ଣ୍ଣ ରଖିଛନ୍ତି । ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବରେ ବିଦ୍ୟାଳୟ ତରଫରୁ ପ୍ରଦତ୍ତ ବିଦ୍ୟାଳୟର ଗର୍ବ ଓ ଗୌରବ ସମ୍ମାନକୁ ବଜାୟ ରଖିଛନ୍ତି । ଏହି ଖବର ଶୁଣି ନୟାଗଡ଼ର ବୁଦ୍ଧିଜୀବୀ, ବିଦ୍ୟାଳୟର ଗୁରୁଜୀ, ଗୁରୁମା, ସାହିତ୍ୟିକ, ଲେଖକ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# ନୟାହାଟ ଫାଣ୍ଡିରେ 'ଆମ ପୁଲିସ'



**ନୟାହାଟ,୧୩।୭/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡିରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଶିକ୍ଷାବିତ୍ ମଧୁସୂଦନ ରାୟଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ନୟାହାଟ ଅଞ୍ଚଳର ୬ଟି ପଞ୍ଚାୟତରୁ ବରିଷ୍ଠ ନାଗରିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ନୟାହାଟ ଫାଣ୍ଡିର ସମସ୍ୟା ମୁଖ୍ୟତଃ ଗାଡ଼ି ନଥିବା ବେଳେ ଆବଶ୍ୟକ କର୍ମଚାରୀ ନାହାନ୍ତି । ଏ ଦିଗରେ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଗ୍ରାମାଞ୍ଚଳରୁ ଆସୁଥିବା ଲୋକମାନେ କିପରି ଫାଣ୍ଡିରୁ ନ୍ୟାୟ ପାଇବେ ସେଡିଗରେ ଦୃଷ୍ଟି ଦେବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ନୟାହାଟ ଫାଣ୍ଡି ପୁଲିସକୁ ନିବେଦନ କରିଥିଲେ । ଶେଷରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ୨୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରିଥିଲେ । ଉପସଭାପତି ସୁରେନ୍ଦ୍ର ମୋହନ ବୀଟି, ଉପସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ, ଏମ୍‌ଡି ତୟବ, ଫକୀର ସ୍ୱାଇଁ, ଆଲାମ ବେଗ, ସନାତନ ଖୁଣ୍ଟିଆ, କୃଷ୍ଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ୧୦୦ରୁ ଉର୍ଦ୍ଧ ବରିଷ୍ଠ ନାଗରିକ ଉକ୍ତ ସଭାରେ ଯୋଗଦେଇଥିଲେ ।

# ସମାଜସେବୀଙ୍କ ଅକାଳ ବିୟୋଗରେ ଶୋକ

**କଣ୍ଟାପଡ଼ା,୧୩।୭/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମର ବିଭୂତିଭୂଷଣ ପଟ୍ଟ ନାୟକଙ୍କ ପୁତ୍ର ତଥା ଯୁବ ସମାଜସେବୀ



ବିଦୁଭୂଷଣ ପଟ୍ଟନାୟକ(୨୬) ଓରଫ କୁନୁଙ୍କ ଅକାଳ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ଜିତେନ୍ଦ୍ର ମହାନ୍ତି, କେଦାରନାଥ ମିଶ୍ର, ଦୁର୍ଗାପ୍ରସାଦ ମହାନ୍ତି, ଦିଲୀପ ମହାନ୍ତି, ଇଂ. ଫଣିଭୂଷଣ ମହାନ୍ତି, ଶିବପ୍ରସାଦ ଦାଶ, ଦ୍ୱାରିକାନାଥ ଦାଶ, ସରପଞ୍ଚ ଜ୍ୟୋସ୍ନାରାଣୀ ସେଠୀ, ପ୍ରାଣକୃଷ୍ଣ ବେହେରା, ହରେକୃଷ୍ଣ ଦାସ ପ୍ରମୁଖ ସାମାଜିକ କାର୍ଯ୍ୟ ଓ ବିକାଶମୂଳକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା କୁନୁଙ୍କ ଅକଳା ବିୟୋଗରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଦୁଇଦିନ ପୂର୍ବେ ଫୁଲନଖରା-ନିଆଳି ୬୦ନମ୍ବର ରାଜ୍ୟ ରାଜପଥ ଜୋହଳଠାରେ କୁନୁ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।

**ନିତି ଭାରତୀ** — ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ। **- ମଦର ଟେରେସା**

NITIDIN
ନିତିଦିନ
ସୋମବାର, ୧୪ ଜୁଲାଇ, ୨୦୨୫

# ଆମ ଦେଶ ପାଇଁ ନୂତନ ଆହ୍ୱାନ



**ତପୋଧନ ପଣ୍ଡା**

ଗତ ଜୁନ୍ ମାସ ଶେଷ ସପ୍ତାହରେ ଚୀନର କୁନ୍‌ମିଙ୍ଗ୍‌ଠାରେ ଏକ ତ୍ରିପାକ୍ଷିକ ସମ୍ମିଳନୀ ଆହୂତ ହୋଇଥିଲା। ଅଂଶଗ୍ରହଣ କରିଥିଲେ ପାକିସ୍ତାନ, ବାଂଲାଦେଶ ଓ ଚୀନ୍‌ର ପ୍ରତିନିଧି। ଆଲୋଚିତ ହୋଇଥିଲା ନିଜ ନିଜ ମଧ୍ୟରେ ସହଯୋଗ ଓ ଗଭୀର ତଥା ନିବିଡ଼ ସଂପର୍କ ପ୍ରତିଷ୍ଠାର ବିଭିନ୍ନ ଦିଗ। ଏହା ପୂର୍ବରୁ ଗତ ମେ' ମାସରେ ଆଉ ଏକ ତ୍ରିପାକ୍ଷିକ ସମ୍ମିଳନୀ ଆହୂତ ହୋଇଥିଲା ଚୀନ୍, ପାକିସ୍ତାନ ଓ ଆଫଗାନିସ୍ତାନକୁ ନେଇ। ସେଥିରେ ନିଜ ନିଜ ମଧ୍ୟରେ ସଂପର୍କ ଓ ସହଯୋଗକୁ ଦୃଢ଼ୀଭୂତ କରିବା ସହିତ କିପରି ଚୀନ୍-ପାକିସ୍ତାନ ଇକୋନୋମିକ୍ କରିଡରକୁ ପ୍ରସାରିତ କରାଯାଇ ପାରିବ ଆଫଗାନିସ୍ତାନ ଭିତରକୁ, ସେଥି ନେଇ ଆଲୋଚନା ହୋଇଥିଲା। ଏହି ଦୁଇଟି ଘଟଣାରେ ପାକିସ୍ତାନକୁ ଅନ୍ତର୍ଭୁକ୍ତ କରିବାର କିଛି ଆବଶ୍ୟକତା ନଥିଲା। କିନ୍ତୁ ଚୀନ୍ ତାହା କରିଥିଲା। ଏହାର କାରଣ ଥିଲା, ବାଂଲାଦେଶର ମହମ୍ମଦ ୟୁନୁସ୍ ପରିଚାଳିତ ସରକାରର ପାକିସ୍ତାନ ପ୍ରୀତି ଓ ଭାରତ ସହିତ ଅତୀତକୁ ଭୁଲିଯାଇ ସଂପର୍କର ତିକ୍ତତା ଏବଂ ତା' ସହିତ ଆଫଗାନିସ୍ତାନ ସହିତ ଧୀରେ ଧୀରେ ବୃଦ୍ଧି ଘଟୁଥିବା ଭାରତର ସଂପର୍କ। ଅର୍ଥାତ୍ ଚୀନ୍ ଚାହୁଁଛି- ପାକିସ୍ତାନ ସହିତ ଅଧିକ ପରିମାଣରେ ଭାରତର ସଂପର୍କରେ ତିକ୍ତତା ତଥା ଆଫଗାନିସ୍ତାନକୁ ଦେଖେଇ ଦେବା ପାଇଁ ଯେ ଆମେ ତୁମ ଦେଶକୁ ଭାରତଠାରୁ ଅଧିକ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଦେଇ ପାରିବୁ।

୧୯୬୨ରେ ଚୀନ୍ ଭାରତକୁ ଆକ୍ରମଣ କରିବା ପରେ ଚୀନ୍ ସହିତ ସଂପର୍କ ତ ଆମର ତିକ୍ତ ଥିଲା। ଚୀନ୍ ଏହାକୁ ଏକ ମଉକା ଭାବି ପାକିସ୍ତାନ ସହିତ ସଂପର୍କ ବୃଦ୍ଧି କରି ଚାଲିଲା ଭାରତ ବିରୁଦ୍ଧରେ। ସେ ସଂପର୍କ ଏତେ ନିବଡ଼ ହେଲା ଯେ ଏପରିକି ଚୀନ୍ ତାକୁ ଋଣ ଯନ୍ତାରେ ଆବଦ୍ଧ କରିବା ସତ୍ତ୍ୱେ ପାକିସ୍ତାନ ସହିତ ଚୀନ୍‌ର ଇକୋନୋମିକ୍ କରିଡର ଆରମ୍ଭ ହୋଇଗଲା। ଚୀନ୍‌ର ଲକ୍ଷ୍ୟ ସର୍ବଦା ପାକିସ୍ତାନ ସହିତ ଗଣ୍ଡଗୋଳରେ ଭାରତ ବେଶୀ ପରିମାଣରେ ସେ ଦିଗକୁ ଲକ୍ଷ୍ୟ ଦେବ ଓ ତା'ରି ଭିତରେ ସୀମା ସେ ପାଖରେ ଚୀନ୍ ତା'ର ସାମରିକ ଶକ୍ତି ବୃଦ୍ଧି କରି ଚାଲିବ। ଆଉ ପାକିସ୍ତାନ ଭାବିଲା, ଚୀନ୍ ତାକୁ ଭାରତ ବିରୁଦ୍ଧରେ ସାମରିକ ସହଯୋଗ ଯୋଗାଇ ଦେବ ଓ ଆର୍ଥିକ ସହାୟତା ମଧ୍ୟରେ ନିଜକୁ ସମୃଦ୍ଧ କରି ତୋଳିବ। ଏବେ ପାକିସ୍ତାନ ସଂପୂର୍ଣ୍ଣ ଭାବରେ ଚୀନ୍ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ୨୦୨୪ ସୁଦ୍ଧା ଚୀନ୍‌ଠାରୁ ପାକିସ୍ତାନର ଋଣର ପରିମାଣ ପହଞ୍ଚିଛି ୨୯ ବିଲିୟନ ଡଲାରରେ। ଆଉ ପାକିସ୍ତାନର ୮୦ ପ୍ରତିଶତ ଅସ୍ତ୍ରଶସ୍ତ୍ର ସବୁ ଚୀନ୍ ନିର୍ମିତ। ତା' ସହିତ ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅନେକ ଗ୍ଲୋବାଲ ଟେରରିଷ୍ଟଙ୍କୁ ପାକିସ୍ତାନ ନିଜ ଦେଶରେ ପାଳିପୋଷି ଭାରତ ବିରୁଦ୍ଧରେ ପ୍ରୟୋଗ କଲେ ବି ଚୀନ୍ ସେମାନଙ୍କ ସୁରକ୍ଷାକୁ ସମର୍ଥନ କରି ଜାତିସଂଘର ନିରାପତ୍ତା ପରିଷଦରେ ଭିଟୋ ପ୍ରୟୋଗ କରିବ। ଅପରେସନ୍ ସିନ୍ଦୂର ଥିଲା ପାକିସ୍ତାନର ପହଲଗାମ୍ ଆତଙ୍କୀ ଆକ୍ରମଣର ପ୍ରତିଶୋଧ। ମାତ୍ର ଚୀନ୍ ଏହାକୁ ଏକ ଦୁଃଖଦାୟକ ଘଟଣା ଭାବେ ଅଭିହିତ କରି ଏହାର ସମାଧାନ ପାଇଁ ପରସ୍ପର ସହିତ ଆଲୋଚନା କରି



ଏକ ରାଜନୈତିକ ସମାଧାନ ବାହାର କରିବା ପାଇଁ ମତ ଦେଇଥିଲା। ତା' ସହିତ ଭାରତ ପାକିସ୍ତାନ ସହିତ ମିଶି ପହଲଗାମ୍ ଆକ୍ରମଣକୁ ଅନୁସନ୍ଧାନ କରିବା ଆବଶ୍ୟକ ଓ ଦୁହେଁ ମିଶି ଏହାର ସମାଧାନ କରିବା ଦରକାର ବୋଲି କହିଥିଲା। ଏହି ୪ ଦିନ ଯୁଦ୍ଧ ଓ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିବା ଭିତରେ ଦେଖାଗଲା ଯେ ପାକିସ୍ତାନ ବ୍ୟବହାର କରୁଛି ଚୀନ୍ ନିର୍ମିତ ଅସ୍ତ୍ରଶସ୍ତ୍ର- ସର୍ଭେଇଲାନ୍ସ ରାଡାର, ମିସାଇଲ୍, ଗାଇଡାନ୍ସ ସିଷ୍ଟମ୍, ଫାଇଟର ଜେଟ୍। ଅପରେସନ୍ ସିନ୍ଦୂର ପରେ ପରେ ପାକିସ୍ତାନର ବିଦେଶ ମନ୍ତ୍ରୀ ଦୌଡ଼ିଥିଲେ ଚୀନ୍‌କୁ ତା' ସହିତ 'ଆଇରନ୍-କ୍ଲାଡ୍-ଫ୍ରେଣ୍ଡସିପ୍'କୁ ଦୋହରାଇବା ପାଇଁ।

ଏବେ ଏହି ଆଫଗାନିସ୍ତାନକୁ ଅନ୍ତର୍ଭୁକ୍ତ କରି ତ୍ରିପାକ୍ଷିକ ଆଲୋଚନା କରିବା ସେମିତି ଏକ ନୂତନ ଘଟଣା ନୁହେଁ। ଏପରିକି ୧୯୬୫ ମସିହାରେ ପାକିସ୍ତାନ ଚାହିଁଥିଲା ତତ୍କାଳୀନ ପୂର୍ବ ପାକିସ୍ତାନ, ଚୀନ୍, ନେପାଳ ସହିତ ମିଶି ଭାରତରୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ପୃଥକ୍ କରିବାକୁ ସିଲିଗୁଡ଼ି କରିଡର ଦେଇ। ତାହା ୨୨ କି.ମି. ବ୍ୟାପି ଏକ ଅପ୍ରଶସ୍ତ କରିଡର, ଯାହା ଭାରତ ସହିତ ଯୋଡ଼ିଛି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ। ପାକିସ୍ତାନ ପ୍ରାୟୋଜିତ ୨୦୧୬ ମସିହାର ୟୁରି ଆକ୍ରମଣ, ୨୦୧୯ ମସିହାର ପୁଲ୍‌ୱାମା ଆକ୍ରମଣ, ଆଉ ଏବକାର ପହଲଗାମ୍ ଆତଙ୍କୀ ହମ୍‌ଲାକୁ ମୁହଁତୋଡ଼ ଜବାବ୍ ଦେଇଛି ଆମ ଦେଶ, ଯାହା କେବେ ପାକିସ୍ତାନ କଳ୍ପନା ସୁଦ୍ଧା କରି ନଥିଲା। ଆଉ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏଇ ନ୍ୟୁକ୍ଲିୟର ବ୍ଲାକ୍‌ମେଲ ଆଉ ଚଳିବନି ଭଳି କଡ଼ା ଶବ୍ଦର ଯେ ଭାରତ ବାସ୍ତବାୟିତ କରି ପାରିବ, ତାହା ମଧ୍ୟ ପାକିସ୍ତାନ ସ୍ୱପ୍ନରେ ସୁଦ୍ଧା ଭାବି ପାରି ନଥିଲା। ତା' ସହିତ ଧୀରେ ଧୀରେ ଭାରତର ଅର୍ଥନୈତିକ ଅଗ୍ରଗତି ଓ ଅପରେସନ୍ ସିନ୍ଦୂର ପରେ ପାର୍ଲାମେଣ୍ଟ ସଦସ୍ୟଙ୍କ ବିଭିନ୍ନ ଦେଶ ଗସ୍ତ କରି ଏହାର ଯଥାର୍ଥତା ପ୍ରତିପାଦନ କରି ପାକିସ୍ତାନକୁ ଏକଘରକିଆ କରିବା ମଧ୍ୟ ପାକିସ୍ତାନର ଚିନ୍ତାର କାରଣ ସାଜିଲା। ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସସ୍‌ପେଣ୍ଡ୍ କରିବା, ଯାହା ଅତୀତର ଅନେକ ଯୁଦ୍ଧ ପରେ ବି ହୋଇ ନଥିଲା, ତାହା ପାକିସ୍ତାନକୁ ହାତରେ ନ ମାରି ଭାତରେ ମାରିବାର ଯୋଜନା, ଯାହା ପାକିସ୍ତାନକୁ ସ୍ତମ୍ଭୀଭୂତ କରି ଦେଇଛି। ତା' ସହିତ ଭାରତର ବାସ୍ତବବାଦୀ ପଶ୍ଚିମ ଏସିଆ ଦେଶ ସମୂହ ସହିତ ସଂପର୍କ-ସହଯୋଗ ମଧ୍ୟ ଚୀନ୍‌ର ଅଗ୍ରଗତିର ବେଗକୁ ହ୍ରାସ କରିବାରେ ସମର୍ଥ ହୋଇଛି। ଚୀନ୍ ଚାହୁଁଥିବା ବେଲ୍‌ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ ପାଇଁ ନେପାଳ ରାଜି ହୋଇଥିଲେ ହେଁ ଅର୍ଥ କେଉଁଠୁ ଆସିବ ଭଳି ପ୍ରଶ୍ନ ଏବେ ଅଡୁଆ ସୂତାରେ ପରିଣତ ହୋଇଛି ଏବଂ ମାଳଦ୍ୱୀପର ରାଷ୍ଟ୍ରପତି ପ୍ରଥମେ ଚୀନ୍ ସହିତ ସଂପର୍କ ବଢ଼ାଇବାରୁ କ୍ଷାନ୍ତ ହୋଇ ଏବେ ଆମ ଦେଶ ପ୍ରତି ଆକୃଷ୍ଟ ହେବା ମଧ୍ୟ ଚୀନ୍ ସହ୍ୟ କରି ପାରୁନି। ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା ଦିଶାନାୟକେ ଆମ ଦେଶ ସହିତ ସଂପର୍କ ବୃଦ୍ଧି କରି ଚାଲିଛନ୍ତି ଚୀନ୍ ପରିପ୍ରେକ୍ଷୀରେ। ବାଂଲାଦେଶ ବିଶ୍ୱାସଘାତକତା କରି ଆମ ଦେଶ ବିରୁଦ୍ଧରେ ଗର୍ଜନ କରି ଚାଲିଥିବା ସତ୍ତ୍ୱେ ଆମ ଦେଶ, ନେପାଳ ଓ ବାଂଲାଦେଶ ମିଶି ଆଗରୁ କରିଥିବା ଏନର୍ଜି-କୋ ଅପରେସନ୍ କ୍ଷେତ୍ରରେ ଆମ ଦେଶ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରିନାହିଁ।

ଏହିସବୁ କାରଣ ବୋଧହୁଏ ଚୀନ୍‌କୁ ଆଫଗାନିସ୍ତାନ ଆଡ଼େ ମୁହଁ ଫେରାଇବାକୁ ବାଧ୍ୟ କରିଛି। ବାଂଲାଦେଶ ଓ ଆଫଗାନିସ୍ତାନ ପାକିସ୍ତାନ ସହିତ ଅତୀତରେ ସଂପର୍କ ବୃଦ୍ଧି କରି ଆମ ଦେଶ ବିରୁଦ୍ଧରେ ଆତଙ୍କୀଙ୍କ ସୁରକ୍ଷା ନେଇଛନ୍ତି। କିନ୍ତୁ ଏବେ ସମୟ ବଦଳିଛି। ଆଫଗାନିସ୍ତାନର ଆତଙ୍କୀମାନେ ପାକିସ୍ତାନ ଉପରେ ହମ୍‌ଲା ସୃଷ୍ଟି କରି ଚାଲିଛନ୍ତି। ଆମ ଦେଶ ଆତଙ୍କବାଦ ବିରୁଦ୍ଧରେ ସମଗ୍ର ବିଶ୍ୱକୁ ସଂଗଠିତ କରିବା ପରିପ୍ରେକ୍ଷୀରେ ଚୀନ୍‌ର ଏଇ ତ୍ରିପାକ୍ଷିକ ଆଲୋଚନା ହୁଏତ ଆମ ଦେଶକୁ ଅସୁବିଧାରେ ପକାଇ ଦେଇପାରେ। କାରଣ ଚୀନ୍ ଏବେ ବାଂଲାଦେଶକୁ ଭାରତ ବିରୋଧରେ ସଂଗ୍ରାମ କରିବାକୁ ଉସୁକାଉଛି। କିନ୍ତୁ ସବୁ କ୍ଷେତ୍ରରେ ଏକ 'ରେଡ୍ ଲାଇନ୍' ଅଛି। ଆମ ଦେଶ ସବୁବେଳେ ଏଇ ନାଲି ଗାର ବିଷୟରେ କହିଛି ଓ ଏହାକୁ ଅତିକ୍ରମ କରିବା ଭଳି ଦୁଃସାହସିକ କାର୍ଯ୍ୟ କେହି କଲେ ଏଥିପାଇଁ ଗୁରୁତର ଅର୍ଥନୈତିକ, ସାମରିକ ଓ ରାଜନୈତିକ ମୂଲ୍ୟ ଦେବାକୁ ପଡ଼ିବ। ତଥାପି ଆମ ଦେଶ ଏହି ଦୁଇ ଦୁଇଟି ତ୍ରିପାକ୍ଷିକ ସମ୍ମିଳନୀ ପ୍ରତି ସତର୍କ ରହିବା ଜରୁରୀ।

**ଭିଆଇଏମ୍-୭୪୧, ଶୈଳଶ୍ରୀ ବିହାର,**
**ଭୁବନେଶ୍ୱର**
**ମୋ: ୯୪୩୭୩୦୭୪୮୬**

# ଜାତି ପରି ଜାତିଟିଏ



**ଛନ୍ଦା ମିଶ୍ର**

ଆମ ଓଡ଼ିଆରେ ଗୋଟେ ଢଗ ଅଛି, ଭୋକେ ଓଡ଼ିଆ ନିଦ ଯାଏ। ଖାଲି ପେଟରେ ଆଉ କିଏ ଶୋଇ ପାରୁ କି ନ ପାରୁ, ଓଡ଼ିଆ କିନ୍ତୁ ଏତେ କଷ୍ଟ ସହିଷ୍ଣୁ ଯେ ଭୋକକୁ ବେଖାତିର କରି ସେ ଆରାମରେ ଶୋଇଯାଇ ପାରେ। ଠିକ୍ ସେମିତି ବଙ୍ଗାଳୀ ଜାତିର ମିଠା ଭାଷା, ମାଛ ଓ ମିଷ୍ଟାନ୍ନ ପ୍ରତି ଅହେତୁକ ଦୁର୍ବଳତା, ଦାକ୍ଷିଣାତ୍ୟରେ ନିଜ ସଂସ୍କୃତି ଓ ପରମ୍ପରା ପ୍ରତି ନିଷ୍ଠାପରତାକୁ ସମସ୍ତେ କରନ୍ତି ପ୍ରଶଂସା। ତେବେ ପଞ୍ଜାବୀ ଲୋକଙ୍କୁ ନେଇ ଯେତେ ଚୁଟ୍‌କୁଲା ବା ମଜାକଥା ଶୁଣିବାକୁ ମିଳେ, ସେପରି ଅନ୍ୟ ଜାତିରେ ମିଳେନା। କିନ୍ତୁ ପ୍ରକୃତରେ କଥାଟି ଓଲଟା। ସେମାନେ ଯେପରି ବୁଦ୍ଧିମାନ, ସେପରି ଉଦାର; ଯେମିତି ସାହାଯ୍ୟକାରୀ, ସେମିତି ବନ୍ଧୁ ବତ୍ସଳ; ଯେତିକି ସାହସୀ, ସେତିକି ନମ୍ର। ଆଉ ତାଙ୍କ କର୍ମପ୍ରବଣତାର ତ ଦିଆଯାଏ ଉଦାହରଣ ଯେ ଆପଣ ଯୁଆଡ଼େ ଗଲେ ବି ପଞ୍ଜାବୀ ଭିକାରୀଟିଏ ପାଇବେ ନାହିଁ!

ଏଇ କଥାଟି ସେଦିନ ମର୍ମେ ମର୍ମେ ଅନୁଭବ କରିଥିଲୁ ପଞ୍ଜାବର ଅମୃତସରରେ। ପୂର୍ବ ଦିନ ଦିଲ୍ଲୀରୁ ବାହାରି ଅମୃତସରରେ ପହଞ୍ଚିଲା ବେଳକୁ ହାତ ଘଣ୍ଟାରେ ସମୟ ରାତି ନଅଟା। ଦେହ ଓ ମନ ଉଭୟ ସମ୍ପୂର୍ଣ୍ଣ କ୍ଳାନ୍ତ। କେମିତି କ'ଣ ଟିକେ ପାଟିରେ ଦେଇ ଶେଜରେ ଗଡ଼ି ପଡ଼ିବୁ, ସେଥିପାଇଁ ତର ସହୁନି। ନିଦ ଭାଙ୍ଗିଲା ବେଳକୁ ସକାଳ ସାତଟା। ଜଲ୍‌ଦି ଜଲ୍‌ଦି ଗାଧୋଇ ପଡ଼ି ଆମେ ବାହାରିଲୁ ସ୍ୱର୍ଣ୍ଣ ମନ୍ଦିର। ତେବେ ଯିବା ପୂର୍ବରୁ ଅମୃତସରର ପ୍ରସିଦ୍ଧ ଆଲୁ ପରଟା ଓ ଦହିର ମିଠା ଲସି ପିଇ ପେଟ ପୂଜା କରିନେବାକୁ ଭୁଲି ନଥିଲୁ।

ଆଗରୁ କେବଳ ସ୍ୱର୍ଣ୍ଣ ମନ୍ଦିରର ଫଟୋ ଦେଖିଥିଲି; ଆଜି ପ୍ରତ୍ୟକ୍ଷ ଦର୍ଶନ କରିବି ଭାବି ହୋଇ ଉଠୁଥିଲି ଉଲ୍ଲସିତ। ଆମେ ପହଞ୍ଚି ଯାଇଥିଲୁ ସ୍ୱର୍ଣ୍ଣ ମନ୍ଦିର ନିକଟରେ। ଚାରିପଟେ ଲୋକ ଗହଳି, ଲୋକଙ୍କ ମୁଣ୍ଡରେ ପଗଡ଼ି, ମହିଳାମାନଙ୍କ ମୁଣ୍ଡ ଉପରେ ଓଢ଼ଣା। ଏହା ତାଙ୍କ ଧର୍ମ, ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନ ଜ୍ଞାପନ କରିବାର ମାଧ୍ୟମ। ଏଠାରେ ବୁଢ଼ା ବୁଢ଼ା ଲୋକ ବି ରିକ୍ସା ଟାଣୁଥିବାର ଦେଖିଲି। ଆମେ ଯେତେ କର୍ମ କୁଣ୍ଠିତ, ସେମାନେ ସେତେ କର୍ମତତ୍ପର। ସେମାନଙ୍କୁ ଦେଖି ଆମେ ବି ମୁଣ୍ଡରେ କପଡ଼ା ଦେଇ ଭିତରକୁ ପଶିଲୁ। ଚପଲ ରଖିବାକୁ ଉଦ୍ଦିଷ୍ଟ କୋଠରୀକୁ ଚାହିଁଲା ବେଳକୁ ସେଠି ଦାମୀ ପୋଷାକ ପିନ୍ଧିଥିବା ପୁରୁଷ ତଥା ମହିଳାମାନେ ଆମ ହାତରୁ ଚପଲ ନିଜେ ନେଇ ଯାଉଥାନ୍ତି। ଏପରି ଧନୀ ଲୋକଙ୍କୁ ନିଜ ପିନ୍ଧା ଚପଲ ବଢ଼େଇ ଦେଲା ବେଳକୁ ଖୁବ୍ ସଙ୍କୋଚ ଲାଗୁଥାଏ। କିନ୍ତୁ ପୂର୍ବରୁ ଠାଏ ପଢ଼ିଥିଲି, ଏଠାରେ ଏହାକୁ କରସେବା କୁହନ୍ତି, ଯେଉଁଥିରେ ଉଚ୍ଚ ନୀଚର ଭେଦଭାବ ନ ରଖି ପ୍ରତିଟି ମଣିଷକୁ ଈଶ୍ୱରଙ୍କ ପ୍ରତିରୂପ ବୋଲି ଜ୍ଞାନ କରି ଧର୍ମ ଅର୍ଜନ ପାଇଁ ଗୁରୁଦ୍ୱାରାରେ ସମୟ ଦେଇ ନିଜ ସାମର୍ଥ୍ୟ ଅନୁସାରେ ଶ୍ରମ ଦାନ କରିବା ପାଇଁ ଆଗେଇ ଆସନ୍ତି। ଏପରି କରସେବା କରୁଥିବା ଲୋକଙ୍କୁ କୁହାଯାଏ କରସେବକ। ନିଜ ଶ୍ରମର କୌଣସି ପ୍ରତିଦାନ ଆଶା ନ କରି ଏହି ନିଃସ୍ୱାର୍ଥପର ସେବକମାନେ ବିନା ଦ୍ୱିଧାରେ ଶ୍ରଦ୍ଧାଳୁଙ୍କ ମଇଳା ଜୋତା ବ୍ରସ୍ କରିବାଠାରୁ ଆରମ୍ଭ କରି ଭୋଗ ଓ ଭୋଜନ ପ୍ରସ୍ତୁତି, ଅଇଁଠା ବାସନକୁସନ ଧୋଇବାରେ ସହାୟତା କରିବା, ଗୁରୁଦ୍ୱାରା ପରିସର ସଫା କରିବା ଆଦି ଯାବତୀୟ କାର୍ଯ୍ୟ, ଯାହାକୁ ସାଧାରଣ ଆଖିରେ ନ୍ୟୂନ ବୋଲି କୁହାଯାଏ, ତାହା କରି ଯାଆନ୍ତି ନିର୍ମଳ ମନ ନେଇ।

ସ୍ୱର୍ଣ୍ଣ ମନ୍ଦିର ଭିତରକୁ ଯିବା ପାଇଁ ପୁରୁଷ ମହିଳା ନିର୍ବିଶେଷରେ ସମସ୍ତେ ମୁଣ୍ଡରେ କପଡ଼ା ରଖିବା ଆବଶ୍ୟକ। ଯେଉଁମାନେ ପାଖରେ କୌଣସି କପଡ଼ା ବା ରୁମାଲ ରଖି ନାହାନ୍ତି, ତାଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ କପଡ଼ା ଯୋଗାଇ ଦିଆଯାଏ ମାଗଣାରେ।



ଗୁରୁଦ୍ୱାରା ଭିତରେ ପ୍ରବେଶ କରିବା ମାତ୍ରେ ଆଖିରେ ପଡ଼ିଲା ସ୍ୱର୍ଣ୍ଣ ଆଚ୍ଛାଦିତ ପବିତ୍ର ସ୍ୱର୍ଣ୍ଣ ମନ୍ଦିର, ଯାହା ଅମୃତ ସରୋବରଙ୍କର ଠିକ୍ ମଝିରେ ଅବସ୍ଥିତ। ଅନେକ ଶ୍ରଦ୍ଧାଳୁ ଏଠାରେ ସ୍ନାନ କରି ଭିତରେ ପ୍ରବେଶ କରନ୍ତି। ଆମେ ଏହି ପବିତ୍ର ସରୋବରରୁ ପବିତ୍ର ଜଳ ଟିକେ ଆଣି ମୁଣ୍ଡରେ ଛିଞ୍ଚି ଆଗକୁ ବଢ଼ିଲୁ। ଏହି ଗୁରୁଦ୍ୱାରାଙ୍କୁ ହର ମନ୍ଦିର ସାହେବ ବା ଦରବାର ସାହେବ ବୋଲି ମଧ୍ୟ କୁହାଯାଏ। ଏହି ପବିତ୍ର ଅମୃତ ସରୋବରଙ୍କ ଆଧାରରେ ଏହି ସ୍ଥାନକୁ ଲୋକେ ଅମୃତସର ବୋଲି କୁହନ୍ତି। ଏହି ପବିତ୍ର ସରୋବରଟି ଶିଖ୍‌ମାନଙ୍କ ଚତୁର୍ଥ ଗୁରୁ, ଗୁରୁ ରାମଦାସଙ୍କ ଦ୍ୱାରା ନିର୍ମିତ। ତାଙ୍କ ପରେ ଶିଖ୍‌ମାନଙ୍କ ପଞ୍ଚମ ଗୁରୁ, ଗୁରୁ ଅର୍ଜନ ଦାସ ଏହି ଗୁରୁଦ୍ୱାରାଟି ନିର୍ମାଣ କରିଥିଲେ। ଏହାର ନିର୍ମାଣ ୧୫୮୫ରେ ଆରମ୍ଭ ହୋଇ ୧୬୦୪ରେ ସମାପ୍ତ ହୋଇଥିଲା। ଏହି ଗୁରୁଦ୍ୱାରାଟି ଶିଖ୍‌ମାନଙ୍କ ଦ୍ୱାରା ବାରମ୍ବାର ନିର୍ମାଣ କରା ଯାଇଛି, କାରଣ ବିଦେଶୀ ମୋଗଲ ଓ ଆଫଗାନମାନେ ଏହା ଉପରେ ବରମ୍ବାର ଆକ୍ରମଣ କରି ଏହାର ଅନେକ କ୍ଷୟକ୍ଷତି କରିଛନ୍ତି। ମହାରାଜା ରଣଜିତ୍ ସିଂହ ଯେତେବେଳେ ଏଠାରେ ଶିଖ୍ ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ସେତେବେଳେ ଏହାକୁ ମାର୍ବଲ ଓ ତମ୍ବା ଦ୍ୱାରା କଲେ ପୁନଃନିର୍ମାଣ ଓ ୧୮୩୦ରେ ଏହାର ଗର୍ଭଗୃହ ଉପରେ ପ୍ରାୟ ୭୫୦ କେ.ଜି.ର ସୁବର୍ଣ୍ଣ ପାତ ଆଚ୍ଛାଦନ କଲା ପରେ ଏହାର ନାମ ସ୍ୱର୍ଣ୍ଣ ମନ୍ଦିର ହୋଇଗଲା।

ସରୋବର ଦେଇ ଚାରିପଟୁ ଚାରିଟି ରାସ୍ତା ମନ୍ଦିର ପର୍ଯ୍ୟନ୍ତ ଯାଉଛି, ଯାହା ଦର୍ଶାଏ ଯେ ସବୁ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କୁ ଏହା ସ୍ୱାଗତ କରୁଛି, ସମସ୍ତ ଭେଦଭାବକୁ ଭୁଲି। ଯେହେତୁ ସମସ୍ତେ ସେହି ଅମୃତଙ୍କ ସନ୍ତାନ, ତେଣୁ ସମସ୍ତେ ଭାଇ ଭାଇ। ଭିତରେ ଶିଖ୍ ଧର୍ମର ପବିତ୍ର ପୁସ୍ତକ ଗୁରୁ ଗ୍ରନ୍ଥ ସାହେବଙ୍କୁ ପୂଜା କରାଯାଏ। ଏହି ଆଦି ଗ୍ରନ୍ଥଟି ଗୁରୁ ଅର୍ଜନ ଦାସଙ୍କ ଦ୍ୱାରା ପାରମ୍ପରିକ ଭାବେ ସ୍ଥାପନା କଲା ପରେ ବାବା ବୁଦ୍ଧଙ୍କୁ ପ୍ରଥମ ଗ୍ରନ୍ଥି ଭାବେ ନିଯୁକ୍ତି ଦିଆ ଯାଇଥିଲା। ସେହି ପବିତ୍ର ପୁସ୍ତକରୁ ଦୋହାଗୁଡ଼ିକୁ କେବଳ ହାରମୋନିୟମ ଓ ଡୁବି ତବଲା ସାହାଯ୍ୟରେ ଗାନ କରା ଯାଉଥାଏ। ସେ ଉଚ୍ଚାରଣ, ସେ ଭାଷା କିଛି ବୁଝି ପାରୁ ନଥିଲେ ବି ମଧୁର ସ୍ୱରର ମୂର୍ଚ୍ଛନା ହୃଦୟକୁ ଆନ୍ଦୋଳିତ କରି ପକାଉ ଥାଏ। ଅଦ୍ଭୁତ ଓ ଅଲୌକିକ ଏକ ଆବେଦନ ଅନ୍ତର୍ମନରେ କରୁଥାଏ ଝଂକୃତ। ଗୁରୁ ଗ୍ରନ୍ଥଙ୍କୁ ଚାମର ସେବା କରା ଯାଉଥାଏ। ତାଙ୍କ ନିକଟରେ ମୁଣ୍ଡିଆ ମାରି ଆମେ କିଛି ସମୟ ସେଠାରେ ବସି ରହିଲୁ। ସେଠାକାର ପରିବେଶ, ପରିଷ୍କାର ପରିଚ୍ଛନ୍ନତା ତଥା ଶ୍ରଦ୍ଧାଳୁଙ୍କ ଶୃଙ୍ଖଳା ଜ୍ଞାନ ଉଦାହରଣ ଦେଲା ପରି। ମନ ପୂରା ଶାନ୍ତ ହୋଇଗଲା।

ତେବେ ସ୍ୱର୍ଣ୍ଣ ମନ୍ଦିରର ଇତିହାସ ଜାଣି ଅନ୍ତର ବ୍ୟଥିତ ହୋଇ ଉଠିଲା। ଗୁରୁ ଅର୍ଜନ ସିଂହଙ୍କ ଲୋକପ୍ରିୟତା ଦେଖି ଜାହାଙ୍ଗୀର ତାଙ୍କୁ ଇସଲାମ ଧର୍ମ ଗ୍ରହଣ କରିବା ପାଇଁ ବାଧ୍ୟ କଲେ। ମାତ୍ର ସେ ଏହାର ଦୃଢ଼ ବିରୋଧ କଲାରୁ ତାଙ୍କୁ ଅକଥନୀୟ ଅତ୍ୟାଚାର ଦେଇ ମୁଣ୍ଡକାଟ କରାଗଲା। ଏହା ଜାଣି ତାଙ୍କ ସୁପୁତ୍ର ତଥା ଉତ୍ତରାଧିକାରୀ ଗୁରୁ ହରଗୋବିନ୍ଦ ସିଂହ ଯୁଦ୍ଧ କରିବାକୁ ଆଗେଇ ଆସିଲେ ଓ ହାରିଯାଇ ଅମୃତସର ଛାଡ଼ି କିରାତପୁର ଚାଲିଗଲେ। ପରେ ପୁଣି ଗୁରୁ ଗୋବିନ୍ଦ ସିଂହ ଖାଲସା ନାମକ ଗୋଟିଏ ସ୍ୱତନ୍ତ୍ର ଗୋଷ୍ଠୀ ଗଢ଼ି ମନ୍ଦିରକୁ ପୁନଃ ଶିଖ୍ ସମ୍ପ୍ରଦାୟର ନିୟନ୍ତ୍ରଣକୁ ଆଣିଥିଲେ। ତେବେ ସେମାନଙ୍କ ଆସ୍ଥା ଉପରେ ଆକ୍ରମଣ କରିବାକୁ କୁଚକ୍ରୀ ସବୁବେଳେ ଚେଷ୍ଟା କରିଥିଲେ। କେବେ ସେ ପବିତ୍ର ଧର୍ମସ୍ଥଳୀକୁ ବିଧ୍ୱସ୍ତ କରି, କେବେ ପୁଣି ସେ ପୁଣ୍ୟ ସରୋବରରେ ବାଲି, ମଣିଷ ମଳ, ଗୋ-ମାଂସ, ରକ୍ତ ଆଦି ପକାଇ। କିନ୍ତୁ ଯେଉଁ ଧର୍ମ, ଶିଖ୍ ଧର୍ମର ରକ୍ତରେ, ଶିରା ପ୍ରଶିରାରେ ପ୍ରବାହିତ, ତାକୁ ଧ୍ୱଂସ କରିବା ଏତେ ସହଜ ନଥିଲା। ଯେତେ ଥର ବି ଏ ଜାତି ଉପରେ ଆକ୍ରମଣ ହୋଇଛି, ନିଜ ଧର୍ମ ପ୍ରତି ପ୍ରଚଣ୍ଡ ଆସ୍ଥା ରଖି ଏହି ଜାତି ପ୍ରତି ଥର ନିଜ ମୁଣ୍ଡ ଟେକି ଛିଡ଼ା ହୋଇଛି। ସେହିଠାରେ ପୁଣି ହୋଇଥିଲା ଅପରେସନ ବ୍ଲ୍ୟୁ ଷ୍ଟାର୍। ଏହି ଅପରେସନରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ଏହି ପବିତ୍ର ସ୍ଥାନଟିର। ପରେ ପୁଣି ତାହା ହୋଇଥିଲା ନିର୍ମିତ।

ଆମେ ଦର୍ଶନ ସାରି ବାହାରକୁ ଆସିଲୁ। ବାହାରେ ଗୁରୁଦ୍ୱାରାର ପ୍ରସିଦ୍ଧ କଡ଼ା ପ୍ରସାଦ ବିତରଣ କରା ଯାଉଥିଲା। ଅତ୍ୟନ୍ତ ସ୍ୱାଦିଷ୍ଟ ସେହି ପ୍ରସାଦ ଗ୍ରହଣ କରି ମନ ହୋଇଗଲା ତୃପ୍ତ। ଖୁବ୍ ଇଚ୍ଛା ଥିଲା ଗୁରୁଦ୍ୱାରାଙ୍କ ଲଙ୍ଗରରେ ବସି ସମସ୍ତଙ୍କ ସହିତ ଭୋଜନ ଗ୍ରହଣ କରିବା ପାଇଁ। କିନ୍ତୁ ସମୟ ହୋଇଥିଲା ମାତ୍ର ଦିନ ଏଗାର ଟା। ତେଣୁ ସେଠାରୁ ମାତ୍ର ତିନି ଶହ ମିଟର ଦୂରରେ ଥିବା ଜାଲିଆନାୱାଲାବାଗର ସ୍ମୃତି ପୀଠଟି ଦେଖିସାରି ଆସି ଏଠାରେ ଲଙ୍ଗରରେ ବସିବୁ ବୋଲି ଭାବି ଆମେ ଆଗେଇ ଗଲୁ ସେହି ରାସ୍ତାରେ। ତେବେ ତା' ପୂର୍ବରୁ କିଣିନେଲୁ ସେଠାରେ ମିଳୁଥିବା ଷ୍ଟିଲ୍ କଡ଼ା, କିଛି ଶିଖ୍ ଧର୍ମର ପ୍ରତୀକ ଥିବା ରୁମାଲ ଓ ମୁଣ୍ଡବନ୍ଧା ଆଦି। ଆଉ ଏ ମହାନ ଜାତିର ନିଃସ୍ୱାର୍ଥପରତା, ସମାଜ ସେବା, ସ୍ୱାଭିମାନ ତଥା ନିଜ ଧର୍ମ ପ୍ରତି ନିଷ୍ଠାପରତା ଦେଖି ମୁଣ୍ଡ ଆପେ ନଇଁ ଯାଉଥିଲା।

**ମୋ: ୯୪୩୭୪୫୩୬୧୦**

# ଇସିଆଇ ଓ ବିହାର ସମସ୍ୟା

ଏକ ସଫଳ ନିର୍ବାଚନୀ ଗଣତନ୍ତ୍ରର ଅତ୍ୟାବଶ୍ୟକ ବୈଶିଷ୍ଟ୍ୟଗୁଡ଼ିକ ହେଉଛି ମତଦାନ କରିବାର ଅଧିକାର ଏବଂ ଏହା କରିବା ନିମନ୍ତେ ସ୍ୱାଧୀନତା। ଲୋକପ୍ରିୟ ଜନାଦେଶରେ ନିର୍ବାଚନଗୁଡ଼ିକର ଫଳାଫଳ ପ୍ରତିଫଳିତ ହେଉଥିବା ବାବଦରେ ସୁନିଶ୍ଚିତ କରିବା ପାଇଁ ଏଗୁଡ଼ିକ ମଧ୍ୟ ଆବଶ୍ୟକୀୟ ସର୍ତ୍ତ ସମୂହ। ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କର ଦାୟିତ୍ୱ ହେଉଛି ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଓ ପବିତ୍ରତାକୁ ସୁନିଶ୍ଚିତ କରାଇବା, ଯାହା ମଧ୍ୟ ଏକଥାକୁ ବୁଝାଇ ଥାଏ ଯେ ମତଦାନ କରିବାଯୋଗ୍ୟ କୌଣସି ବ୍ୟକ୍ତି ଭୋଟର ତାଲିକାରୁ ବାଦ୍ ପଡ଼ି ନାହାନ୍ତି, କିମ୍ବା କୌଣସି ଅଣ-ନାଗରିକ ମତଦାନ ଅଧିକାର ହାସଲ କରି ସମଗ୍ର ପ୍ରକ୍ରିୟାକୁ କଳୁଷିତ କରୁଛନ୍ତି। ଆଉ ଏହିସବୁ ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଇସିଆଇ ନିର୍ବାଚନଗୁଡ଼ିକ ଆଗରୁ ପର୍ଯ୍ୟାୟକ୍ରମେ ଭୋଟର ତାଲିକାକୁ ଅଦ୍ୟତନ କରିଥାନ୍ତି। ତେବେ, ବିହାରରେ, ଯେଉଁଠି ଖୁବ୍ ଶୀଘ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ସେଠାରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ନିର୍ଭୁଲ୍ କରି ମୂଳ ଦସ୍ତାବିଜରେ ପ୍ରକୃତ ନାଗରିକଙ୍କ ନାମକୁ ବଜାୟ ରଖିବା ଅଥବା ଅନ୍ତର୍ଭୁକ୍ତ କରିବା ନିମନ୍ତେ ଇସିଆଇଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଏହାଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ତ୍ତାବଳୀଗୁଡ଼ିକ ଯୋଗୁଁ ବିବାଦରେ ଛନ୍ଦିହୋଇ ପଡ଼ିଥିଲା। ରାଜ୍ୟର ବିରୋଧୀ ଦଳ ସମୂହ ଏବଂ କେତେକ ନାଗରିକ ସମାଜ ଗୋଷ୍ଠୀ ଏଭଳି ପଦକ୍ଷେପ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟଙ୍କ ଦୁଆର ବାଡ଼େଇ ଥିଲେ, ଏଇ ଯୁକ୍ତି ଦର୍ଶାଇ ଯେ ଇସିଆଇଙ୍କର ଏହି କାର୍ଯ୍ୟ ଅନେକ ସଂଖ୍ୟକ ଭୋଟରଙ୍କୁ ସେମାନଙ୍କ ମତଦାନ ଅଧିକାରରୁ ବଞ୍ଚିତ କରିବ। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବା ଆବଶ୍ୟକ।

ସେମାନଙ୍କର ଏପରି ଆଶଙ୍କାକୁ ଅନେକଗୁଡ଼ିଏ ରିପୋର୍ଟ ମଧ୍ୟ ପୁଷ୍ଟ କରିଥିଲା ଏବଂ ତଥ୍ୟ ଦର୍ଶାଇ ଥିଲା ଯେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଇସିଆଇ ଯେଉଁ କାଗଜପତ୍ରଗୁଡ଼ିକ ଦାଖଲ କରିବା ପାଇଁ କହିଥିଲେ, ତା'ର ସାମ୍ପ୍ରତିକ ତାଲିକା ଅନୁସାରେ ସେସବୁ ପ୍ରଦାନ କରି ନପାରି ଅନେକ ସଂଖ୍ୟକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିବାର ସମ୍ଭାବନା ରହିଥିଲା, ବିଶେଷକରି ମହିଳା, ସମାଜର ନିମ୍ନ ବର୍ଗର ଲୋକମାନେ ଏବଂ ପ୍ରବାସୀ ଶ୍ରମିକମାନେ। ଏହାର ଅଧିକାଂଶ କାରଣ ଅବଶ୍ୟ ରାଜ୍ୟର ସାମର୍ଥ୍ୟ ଯୋଗୁଁ, କାରଣ ଏହି ରାଜ୍ୟରେ ଜନ୍ମ ପଞ୍ଜିକରଣର ହାର ଖୁବ୍ କମ୍ (୨୦୨୫ରେ ଭୋଟ୍ ଦେବା ପାଇଁ ଯୋଗ୍ୟ ବିବେଚିତ ହେବାକୁ ହେଲେ ଯେଉଁ ବର୍ଷକୁ ଶେଷ ଜନ୍ମଗ୍ରହଣର ବର୍ଷ ଭାବରେ ଗ୍ରହଣ କରାଯାଇଛି, ସେହି ୨୦୦୭ ମସିହାରେ ଏହି ରାଜ୍ୟରେ ସନ୍ତାନ ଜନ୍ମର ପଞ୍ଜିକରଣ ହାର ଥିଲା ମାତ୍ର ୨୬.୨ ପ୍ରତିଶତ), ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ପ୍ରମାଣପତ୍ରର ଅନୁପସ୍ଥିତି (୨୦୧୧ ଜନଗଣନା ଅନୁସାରେ ମାତ୍ର ୨୩ ପ୍ରତିଶତ ପ୍ରାପ୍ତବୟସ୍କ ସ୍କୁଲ ଶିକ୍ଷା ଲାଭ କରିଥିଲେ), ଏବଂ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିଯୁକ୍ତି ପରିଚୟପତ୍ର ଓ ପେନ୍‌ସନ୍ ସମ୍ପର୍କିତ କାଗଜପତ୍ର (୨୦୨୩ର ଜାତିଗତ ଜନଗଣନା ତଥ୍ୟ ଅନୁସାରେ ବିହାର ଜନସଂଖ୍ୟାର ମାତ୍ର ୪.୮ ପ୍ରତିଶତ ସରକାରୀ ଚାକିରିରେ ଥିଲେ)। ତୁଳନାତ୍ମକ ଭାବରେ ଏହାର ଉପସ୍ଥାପିତ ୧୩୦ ମିଲିଅନ୍ ଜନସଂଖ୍ୟା ପାଇଁ ବିହାର ୧୧୪ ମିଲିଅନ୍ ଆଧାର କାର୍ଡ ପ୍ରସ୍ତୁତ କରି ସାରିଛି; ୮୩ ମିଲିଅନ୍ ବିହାରୀଙ୍କର ନାମ ରାସନ କାର୍ଡରେ ସାମିଲ ହୋଇଛି। ଏସବୁ ଦୃଷ୍ଟିରୁ ତେଣୁ ବିରୋଧୀ ଓ ନାଗରିକ ସମାଜମାନେ କୋର୍ଟର ଆଶ୍ରୟ ନେଇଛନ୍ତି ଏଇ ଆଶଙ୍କାରେ ଯେ ଅଧିକାଂଶ ଲୋକ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ କରି ନପାରି ମତଦାତାଙ୍କ ତାଲିକାରୁ ବଞ୍ଚିତ ହେବେ।

ତେବେ ଏସବୁ ସତ୍ତ୍ୱେ ସୁପ୍ରିମ୍‌କୋର୍ଟ ଇସିଆଇଙ୍କୁ ଏହାର କାର୍ଯ୍ୟ ଚାଲୁ ରଖିବାକୁ ଅନୁମତି ପ୍ରଦାନ କରିଛନ୍ତି, ଯାହା ହୁଏତ ଏହି ଅନୁଷ୍ଠାନ ପାଇଁ ଏକ ଆଶ୍ୱାସନାର ବିଷୟ ହୋଇପାରେ। ପରନ୍ତୁ, ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଲକ୍ଷ୍ୟ କରାଯାଇଥିବା କେତେକ କଥା ଇସିଙ୍କ ପାଇଁ ସ୍ପୃହଣୀୟ ନ ହେବାର ସମ୍ଭାବନା ରହିଛି। ଉଦାହରଣ ସ୍ୱରୂପ, ସର୍ବୋଚ୍ଚ ନ୍ୟାୟାଳୟ ପ୍ରମାଣ ଭାବରେ ଉପସ୍ଥାପନ କରାଯିବାକୁ ଥିବା ତାଲିକାରୁ ଆଧାର କାର୍ଡକୁ ବାଦ୍ ଦେବାର ପ୍ରସଙ୍ଗକୁ ଉଠାଇ ଥିଲେ, ଯାହାକୁ ତାଲିକାରେ ନାମ ସାମିଲ କରିବା ପାଇଁ ଗ୍ରହଣୀୟ ଭାବରେ ଧରି ନିଆଯାଉଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୋର୍ଟ ଇସିଙ୍କୁ ସ୍ମରଣ କରାଇ ଦେଇଥିଲେ ଯେ ନାଗରିକତ୍ୱ ସମ୍ପର୍କିତ ନିଷ୍ପତ୍ତି ନେବା ଏହି ସଂସ୍ଥାଙ୍କ ଅଧିକାରର ପରିସରଭୁକ୍ତ ନୁହେଁ; ଏହା ଗୃହ ବ୍ୟାପାର ମନ୍ତ୍ରଣାଳୟର ପରିସର ଭିତରେ ଆସୁଛି। ନାଗରିକମାନଙ୍କ ଦ୍ୱାରା ସଂଶୋଧିତ ଭୋଟର ତାଲିକାରେ ସେମାନଙ୍କ ନାମ ସାମିଲ କରିବା ପାଇଁ ଆଧାର କାର୍ଡ ଏବଂ ଭୋଟର ପରିଚୟପତ୍ର ପ୍ରଦାନକୁ ପ୍ରମାଣ ଭାବରେ ଗ୍ରହଣ କରିବା ପାଇଁ ସୁପ୍ରିମ୍‌କୋର୍ଟ ଇସିଙ୍କୁ ଯେଉଁ ପରାମର୍ଶ ଦେଇଛନ୍ତି, ତାକୁ ସେହି ରାଜ୍ୟର ଅଗଣିତ ଲୋକ ଅବଶ୍ୟ ସ୍ୱାଗତ କରିବେ। ଏହାର କାରଣ, ରେକର୍ଡ ରଖିବାର ଦୁର୍ବଳ ସଂସ୍କୃତିସମ୍ପନ୍ନ ଏକ ଦେଶରେ, ବିଶେଷକରି ଯେଉଁମାନେ ବିହାରର ଗ୍ରାମାଞ୍ଚଳରେ ରହୁଛନ୍ତି, ସେମାନଙ୍କ ନିକଟରେ ଆଧାର କାର୍ଡ କି ଭୋଟର ପରିଚୟପତ୍ରଠୁ ଅଧିକ କିଛି ରଖିବା ଢେର୍ କଷ୍ଟକର। ଚିନ୍ତାର କଥା ହେଉଛି, ଆଉ କେତେକ ଅସଙ୍ଗତି ସମ୍ପର୍କରେ ମଧ୍ୟ ରିପୋର୍ଟ ପ୍ରକାଶ ପାଉଛି: ଯେପରିକି ପାଟନାରେ ଆଧାର କାର୍ଡକୁ ଗ୍ରହଣ କରାଯାଉଥିବା ବେଳେ ସୀମାଞ୍ଚଳରେ କରାଯାଉ ନଥିଲା। ପୁନଶ୍ଚ, ଏହାର ତରବରିଆ କାର୍ଯ୍ୟ ଏବଂ ପ୍ରଣାଳୀକୁ ନେଇ ମଧ୍ୟ ଏସ୍‌ଆଇଆର୍ ଉପରେ ସନ୍ଦେହ ପ୍ରକଟ କରାଯାଉଛି। ଏହାର କାରଣ, ଚଳିତ ଥର ମତଦାନଯୋଗ୍ୟତା ଏବଂ ଏପରିକି ନାଗରିକତ୍ୱକୁ ପ୍ରମାଣିତ କରିବାର ବୋଝକୁ ଇସି ନାଗରିକମାନଙ୍କ ଉପରେ ଛାଡ଼ିଦେବାରେ ଆଗ୍ରହୀ ଥିବା ଭଳି ମନେ ହେଉଛନ୍ତି, ଯେଉଁମାନଙ୍କ ନାମ ଆଗରୁ ଭୋଟର ତାଲିକାରେ ରହିଛି। ଲୋକମାନଙ୍କର ଭାଗ୍ୟକୁ ଏଭଳି ଏକ ଘଳିଆ ପରିପୂର୍ଣ୍ଣ, ଅମଲାତାନ୍ତ୍ରିକ ଫୁଟବଲ ଖେଳର ଭଉଁରୀ ଭିତରେ ପକାଇବା ଗ୍ରହଣୀୟ ନୁହେଁ। ଏହା ଅନେକ ସଂଖ୍ୟକ ଲୋକଙ୍କୁ, ବିଶେଷକରି ସମାଜର ଅବହେଳିତ ବର୍ଗର ଲୋକମାନଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ହରାଇବା ଦିଗରେ ପଥ କଢ଼ାଇ ନେବ। ଇସିଙ୍କ ପକ୍ଷରେ ଅସମ୍ବେଦନଶୀଳତା ସାଧାରଣ ଲୋକ ଏବଂ ଏହି ଅନୁଷ୍ଠାନ ମଧ୍ୟରେ ରହିଥିବା ଆସ୍ଥାର ବନ୍ଧନକୁ ତୁଟାଇବା କାମ କରିପାରେ। ଆଉ ତାହା ହେବ ଭାରତର ଗଣତନ୍ତ୍ର ପ୍ରତି ଏକ ବଡ଼ ବିପର୍ଯ୍ୟୟ। ଭୋଟର ତାଲିକାଗୁଡ଼ିକରୁ ଅସଙ୍ଗତିଗୁଡ଼ିକ ଦୂରେଇ ନେବାରେ କୌଣସି ପ୍ରକାରର କୁଣ୍ଠାଭାବ ରହି ନପାରେ। ଏହା ଏକ ନିର୍ବାଚନୀ ପ୍ରକ୍ରିୟାର ପବିତ୍ରତାକୁ ବଜାୟ ରଖିବା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏଭଳି ଏକ କାମ ପାଇଁ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ସମୟକୁ ନେଇ ମଧ୍ୟ ସମ୍ବେଦନଶୀଳତାର ଆବଶ୍ୟକତା ରହିଛି ବୋଲି କୋର୍ଟ କହିଛନ୍ତି। ପରନ୍ତୁ ଇସି ଏସବୁ ପ୍ରତି ନିର୍ବିକାର ରହିବାର କାରଣ କ'ଣ, ତାହା ବୁଝାପଡ଼େ ନାହିଁ।

# ରାତି ପାହିଲେ ମୋଟେ ନାହିଁ

ସେଦିନ ଜେଜେମା' ଗପ କହୁଥିଲେ- 'ଜହ୍ନ ଆଉ ଲକ୍ଷ୍ମୀ ସମୁଦ୍ରରୁ ବାହାରିଛନ୍ତି। ଗୋଟିଏ ଜାଗାରୁ ଆସିଥିବାରୁ ପରସ୍ପର ଭାଇ ଭଉଣୀ ସମ୍ପର୍କରେ ବନ୍ଧା। ଲକ୍ଷ୍ମୀଙ୍କୁ ସମସ୍ତେ ମାଆ ବୋଲି କହନ୍ତି। ଲକ୍ଷ୍ମୀ ମାଆଙ୍କ ଭାଇ ଜହ୍ନ। ତେଣୁ ଜହ୍ନକୁ ସମସ୍ତେ ମାମୁ କୁହନ୍ତି। ଲକ୍ଷ୍ମୀ ନାରାୟଣଙ୍କୁ ବିବାହ କରି ବୈକୁଣ୍ଠରେ ରୁହନ୍ତି।' ନାତି/ନାତୁଣୀମାନେ ଉତ୍ସୁକତାର ସହିତ ପଚାରିଲେ- 'ତେବେ ଜହ୍ନର ଘର କୋଉଠି?' ଜେଜେମା' କହିଲେ- 'ଜହ୍ନର ଘର ଆକାଶରେ। ମାମୁଘରେ ଗୋଟେ ଗାଈ ଅଛନ୍ତି। ନିଇତି ରାତିରେ ସେ ଗାଈ ଖୁଆଡ଼ (ଗୁହାଳ)କୁ ଆସନ୍ତି। ପୁଣି ସକାଳ ହେଲେ ପଳାନ୍ତି।

ଆମ ଗାଈ ଯା-ତା ବାଡ଼ିରୁ ଫସଲ ନଷ୍ଟ କରନ୍ତି। ମାମୁଘର ଗାଈମାନେ ଭାରି ସୁଧାର।

ଏବେ କହିଲ- 'ମାମୁ ଘରେ ଗୋଠେ ଗାଈ। ରାତି ପାହିଲେ ମୋଟେ ନାଇଁ। ସେ ଗାଈମାନେ କିଏ?' ପିଲା ମୁଣ୍ଡ। ଯାହାର ବିଚାର ଯାହା, ସେଇ ଅନୁସାରେ ଉତ୍ତର ଦେଲେ। କିଏ କହିଲା- ବାଦଲ ତ କିଏ କହିଲା ପେଚା, ଆଉ କିଏ ଉତ୍ତର ଦେଲା ତାରା। ଏ ତ ବୁଦ୍ଧି ପରୀକ୍ଷାର କଥା। ପଚିଶ ତିରିଶ ବର୍ଷତଳେ ପିଲାମାନେ ସାହିତ୍ୟରେ ପଢୁଥିଲେ। ଏଥିରେ କିନ୍ତୁ ଲୁଚିଛି ଜୀବନର ବାସ୍ତବତା। ମାମୁଘରକୁ ଯିବା ପାଇଁ ଅନେକ ପିଲାଙ୍କର ମନ ଥାଏ। କାରଣ ପିଲାର ମାମୁଘର ଯିଏ, ମାଆର ବାପଘର ସିଏ। ମାଆ ନିଜ ଘରକୁ ଯିବାପାଇଁ ଗୋଡ଼ ଟେକି ବସିଥାଏ। ପିଲା ବି ମାମୁଘରକୁ ଯିବାକୁ ଆଗ୍ରହ ପ୍ରକାଶ କରିଥାଏ। କାରଣ ମାମୁଘର- କୁଣିଆ ଘର। ଏଠି ସ୍ନେହ ଆଦର ପରିପୂର୍ଣ୍ଣ। ଭଣଜା, ଭାଣିଜୀ ଏଠି କୋଳପୋଛା ସନ୍ତାନ। କେହି ତଳେ ପକେଇବାକୁ ଦିଅନ୍ତିନି। ଥରେ ମାମୁଘରକୁ ଗଲେ ପିଲା ନିଜ ଘରକୁ ଆସିବାକୁ ଇଚ୍ଛା କରେନା। ମାମୁଘରେ ପାଠ ପଢ଼ା ନାହିଁ। ସାଙ୍ଗସାଥୀ, ବୁଲାବୁଲି ବହୁତ। ଏଭଳି ମଜା ଛାଡ଼ି ଆସିବାକୁ କାହାର ବା ଇଚ୍ଛା ଥାଏ? କିନ୍ତୁ ସମୟ ଆସେ। ସ୍କୁଲର ଛୁଟି ସରିଯାଏ। ନିଜ ଗାଁରୁ ଡକରା ଆସେ। ରାତି ପାହିଲେ ମାମୁଘର ଛାଡ଼ି ନିଜ ଗାଁକୁ ଫେରିଯିବାକୁ ହୁଏ। ଗାଁର କଥା ମନେପଡ଼େ। ମାମୁଘରର ଖେଳ ସାଥୀ, ଖେଳଣା, ଧୂଳିଘର ସବୁ ଥାଏ। ମାମୁ, ମାଇଁ ଅନେଇ ଥାଆନ୍ତି। ଆଉ କେବେ ଆସିବୁ ବୋଲି ପ୍ରଶ୍ନ କରନ୍ତି, କିନ୍ତୁ...। ଅକାଟ୍ୟ ସତ୍ୟ ପାଖରୁ କେହି ମୁକୁଳି ପାରନ୍ତିନି। ଘରକୁ ନିଶ୍ଚୟ ଫେରିବାକୁ ହୁଏ।

ସଂସାର ହେଉଛି ମାମୁଘର। ଏଠି ଗୋଟେ ଗାଈ ଅଛନ୍ତି। ଅର୍ଥାତ୍ ନାନାଦି ଖେଳନା, ସମ୍ପର୍କୀୟ, ଖାଦ୍ୟ, ପୋଷାକ ସବୁକିଛି ମହଜୁଦ ହୋଇ ଥାଏ। ମାମୁଘରେ ଯାହା ଇଚ୍ଛା, ତାହା କରିହୁଏ। କେହି ଆକଟ କରିବାକୁ ନଥାନ୍ତି। ସେମିତି ସଂସାରରେ ମଣିଷ ଯାହା ଇଚ୍ଛା, ତାହା କରିବାକୁ ଚାହେଁ। ମାମୁଘରେ ରହି ପିଲାଟିଏ ନିଜ ଘରକୁ ଭୁଲିଗଲା ପରି ଆମେ ସଂସାର ଖେଳରେ ମାତି ନିଜ ସ୍ୱରୂପକୁ ଭୁଲି ଯାଇଛେ। ଯାହା ଅସଲ (ପରମାତ୍ମା, ଅଦୃଶ୍ୟ ସତ୍ତା)ଙ୍କୁ ଭୁଲି ଯାଇଛେ। ସମୟ ଆସେ। ସୂର୍ଯ୍ୟ ଉଦୟ ହେଲେ ରାତି ପାହିଯାଏ। ମାମୁ ନଥାଏ କି ତାଙ୍କ ଗାଈ ନଥାନ୍ତି। ସେମିତି ଜ୍ଞାନର ସୂର୍ଯ୍ୟ ଉଦୟ ହୁଏ। ସଂସାରରେ ଆପଣେଇ ନେଇଥିବା ସମସ୍ତ ପଦାର୍ଥ ମିଛ ଜଣାପଡ଼େ। ସେତେବେଳେ ସବୁ ଆପଣାର ପଦାର୍ଥ ତୁଚ୍ଛ ଲାଗେ। ମାମୁଘରର ଗାଈମାନେ ନଥାନ୍ତି, ଥାଏ କେବଳ ସୂର୍ଯ୍ୟର ଆଲୋକ। ସଂସାରରେ ସେମିତି ଅସଲ ଜ୍ଞାନ ଉଦୟ ହେଲେ ଆମକୁ ସବୁ କିଛି ମିଛ ଦେଖାଯିବ।

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଟ୍ରେନ୍‌ରୁ ଖସି ସିଆର୍‌ପିଏଫ୍ ଯବାନ ଗୁରୁତର

**ରାୟଗଡ଼ା, ୧୩।୭/ଏନ୍ଏନ୍ଏସ୍:** ଟ୍ରେନ୍‌ରୁ ଖସି ଜଣେ ସିଆର୍‌ପିଏଫ୍ ଯବାନ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଯବାନ ଜଣକ ହେଲେ ଶରତ ମାଝୀ। ଗୁରୁତର ଯବାନଙ୍କୁ ଉଦ୍ଧାର କରି ପ୍ରଥମେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶନିବାର ରାତିରେ ରାଉରକେଲା ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍‌ରେ କୋରାପୁଟରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ଲେଲିଗୁମ୍ମା ଷ୍ଟେସନ୍ ନିକଟରେ ଖସି ପଡ଼ିଥିଲେ। ଏ ସମ୍ପର୍କରେ ଆର୍‌ପିଏଫ୍ ପୁଲିସ ଅବଗତ ହେବା ପରେ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରି ପ୍ରଥମେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

# ହାଇକୋର୍ଟ ବିଚାରପତିଙ୍କ ରାଉରକେଲା କୋର୍ଟ ପରିଦର୍ଶନ



**ରାଉରକେଲା, ୧୩।୭/ଏନ୍ଏନ୍ଏସ୍:** ଓଡ଼ିଶା ହାଇକୋର୍ଟ ବିଚାରପତି ସାବିତ୍ରୀ ରଥ ରାଉରକେଲା ଅଦାଲତ ପରିଦର୍ଶନ କରିଛନ୍ତି। ରାଉରକେଲା ଓକିଲ ସଂଘ ପକ୍ଷରୁ ବିଚାରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସଂଘର କାର୍ଯ୍ୟରତ ୧୪ ଶହ ଆଇନଜୀବୀ ଓ ଆଇନ ସେବା ପାଇଁ ଆସୁଥିବା ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ଏକ ସ୍ମାରକପତ୍ର ସଂଘ ପକ୍ଷରୁ ବିଚାରପତି ରଥଙ୍କୁ ପ୍ରଦାନ କରାଯାଇଥିଲା। ରାଉରକେଲା ବିଚାର ବିଭାଗ ପକ୍ଷରୁ ନିର୍ମାଣାଧୀନ ଥିବା ମଡେଲ୍ ଅଦାଲତ କାର୍ଯ୍ୟ ତ୍ୱରାନ୍ୱିତ, ମଡେଲ୍ ବାର୍ ନିର୍ମାଣ, ବର୍ତ୍ତମାନ ବାର୍ ଆସୋସିଏସନ୍‌ର କୋଠରୀ ମରାମତି, ସାକ୍ଷ୍ୟ ସେଡ୍ ନିର୍ମାଣ ଓ ରାଉରକେଲାରେ ରେକର୍ଡ ରୁମ୍ ପ୍ରତିଷ୍ଠା ଆଦି ବିଭିନ୍ନ ସମସ୍ୟା ଉପରେ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଆଲୋଚନାରେ ସୁନ୍ଦରଗଡ଼ ଜିଲ୍ଲା ଦୌରାଜଜ୍ ଶିଖାରାଣୀ ରଥ, ରାଉରକେଲା ପ୍ରଥମ ଅତିରିକ୍ତ ଜିଲ୍ଲାଜଜ୍ ମୁକ୍ତିରଞ୍ଜନ ଶତପଥୀ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲାଜଜ୍ ରଞ୍ଜିତା ଜ୍ୟୋତିଷି, ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଅନସୁର ହରି ଦୋରା, ଲାଇବ୍ରେରୀ ସମ୍ପାଦକ ରାଜଶ୍ରୀ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ କୈଳାସ ସାବତ, ସଦସ୍ୟା ସୁମିତା ନନ୍ଦ, ମେରୀ ମ୍ୟାକ୍ସିମା ଏକ୍କା, ବରିଷ୍ଠ ସଦସ୍ୟ ବିରଞ୍ଚି ତ୍ରିପାଠୀ, ଏମ୍ ମାଲେଶ୍ୱରମ୍, ଶୈବାଳ ସେନ୍, ୟାମୁନ ନବୀ, ସରୋଜ ମହାପାତ୍ର, ପବିତ୍ର ଜେନା, ଆନନ୍ଦ ଅଗ୍ରୱାଲ, ବନ୍ଦନା ବେରୋ, କିରଣ ପ୍ରଜାପତି, ସ୍ୱାଗତିକା ମହାନ୍ତି, ଯସ୍ମିତା ପ୍ରଧାନ, ବି ପି ଦାସ, ନାଗେଶ୍ୱର ଜଗଦଲା, ଅଭିଷେକ ସିଂହ, ବିକାଶ ସାହୁଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

**ଅବ୍ୟବସ୍ଥା ଘେରରେ ସାନଗୁର୍ଜିଭଟା ସ୍କୁଲ୍**

# ଛାତରେ ପଲିଥିନ୍ ଢାଙ୍କି ପାଠ ପଢୁଛନ୍ତି ପିଲା

**ପାଟଣାଗଡ଼, ୧୩।୭/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଛାତ୍ରଛାତ୍ରୀ ନାନା ସମସ୍ୟା ମଧ୍ୟରେ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ୧୯୬୦ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ପ୍ରଧାନଶିକ୍ଷକଙ୍କ ସମେତ ଆଉ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ୨ଟି ଶ୍ରେଣୀଗୃହ ଏବଂ ଗୋଟିଏ ହଲ୍ ରହିଛି। ୨ଟି କୋଠରୀରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ହଲ୍‌କୁ ଦୁଇ ଭାଗ କରି ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ଯାଉଛି। ସାମାନ୍ୟ ବର୍ଷା ହେଲେ ଗୋଟିଏ ଶ୍ରେଣୀଗୃହ, ରନ୍ଧା କୋଠରୀ ଓ ହଲ୍‌ରେ ପାଣି ଝରୁଛି। ଫଳରେ ଛାତ ଉପରେ



ପଲିଥିନ୍ ଢାଙ୍କି ପିଲାଙ୍କୁ ପାଠପଢ଼ା ଯାଉଛି। ବିଦ୍ୟାଳୟର ସୁରକ୍ଷା ପାଇଁ ପାଚେରୀ ବ୍ୟବସ୍ଥା ରହିଛି। ହେଲେ ସାମ୍ନାପଟୁ ପାଚେରୀ ପ୍ରାୟ ୧୦ ମିଟର୍ ପର୍ଯ୍ୟନ୍ତ ଭାଙ୍ଗିଯାଇଛି। ସେଠାରେ ମଧ୍ୟ ପଲିଥିନ୍ ଢଙ୍କାଯାଇଛି। ପାନୀୟଜଳ ସମସ୍ୟା ନକହିବା ଭଲ। ବିଦ୍ୟାଳୟରେ ଥିବା ନଳକୂପ ପ୍ରାୟ ୨ ବର୍ଷ ହେବ ଖରାପ ହୋଇପଡ଼ିଛି। ଜଳ ଯୋଗାଣ ପ୍ରକଳ୍ପ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରିବାକୁ ପଡୁଛି। ଯଦି ବିଦ୍ୟୁତ୍ କାଟ ହେଲା କିମ୍ବା କୌଣସି କାରଣବଶତଃ ଜଳଯୋଗାଣ ହେଲାନାହିଁ ତା'ହେଲେ ରେଳ

### ପ୍ରଶାସନର ଅଣଦେଖା

ଫାଟକରେ ଥିବା ନଳକୂପରୁ ପାଣି ଆଣି ବ୍ୟବହାର କରିବାକୁ ପଡୁଛି। ବିଦ୍ୟାଳୟରେ ଶୌଚାଳୟ ସମସ୍ୟା ମଧ୍ୟ ଶୋଚନୀୟ ଅବସ୍ଥାରେ ରହିଛି। ଛାତ୍ରୀଙ୍କ ପାଇଁ ଗୋଟିଏ ଶୌଚାଳୟ ରହିଛି। ହେଲେ ଛାତ୍ରଙ୍କ ପାଇଁ ଶୌଚାଳୟ ନଥିବା ହେତୁ ସେମାନେ ଶୌଚାଦି ପାଇଁ ବାହାରକୁ ଯାଇ ବିପଦକୁ ମୁଣ୍ଡାଉଛନ୍ତି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ୧୩ ବର୍ଷର ରିପୋର୍ଟ କାର୍ଡ ରଖିଲା କେସିଙ୍ଗା ସିଟିଜେନ୍ ଫୋରମ୍

**ଭବାନୀପାଟଣା, ୧୩।୭/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସିଟିଜେନ୍ ଫୋରମ୍ କେସିଙ୍ଗା ଅଞ୍ଚଳ ବିକାଶକୁ ନେଇ ସର୍ବଦା ପ୍ରୟାସ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିଜର ୧୩ ବର୍ଷର ଉପଲବ୍ଧିକୁ ସିଟିଜେନ୍ ଫୋରମ୍‌ର ସଭାପତି ତଥା ବିଶିଷ୍ଟ ଡାକ୍ତର ହେମସାଗର ସାହା ଉପସ୍ଥାପନ କରିଛନ୍ତି। ୨୦୧୨ରେ ଗଠନ ହୋଇଥିବା ଏହି ସାମାଜିକ ଅନୁଷ୍ଠାନ ବର୍ତ୍ତମାନ ଲୋକଙ୍କ ସ୍ୱର ଭାବେ ଠିଆ ହୋଇଛି। ଉକ୍ତ ସଂଗଠନ କେସିଙ୍ଗା ତଥା କେସିଙ୍ଗା ଅଞ୍ଚଳର ସମସ୍ୟାକୁ ନେଇ ଅହରହ ସରକାରଙ୍କଠାରେ ଲଢ଼େଇ ଜାରି ରଖିଛି। କେସିଙ୍ଗା ଟିଟିଲାଗଡ଼ ରାସ୍ତା ପ୍ରଶସ୍ତିକରଣ, କେସିଙ୍ଗା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ ସାଂସ୍କୃତିକ ସଦନ ଗଠନ, କେସିଙ୍ଗାରୁ ଭୁବନେଶ୍ୱରକୁ ସିଧାସଳଖ ରେଳ ଚଳାଚଳ ପାଇଁ ବାରମ୍ବାର ରେଳ ବିଭାଗ ଓ ରେଳମନ୍ତ୍ରୀଙ୍କୁ ଭେଟି କୋରାପୁଟରୁ ଭୁବନେଶ୍ୱର କେସିଙ୍ଗା ଦେଇ ରେଳ ଚଳାଚଳ ପାଇଁ ରେଳ ବିଭାଗର ପ୍ରସ୍ତାବ ରହିଥିବା ନେଇ ସେ ସୂଚନା ଦେଇଛନ୍ତି। ଏହାସହ ଚଳିତ ପାର୍ଲାମେଣ୍ଟ ଅଧିବେଶନରେ ଇଣ୍ଟରସିଟି ଟ୍ରେନ୍ କେସିଙ୍ଗାକୁ ୩ ଦିନ ଏବଂ କେସିଙ୍ଗା ଭବାନୀପାଟଣା ରେଳ ପ୍ରକଳ୍ପ ଭଦ୍ରାଚଳମ୍ ସହ ଯୋଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ,




ରେଳମନ୍ତ୍ରୀ ଓ ରେଳ ବିଭାଗ ମହାପ୍ରବନ୍ଧକଙ୍କୁ ଭେଟିବା ସହ ଲୋକସଭା ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ତେବେ ମାଳବିକା ଦେବୀ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଛନ୍ତି। କେସିଙ୍ଗାରେ ବାଇପାସ୍ ରାସ୍ତା ସହରଠାରୁ ଦୂରକୁ ସମ୍ପ୍ରସାରଣ, କେସିଙ୍ଗା ଏନ୍ଏସିକୁ ମ୍ୟୁନିସିପାଲଟି ଗଠନ, କେସିଙ୍ଗା ଏମ୍‌ଇ ସ୍କୁଲ୍‌ରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ, କେସିଙ୍ଗା ଉଚ୍ଚ ବିଦ୍ୟାଳୟରେ ବର୍ଷା ଦିନେ ପଡ଼ିଆରେ ପାଣି ନିଷ୍କାସନ, କେସିଙ୍ଗା ଡାକ୍ତରଖାନାରେ ମେଡିସିନ୍ ବିଶେଷଜ୍ଞ ଓ ବ୍ଲଡ୍ ବ୍ୟାଙ୍କ, କେସିଙ୍ଗାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ବସ୍ ଚଳାଚଳ, ଆଦର୍ଶ ବିଦ୍ୟାଳୟକୁ ରାସ୍ତା, ଯୋଗମାୟା ପୀଠକୁ ପର୍ଯ୍ୟଟନସ୍ଥଳୀ ଘୋଷଣା ଓ କୋଣାର୍କ ସୂତାକଳକୁ ପୁନଃଉଦ୍ଧାର ଭଳି ଅନେକ ଦାବି ଆମେ ସରକାରଙ୍କଠାରେ ଉପସ୍ଥାପନା କରିଛୁ। କିଛି ଦାବି ବହୁ ଶୀଘ୍ର ପୂରଣ ହେବାକୁ ଯାଉଥିବା ବେଳେ କେସିଙ୍ଗା ଅଞ୍ଚଳର ଅନେକ ନ୍ୟାଯ୍ୟ ଦାବିପୂରଣ ପାଇଁ ଆମେ ଅହରହ ପ୍ରୟାସ ଜାରି ରଖିଛୁ ବୋଲି ସିଟିଜେନ୍ ଫୋରମ୍‌ର ସଭାପତି ଶ୍ରୀ ସାହା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସିଟିଜେନ୍ ଫୋରମ୍‌ର ସମ୍ପାଦକ ବିନୟ ନାଏକ, ହରିଶଙ୍କର ଭୋଇ, ରଞ୍ଜନ ପଣ୍ଡା, ରମେଶ ଜେନା, କୈଳାଶ ସାହା, ଜଗମୋହନ ସାହୁ ପ୍ରମୁଖଙ୍କ ସହ ସିଟିଜେନ୍ ଫୋରମ୍‌ର ଅନେକ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବତନ ଅଧ୍ୟାପକ ଚନ୍ଦ୍ରଶେଖର ଆଚାରୀ ଧନ୍ୟବାଦ ଦେଇଥିଲେ।

# ସାପ କାମୁଡ଼ାରେ ଯୁବକ ମୃତ



**ଟିଟିଲାଗଡ଼, ୧୩।୭/ଏନ୍ଏନ୍ଏସ୍:** ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ ସିଆଲଝୁଡୁଙ୍ଗି ଗ୍ରାମରେସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବାବୁଲାଲ ଜେନା (୩୬)। ଶୁକ୍ରବାର ରାତି ପ୍ରାୟ ୧୨ଟାରେ ବାବୁଲାଲ ଶୋଇଥିବା ବେଳେ ବିଷାକ୍ତ କଲେର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସାପଟି ତାଙ୍କ କମ୍ବଳ ଭିତରେ ଥିବା ବେଳେ ମୂଷା ବାରମ୍ବାର କାମୁଡୁଛି ଭାବି ସେ ଗୁରୁତ୍ୱ ଦେଇନଥିଲେ। ପରେ ଖଟରୁ ଉଠି ଦେଖିବାରୁ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିବା ଜାଣିପାରିଥିଲେ। ପରିବାର ଲୋକେ ତାଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର ବଲାଙ୍ଗୀର ରେଫର୍ କରିଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ପତ୍ନୀ ଏବଂ ଦୁଇ ସନ୍ତାନ ଅଛନ୍ତି। ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲ ମୃତକଙ୍କ ଅନ୍ତେଷ୍ଟିରେ ସାମିଲ ହେବାସହ ହରିଶ୍ଚନ୍ଦ୍ର ଯୋଜନା ସହାୟତା ପ୍ରଦାନ କରିଥିଲେ। ପରିବାରଙ୍କୁ ଉପଯୁକ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ସରପଞ୍ଚ ଦାବି କରିଛନ୍ତି।

ଅନ୍ୟପଟେ ଖୋଲାଣ ସମେତ ବ୍ଲକ୍‌ର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସାପ କାମୁଡ଼ା ନେଇ ଆବଶ୍ୟକ ଭେନମ୍ ଉପଲବ୍ଧ ରହିଛି। ବର୍ତ୍ତମାନ ବର୍ଷା ଋତୁରେ ସାପ ଦଂଶନ ଘଟଣା ବୃଦ୍ଧି ନେଇ ଲୋକେ ସତର୍କତା ଅବଲମ୍ବନ ସହ କୌଣସି ଘଟଣା ହେଲେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ଖୋଲାଣ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ମୀନକେତନ କିଷାନ ସୂଚିତ କରିଛନ୍ତି। ଏନେଇ ଅନେକ ସନ୍ଦେହ ମଧ୍ୟ ସୃଷ୍ଟି ହୋଇଛି। ତେବେ ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ପ୍ରଥମେ ରୋଗୀ ଠିକ୍ ଥିବା କହି ଘରକୁ ଯିବା ପାଇଁ ଡିସଚାର୍ଜ କରାଯାଇଥିଲା। ପରେ ରୋଗୀ ଧଇଁସଇଁ ହେବାରୁ ତାଙ୍କୁ ବଲାଙ୍ଗୀର ରେଫର୍ କରାଯାଇଥିଲା। ଏଭଳି ସ୍ଥଳେ ରୋଗୀଙ୍କ ମୃତ୍ୟୁ ନେଇ ରାଜ୍ୟ ସରକାର ତଦନ୍ତ କରିବା ଆବଶ୍ୟକତା ରହିଥିବା ନେଇ ସାଧାରଣରେ ଦାବି ହୋଇଛି।

# ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର କାର୍ଯ୍ୟକାରିଣୀ




**ରାଉରକେଲା, ୧୩।୭/ଏନ୍ଏନ୍ଏସ୍:** ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ରାଉରକେଲା ଶାଖା ପକ୍ଷରୁ ଏହାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଉଦିତନଗରସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ଉପଦେଷ୍ଟା ବିଷ୍ଣୁ ଚରଣ ମହାନ୍ତି ଯୋଗଦେଇ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବିଶେଷକରି ଆଉଟ୍ ସୋର୍ସିଂ ସମସ୍ୟା ଓ ନିୟନ୍ତ୍ରଣ, କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, କ୍ୟାଡର୍ ପୁନର୍ଗଠନ, ଓପିଟିସିଏଲ୍ ଓ ଡିଆଇଏସ୍‌ସିଓଏମ୍‌ରେ ବିଚାରାଧୀନ ସମସ୍ୟା, ସିନିୟର୍ ଚାର୍ଜମ୍ୟାନ୍ ଓ ଲାଇନ୍‌ମ୍ୟାନ୍, ସାଂଗଠନିକ, ସ୍ୱାସ୍ଥ୍ୟ ବୀମା ଓ ଡାକ୍ତରୀ ବିଲ୍ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ଉପଦେଷ୍ଟା ବିଷ୍ଣୁ ଚରଣ ମହାନ୍ତି, ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ଉପଦେଷ୍ଟା ବିଷ୍ଣୁ ଚରଣ ମହାନ୍ତିଙ୍କ ସମେତ ସଭାପତି ହରିହର ବେହେରା, ସାଧାରଣ ସମ୍ପାଦକ ଲଳିତ କୁମାର ପଟ୍ଟନାୟକ, ଉପସାଧାରଣ ସମ୍ପାଦକ ପ୍ରଣୟ କୁମାର ନାୟକ, ସାଂଗଠନିକ ସମ୍ପାଦକ ପବିତ୍ର ଖୁଣ୍ଟିଆ ଓ ରାଉରକେଲା ଶାଖାର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଇଜେଭି ଫାଉଣ୍ଡେସନ୍ ପକ୍ଷରୁ ଡାକ୍ତର ଦିବସ



**ଝାରସୁଗୁଡ଼ା, ୧୩।୭/ଏନ୍ଏନ୍ଏସ୍:** ଗତ ୭ ବର୍ଷ ଧରି ଜୁଲାଇ ୧ ତାରିଖରେ ଇଜେଭି ପକ୍ଷରୁ ପାଳନ କରାଯାଉଥିବା ଡାକ୍ତର ଦିବସ ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାତିକେଲା ଗ୍ରାମ ଝାରସୁଗୁଡ଼ା ସହରଠାରୁ ଦୂରତାରେ ଥିବା ହେତୁ ଦେହ ଖରାପ ହେଲେ ଚିକିତ୍ସା ପାଇଁ ଗ୍ରାମବାସୀ ହଇରାଣ ହେଉଛନ୍ତି। ସେଥିପାଇଁ କାତିକେଲା ଗ୍ରାମବାସୀଙ୍କ ଅନୁରୋଧକ୍ରମେ ସଞ୍ଜୀବନୀ ହସ୍ପିଟାଲ୍‌ର ମିଳିତ ସହଯୋଗରେ ଇଜେଭି ଫାଉଣ୍ଡେସନ୍ ହାରାହାରି ୧୦୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ସୁଯୋଗ ପାଇଛି। ଏହି ଅବସରରେ ଡ଼ା ନିର୍ବାଣ ଅଗ୍ରୱାଲ, ଡ଼ା ମିନାକ୍ଷୀ ପ୍ରଧାନ, ଡ଼ା ଆକାଶ ଅଗ୍ରୱାଲ୍ ଓ ଡ଼ା ଅସୀମ କୁମାର ମହାନ୍ତି ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା ଯୋଗାଇଥିଲେ। ମାନସୀ ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ଗଙ୍ଗାଧର ମେହେର, ପ୍ରିୟା ରାୟ, ପବିତ୍ର ସ୍ୱାଇଁ ଓ ଦୀପ୍ତି ବେହେରା ୪ ଜଣ ଡାକ୍ତରଙ୍କୁ ସ୍ମୃତି ଫଳକ ଦେଇ ସମ୍ମାନିତ କରିଥିଲେ। ସଞ୍ଜୀବନୀ ହସ୍ପିଟାଲ୍‌ର ସୋଭନା ମହାପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜେଶ ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ



**ଜୟପୁର, ୧୩।୭/ଏନ୍ଏନ୍ଏସ୍:** ଜୟପୁର ଅବକାରୀ ଥାନା ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶର ଭଲେ ଗୋସ୍ୱାମୀ (୫୮) ଓ ମକଡ଼ ସ (୪୧)। ଜୟପୁର ଅବକାରୀ ଥାନା ପାଟ୍ରୋଲିଂ କରୁଥିବା ବେଳେ ପାତ୍ରପୁଟ ଛକରେ ଶନିବାର ରାତି ୧୦ଟାରେ ଚଢ଼ଉ କରିଥିଲା। ଏହି ସମୟରେ ୨ ଅଭିଯୁକ୍ତଙ୍କଠାରୁ ୨୨ କେଜି ଗଞ୍ଜେଇ ଜବତ କରି ରାତି ୧୧ଟା ୩୦ରେ କୋର୍ଟ ଚାଲାଣ କରିଥିବା ନେଇ ଜୟପୁର ଅବକାରୀ ଥାନାଧିକାରୀ ସୁବ୍ରତ କେଶରି ହରିନ ସୂଚନା ଦେଇଛନ୍ତି।

**ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ବଣ୍ଟନରେ ଅବ୍ୟବସ୍ଥା**

# ଜୀବିତ ମହିଳାଙ୍କୁ ଦର୍ଶାଯାଇଛି ମୃତ

**ବଲାଙ୍ଗୀର, ୧୩।୭/ଏନ୍ଏନ୍ଏସ୍:** ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା ପ୍ରସ୍ତୁତ କରିଛନ୍ତି। ସେମାନଙ୍କୁ ଏହି ଯୋଜନାରେ ସାମିଲ କରି ବର୍ତ୍ତମାନ ପର୍ଯ୍ୟନ୍ତ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ହେଲେ ଟଙ୍କା ବଣ୍ଟନରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଟଙ୍କପାଣି ପଞ୍ଚାୟତ ପ୍ରତାପାଲି ଗ୍ରାମ ଜଣେ ମହିଳାଙ୍କ କ୍ଷେତ୍ରରେ ଏମିତି ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସଂପୃକ୍ତ ମହିଳା ଜଣକ ଜୀବିତ ଥିବାବେଳେ ତାଙ୍କୁ ମୃତ ବୋଲି ଦର୍ଶାଯାଇ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ଦିଆଯାଇ ନଥିବା ନେଇ ତାଙ୍କ ସ୍ୱାମୀ ଗୌରଚନ୍ଦ୍ର ଶଗଡ଼ିଆ ଖପ୍ରାଖୋଲ ସିଡିପିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଗୌରଚନ୍ଦ୍ରଙ୍କ ସ୍ତ୍ରୀ ରାଜ ଶଗଡ଼ିଆଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇ ପ୍ରଥମ



କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଦ୍ୱିତୀୟ କିସ୍ତି ଟଙ୍କା ଗତ ମାର୍ଚ୍ଚ ୮ ତାରିଖ ମହିଳା ଦିବସରେ ହିତାଧିକାରୀଙ୍କ ପାଖକୁ ଆସିଛି। କିନ୍ତୁ ରାଜଙ୍କ ଦ୍ୱିତୀୟ କିସ୍ତି ଟଙ୍କା ଖାତାରେ ପଡ଼ିନାହିଁ। କାଳେ କୌଣସି ଭୁଲ୍ ଯୋଗୁ ଟଙ୍କା ପଡୁନାହିଁ ବୋଲି ମନେ କରି ତାଙ୍କର ଆଧାର କାର୍ଡ ଅପଡେଟ୍ କରିବା ସହ ବ୍ୟାଙ୍କକୁ ଯାଇ କେୱାଇସି ଏବଂ ଡିବିଟି ଅପଡେଟ୍ କରିଥିଲେ। ଏହା କରିବା ସତ୍ତ୍ୱେ ବ୍ୟାଙ୍କ ଖାତାରେ ଟଙ୍କା ଜମା ହେଲା ନାହିଁ। ଫଳରେ ସେ ବ୍ଲକ୍‌କୁ ଯାଇ ଟଙ୍କା କାହିଁକି ଜମା ହେଉନାହିଁ ବୋଲି ପଚାରିଥିଲେ। ପରେ ସୁଭଦ୍ରା ପୋର୍ଟାଲ୍ ଯାଞ୍ଚ କରିଥିଲେ। ହେଲେ ସେଥିରେ ତାଙ୍କୁ ମୃତ ଦର୍ଶାଯାଇଥିବା ସେ ଜାଣିବାକୁ ପାଇଥିଲେ। ଜୀବିତ ମହିଳାଙ୍କୁ କିଏ ଏବଂ କିପରି ମୃତ ଦର୍ଶାଇଛି ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡିଜିଟାଲ୍ ମାଧ୍ୟମରେ ହେବାସତ୍ତ୍ୱେ ମଧ୍ୟ ଏମିତି କିପରି ହେଉଛି ତାହା ଚକିତ କରିଛି। ଜୀବିତ ମହିଳା କେମିତି ମୃତ ହେଲେ, ଏପରି ତ୍ରୁଟିପୂର୍ଣ୍ଣ ତାଲିକା କିଏ ପ୍ରସ୍ତୁତ କରିଛି ସେନେଇ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି। ତେଣୁ ଏ ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଜେଏସ୍ଏମ୍ ମହାବିଦ୍ୟାଳୟରେ ସ୍ନାତକ ଦିବସ



**ବଲାଙ୍ଗୀର, ୧୩।୭/ଏନ୍ଏନ୍ଏସ୍:** ସ୍ଥାନୀୟ ପତିତପାବନ ଏକାଡେମୀରେ ଜେଏସ୍ଏମ୍ କମର୍ସ ଡିଗ୍ରୀ କଲେଜ ପକ୍ଷରୁ ସ୍ନାତକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନମ୍ର ରହିବା ସହ ନିଜ ଉପରେ ବିଶ୍ୱାସ, କଠିନ ପରିଶ୍ରମ ଓ କେବେ ବି ଶିଖିବା ବନ୍ଦ ନକରିବାକୁ ପରାମର୍ଶ ଦେଇଥିଲେ। ଜୀବନର ପରବର୍ତ୍ତୀ ଅଧ୍ୟାୟରେ ପାଦଦେବା ସମୟରେ ମନେ ରଖନ୍ତୁ, ଏହା ଶେଷ ନୁହେଁ ବରଂ ଆହୁରି କିଛି ବଡ଼ କରିବାର ଆରମ୍ଭ ବୋଲି ଶ୍ରୀ ବିଶି ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କମିଶନର୍ କମ୍ ଇନ୍‌କମ୍ ଟେକ୍ସର ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ ଚାଟାର୍ଜୀ ଯୋଗଦେଇ ନିଜ ଜୀବନର ଲକ୍ଷ୍ୟ ପ୍ରତି ଏକାଗ୍ର ଓ ଦୃଢ଼ ହେବାସହ ସଫଳତା ପାଇଁ ନିଜ ଭିତରେ ଥିବା ଜିଜ୍ଞାସାକୁ ବୃଦ୍ଧି କରିବା ଉପରେ ଜୋର୍ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର୍ ଡ.ମନୋଜ କୁମାର ନାଗ ମଞ୍ଚସୀନ ଥିଲେ। କଲେଜର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସିଏ ଶ୍ରୀକାନ୍ତ ଶର୍ମାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷୟିତ୍ରୀ ଡ. ମନସ୍ମିତା ମିଶ୍ର, ନିର୍ଦ୍ଦେଶକ ପୀତବାସ ପଣ୍ଡା, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ସାହୁ ଓ ବାଣିଜ୍ୟ ବିଭାଗ ମୁଖ୍ୟ ଅଙ୍କିତା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜେଏସ୍ଏମ୍ କଲେଜରୁ ସଫଳତାର ସହ ଗ୍ରାଜୁଏସନ୍ ସାର୍ଟିଫିକେଟ୍ ହାସଲ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ପ୍ରଶଂସା ପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ଜେଏସ୍ଏମ୍ କଲେଜର ବାଣିଜ୍ୟ ବିଭାଗର ଛାତ୍ର ଅର୍ଚ୍ଚିସ୍ମାନ ମିଶ୍ର ବାଣିଜ୍ୟ ପରୀକ୍ଷାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମଧ୍ୟ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜେଏସ୍ଏମ୍ କଲେଜର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥା

**କେନ୍ଦ୍ରାପଡ଼ା, ୧୩।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଡାଇରିଆ ୱାର୍ଡ ଏବେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ରୋଗମୁକ୍ତ କରିବା ବଦଳରେ ରୋଗ ବଢ଼ାଇବାରେ ଲାଗିଛି। କାରଣ ଡାଇରିଆ ୱାର୍ଡରେ ପାଇଖାନା ଓ ପରିସ୍ରାଗାର ଗୁଡ଼ିକ ସଠିକ୍ ଭାବେ ଓ ଉପଯୁକ୍ତ ସମୟ ବ୍ୟବଧାନରେ ସଫାସୁତୁରା ହେଉନାହିଁ। ଡାଇରିଆ ରୋଗୀ ଯେଉଁ ପାଇଖାନା ବ୍ୟବହାର କରନ୍ତି ତାକୁ ନିୟମିତ ତଥା ୪ ଘଣ୍ଟା ବ୍ୟବଧାନରେ ସଫା କରାଯିବା ଉଚିତ। କାରଣ ପାଇଖାନା ସଫା ନହେଲେ ତାହା ରୋଗୀଙ୍କୁ ସଂକ୍ରମିତ କରିବ। ଯେଉଁ ରୋଗୀମାନେ ପୂର୍ବରୁ ଥିବେ ସେମାନେ ସୁସ୍ଥ ହୋଇ ଫେରିବେ ନାହିଁ। ସେହିପରି ଯେଉଁ ରୋଗୀମାନେ ନୂତନ ଭାବେ ଭର୍ତ୍ତି ହେବେ ସେମାନେ ଦୁର୍ଗନ୍ଧରେ ରହିପାରିବେ ନାହିଁ। ତେଣୁ କେବଳ ଏହି ୱାର୍ଡରୁ ରୋଗ ନେଇ ଘରକୁ ଫେରିବା ସାର ହେବ ବୋଲି ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି।



ଭରତପୁର ଗ୍ରାମରୁ ଡାଇରିଆ ୱାର୍ଡରେ ଭର୍ତ୍ତି ହୋଇଥିବା ଚିତ୍ତରଞ୍ଜନ ଦାସ କହିଛନ୍ତି ଯେ ତାଙ୍କର ଝାଡ଼ାବାନ୍ତି ହେବାରୁ ସେ ଗୁରୁତର ଅବସ୍ଥାରେ ଏହି ୱାର୍ଡରେ ଭର୍ତ୍ତି ହୋଇଥିଲେ। କିନ୍ତୁ ବେଡ୍ ଗୁଡ଼ିକରେ ପଡ଼ିଥିବା ଲୁହା ପ୍ଲେଟ୍ କଳଙ୍କି ଲାଗିବି ସହ ଏତେ ମାତ୍ରାରେ ଓଡ଼ଶ ଅଛନ୍ତି ଯେ ରୋଗୀଙ୍କୁ ବେଡ୍‌ରେ ଶୁଆଇ ଦେଉନାହାନ୍ତି। ସେହିପରି ଶୌଚ ହେବା ପାଇଁ ପାଇଖାନାକୁ ଗଲେ ପାଇଖାନା ସାରା ମଳ ମୂତ୍ର ପଡ଼ିଛି। ସେସବୁକୁ ସଫା କରାଯାଉ ନାହିଁ।

## ସଫା ହେଉନି ପାଇଖାନା, ଭଙ୍ଗା ବେଡ୍‌ରେ ରୋଗୀ

କେତେକ ରୋଗୀ ପାଇଖାନା ଚଟାଣରେ ଝାଡ଼ା କରି ଦେଇଛନ୍ତି। ହେଲେ ଡାକ୍ତରଖାନା କର୍ମଚାରୀ ସେଗୁଡ଼ିକୁ ସଫା କରୁନାହାନ୍ତି। ଫଳରେ ରୋଗୀମାନେ ଅଧିକ ଅସୁସ୍ଥ ହେଉଛନ୍ତି ବୋଲି ସମ୍ପୃକ୍ତ ରୋଗୀ କହିଛନ୍ତି।

ଅନ୍ୟପଟେ ଜମ୍ବୁରୁ ଆସିଥିବା ଅନ୍ୟଜଣେ ରୋଗୀ ସସ୍ମିତା ସ୍ୱାଇଁଙ୍କୁ ଏକ ଭଙ୍ଗା ବେଡ୍ ପ୍ରଦାନ କରାଯାଇଛି। ସେହି ଭଙ୍ଗା ବେଡ୍‌ରୁ ବାହାରିଥିବା ଲୁହା ପ୍ଲେଟର ଖଣ୍ଡ ତାଙ୍କ ଦେହରେ ଫୁଟିଯାଉଛି। ସେ ୮ ମାସର ଗର୍ଭବତୀ ଅଛନ୍ତି। ତେଣୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀଙ୍କୁ ଏଠାରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି ପ୍ରକାଶ କରିଛନ୍ତି। ଏପରିକି ସରକାର ଡାକ୍ତରଖାନାରେ ମାଗଣା ଔଷଧ ମିଳିବାର ବ୍ୟବସ୍ଥା କରିଥିବା ବେଳେ ଅନେକ ସମୟରେ ଡାକ୍ତରଖାନାରେ ମିଳୁନାହିଁ। ତେଣୁ ରୋଗୀଙ୍କ ସମ୍ପର୍କୀୟମାନେ ବାଧ୍ୟହୋଇ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଏସବୁ ସମସ୍ୟା ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜଙ୍କୁ ପଚାରିବାରୁ ବେଡ୍ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ସଫା ସୁତୁରା କିପରି ପ୍ରତି ୨ ଘଣ୍ଟା ବ୍ୟବଧାନରେ କରାଯିବ ସେଥିପାଇଁ କର୍ମଚାରୀଙ୍କୁ ଚେତାବନୀ ଦିଆଯିବ। ନିର୍ଦ୍ଦେଶ ନମାନିଲେ ରୋଗୀଙ୍କ ସ୍ୱାସ୍ଥ୍ୟକୁ ଗୌଣ ମନେ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବ୍ରାଉନସୁଗର୍ ଜବତ, ୭ ଗିରଫ




**ତାଳଚେର, ୧୩।୭/ଏନ୍ଏନ୍ଏସ୍:** ତାଳଚେର ଟାଉନ ପୁଲିସ ଅତର୍କିତ ଚଢ଼ଉ କରି ୫୩ ଗ୍ରାମ୍ ବ୍ରାଉନସୁଗର୍ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତାଳଚେର ରେମୁଁଆ ନୂଆସାହିର ଦେବାଶିଷ ବରଳ, ବିରାଦରପଡ଼ା ପ୍ରିନ୍ସପ୍ରିତମ୍ ମହାପାତ୍ର, କେନ୍ଦୁବଣିଆ ସାହିର ବିକାଶ ଚନ୍ଦ୍ର ଭୂତିଆ, ରେମୁଁଆ ଅଞ୍ଚଳର ଅବଲା ନାଏକ, ବାଘୁଆବୋଲ ଗ୍ରାମର ସ୍ୱପନ ବାରିକ, ମାରୁଆଡ଼ିପଟ୍ଟିର ରାହୁଲ ଜୈନ୍, ହାଟତୋଟା ଗୁରୁ କୁମାର ସାହୁ। ଅଭିଯୁକ୍ତଙ୍କଠାରୁ ଗୋଟିଏ ମାରୁତି ଭ୍ୟାନ୍, ୬ଟି ମୋବାଇଲ୍ ଫୋନ ଓ ୧୫ହଜାର ୬ଶହ ଟଙ୍କା ଜବତ କରିଛି। ତେବେ ସମ୍ପୃକ୍ତ ଅଭିଯୁକ୍ତମାନେ କୋଟିପତି ହେବା ଆଶାରେ ଏଭଳି ମାରାତ୍ମକ ନିଶାଦ୍ରବ୍ୟ ବ୍ୟବସାୟ କରି ଆଜିର ଯୁବପୀଢ଼ୀଙ୍କୁ ପଥଭ୍ରଷ୍ଟ କରି ଚାଲିଛନ୍ତି।

## ପୂର୍ବ ଶତ୍ରୁତାରୁ ମାରପିଟ୍ ଘଟଣା, ଅନ୍ୟଜଣେ ଗିରଫ

**କୁଆଖିଆ, ୧୩।୭/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନର୍ଗତ ଟିକରପଡ଼ା ପଞ୍ଚାୟତ କୁଜିବର ଗ୍ରାମରେ ଗତ ୧୦ ତାରିଖ ହୋଇଥିବା ମାରପିଟ୍ ଘଟଣାରେ ରବିବାର ଆଉଜଣଙ୍କୁ କୁଆଖିଆ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୁଧାଂଶୁ ରାଉତ। ପୂର୍ବ ଶତ୍ରୁତା କାରଣରୁ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ମାରପିଟ୍ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ଆହତ ହୋଇ ଚିକିତ୍ସାଧୀନ ଥିଲେ। ପରେ କୁଆଖିଆ ଥାନାରେ ଦୁଇ ପରିବାର ଅଭିଯୋଗ କରିଥିଲେ। ଥାନା ଏଏସ୍ଆଇ ନରେନ ଦାସ ଘଟଣାର ତଦନ୍ତ କରି ସେଦିନ ଚନ୍ଦ୍ରଶେଖର ବେହୁରାୟ ଓ ରସାନନ୍ଦ ବେହୁରାୟଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ଆଜି ସୁଧାଂଶୁକୁ ଗିରଫ କରାଯାଇଥିବା ନେଇ ଏଏସ୍ଆଇ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ବିଦ୍ୟାଳୟସ୍ତରୀୟ ବନ ମହୋତ୍ସବ



**କାମାକ୍ଷାନଗର, ୧୩।୭/ଏନ୍ଏନ୍ଏସ୍:** କାମାକ୍ଷାନଗର ବାଳିକା ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶକ୍ତି କ୍ଲବ୍ ଦାୟିତ୍ୱରେ ଥିବା ବରିଷ୍ଠ ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଥ କୁମାର ଚିନାରା ଯୋଗଦେଇ ପ୍ରତ୍ୟେକ ବିଦ୍ୟାର୍ଥୀ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରି 'ଏକ ପେଡ୍ ମା କେ ନାମ' ନାରାର ଅର୍ଥ ବୁଝାଇଥିଲେ। ଶିକ୍ଷୟିତ୍ରୀ ଭାରତୀ ପରିଡ଼ା, ବିଷୟାବତି ମହାନ୍ତି, ସ୍ମିତାଞ୍ଜଳି ସାମଲ, କୈକେୟୀ ଦେହୁରୀ, ପୁଷ୍ପଲଳିତା କୁଜୁର ଓ ଶିକ୍ଷକ ଅଶେଷ କୁମାର ମାର୍ଥା ପ୍ରମୁଖ ଉପସ୍ଥିତ।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ଚାନ୍ଦୋଳ, ୧୩।୭/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସ୍ପର୍ଶ ହସ୍ପିଟାଲ୍ ଓ ପାରାଦୀପର ସାଇ ହସ୍ପିଟାଲ୍‌ର ଅଭିଜ୍ଞ ବିଶେଷଜ୍ଞ



ଡାକ୍ତରଙ୍କ ଦ୍ୱାରା ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଏଥିରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ରାଜକିଶୋର ମଲିକ, ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ସ୍ୱାତୀ ସାହୁ, ଭେଷଜ ବିଶେଷଜ୍ଞ ଡକ୍ଟର ଗିତାଞ୍ଜଳୀ, ଶଲ୍ୟ ରୋଗ ବିଶେଷଜ୍ଞ ଡକ୍ଟର ଗୌରବ ସେଠୀ, ନାସା, କର୍ଣ୍ଣ ଓ ଗଳା ବିଶେଷଜ୍ଞ ଡକ୍ଟର ଗୋପବନ୍ଧୁ ଦାସ, ଦନ୍ତରୋଗ ବିଶେଷଜ୍ଞ ଡକ୍ଟର ଅରବିନ୍ଦ ନାୟକ ଏବଂ ଡକ୍ଟର ପ୍ରଗତି ପ୍ରିୟା ଓ ଚକ୍ଷୁରୋଗ ବିଶେଷଜ୍ଞ ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ପ୍ରମୁଖ ୫୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବହୁ ରୋଗୀଙ୍କୁ ମାଗଣାରେ ଡାକ୍ତରୀ ଚଷମା ଓ ଅଣ୍ଟା ବେଲ୍ଟ ଆଦି ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଶିକ୍ଷାବିତ୍ ପଞ୍ଚାନନ ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ସଂସଦର ବରିଷ୍ଠ ସଦସ୍ୟ ଡକ୍ଟର ରାଜକିଶୋର ମଲିକଙ୍କ ନେତୃତ୍ୱରେ ସାଥୀ ପୁରାତନ ଛାତ୍ର ଅବନୀ କୁମାର ବରାଳ, ଅଦ୍ୱୈତାନନ୍ଦ ବରାଳ, ସୁନାକର ବିହାରୀ ଓ ପ୍ରସନ୍ନ କୁମାର ବେହେରା ଉପସ୍ଥିତ ରହି ଶିବିର ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପୁରାତନ ଛାତ୍ର ଦେବାଶିଷ ଶତପଥୀ, ଅମରେନ୍ଦ୍ର ବରାଳ, ରଞ୍ଜନ ପାତ୍ର, ରଞ୍ଜନ କୁମାର ଗିରି, ମନୋଜ ମଲିକ, ଜୟନ୍ତ ଶତପଥୀ, ଗୁରୁଚରଣ ସେଠୀ ଓ ମଳୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନା ଓ ବୃକ୍ଷରୋପଣ

**ଯାଜପୁର, ୧୩।୭/ଏନ୍ଏନ୍ଏସ୍:** ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଗଠନ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାଂଗଠନିକ ଆଲୋଚନା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘ ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ହିସାବ ଓ ସଂଘର ସାଂଗଠନିକ କାର୍ଯ୍ୟକ୍ରମ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ଯାଜପୁର ବ୍ଲକ୍ ସଂଯୋଜକ ଭାବେ ବିଦ୍ୟାଧର ବେହେରାଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରକାରର ଫଳ ଏବଂ ଫୁଲ ଲଗାଯାଇ ପରିବେଶ ସନ୍ତୁଳନତା ଦିଗରେ ସମାଜକୁ ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ



କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସଭାପତି ହରିହର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପସଭାପତି ପବିତ୍ର ରଞ୍ଜନ ମହାନ୍ତି, ପ୍ରଦୀପ କୁମାର ଜେନା, ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଜିଲ୍ଲା କୋଷାଧ୍ୟକ୍ଷ ସଞ୍ଜୟ କର, ଯାଜପୁର ମ୍ୟୁନିସିପାଲିଟି ସଂଯୋଜକ ଦିବ୍ୟକାନ୍ତ କର, ବ୍ୟାସନଗର ସଂଯୋଜକ ଯଜ୍ଞଦତ୍ତ ତ୍ରିପାଠୀ, ଅବିନାଶ ସ୍ୱାଇଁ, ଅଜୟ ବେହେରା, ଭରତ ନାୟକ, ସୁରେଶ କର, ପ୍ରକାଶ ସାହୁ, ଦର୍ଶନୀ ବେହେରା, ଅଶୋକ ଦାସ, ସତ୍ୟବ୍ରତ ନାୟକ ଓ ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭ୍ୟ ସତ୍ୟବ୍ରତ ନାୟକ ଧନ୍ୟବାଦ ଦେଇଥିଲେ।

## ସବୁଜ ସେନାର 'ସବୁଜ ବନାନୀ' କାର୍ଯ୍ୟକ୍ରମ



**ନାଉଗା, ୧୩।୭/ଏନ୍ଏନ୍ଏସ୍:** ନାଉଗାଁ ବ୍ଲକ୍‌ର ଅଗ୍ରୀମ ସଂଗଠନ 'ସବୁଜ ସେନା' ଦ୍ୱାରା ତିରୁଣା ଗ୍ରାମରେ 'ସବୁଜ ବନାନୀ' ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ପରିପ୍ରେକ୍ଷୀରେ ତିରୁଣା ଗ୍ରାମର ଆରାଧ୍ୟ ଶ୍ରୀସୁବର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିର ପରିସର ଏବଂ ରାସ୍ତାର ଦୁଇ ପାର୍ଶ୍ୱରେ ହରିଡ଼ା, ବାହାଡ଼ା, ଅଁଳା, ଝାଉଁ ଓ ପିଜୁଳି ଆଦି ଗଛମାନ ରୋପଣ କରାଯିବା ସହିତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସବୁଜ ସେନାର ସଦସ୍ୟ ଇଲାବନ୍ତ ଲେଙ୍କାଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ମୁଖ୍ୟଅତିଥି ଭାବେ ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ଓ ଜିଲ୍ଲା ପ୍ରକୃତି ମିତ୍ର ପରିଷଦର ଉପସଭାପତି ନିରଞ୍ଜନ ମହାନ୍ତି ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଅଞ୍ଚଳର ଆଧ୍ୟାତ୍ମିକ ଜ୍ୟୋତି ତଥା ସମାଜସେବୀ ବିଚିତ୍ର କୁମାର ପଣ୍ଡା, ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ରର ସମ୍ପାଦକ ସୁକାନ୍ତ କୁମାର ଲେଙ୍କା, ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ସମାଜସେବୀ ସର୍ବେଶ୍ୱର ମହାରଣା, ତିରୁଣା ସମିତିସଭ୍ୟାଙ୍କ ପ୍ରତିନିଧି ଚର୍ତୁଭୂଜ ପରିଡ଼ା, ବଛାଳ ସମିତିସଭ୍ୟ ଓ ସମାଜସେବୀ ଚନ୍ଦନ କୁମାର ଲେଙ୍କା ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନରଞ୍ଜନ ସ୍ୱାଇଁ, କମଳାକାନ୍ତ ସ୍ୱାଇଁ, ଦେବଦତ୍ତ ତ୍ରିପାଠୀ, ସବ୍ୟସାଚୀ ବିଶ୍ୱାଳ, ବିଶ୍ୱଜିତ ପରିଡ଼ା ଓ ଶ୍ରିତମ ବେହୁରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ଏକ ଶହରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯିବା ପାଇଁ ତିରୁଣାର ଯୁବକମାନେ ଯୋଜନା ପ୍ରସ୍ତୁତ କରିଛନ୍ତି।

## ଭରତପୁର ସାଇଲୋରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ନଷ୍ଟ

**ତାଳଚେର, ୧୩।୭/ଏନ୍ଏନ୍ଏସ୍:** ତାଳଚେର ବ୍ଲକ୍ ଅନ୍ତର୍ଗତ ଭରତପୁର ଏମ୍‌ସିଏଲ୍ କୋଇଲା ଖଣି ସାଇଲୋରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଯୋଗୁ ନିଆଁ ଉପରକୁ ଉଠିଥିଲା। ସେଠାରେ ଥିବା ଲୋକମାନେ ଆତଙ୍କିତ ହୋଇ ଭୟରେ ଦୌଡ଼ି ପଳାଇଥିଲେ। ଏ ସମ୍ପର୍କରେ ଅଧିକ ତଥ୍ୟ ହସ୍ତଗତ ହୋଇନଥିଲେ ମଧ୍ୟ ଏହାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।



## ଦନ୍ତା ଆକ୍ରମଣରେ ଜଣେ ମୃତ

**ହିନ୍ଦୋଳ, ୧୩।୭/ଏନ୍ଏନ୍ଏସ୍:** ହିନ୍ଦୋଳ ବନାଞ୍ଚଳ ଅଧୀନରେ ପୁଣି ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ହିନ୍ଦୋଳ ବ୍ଲକ୍ ବାଲିମିଥାନାର ଠୋକର ଗ୍ରାମର ଖେନା ମାଝୀ(୮୦)। ଖେନା ରବିବାର ଅପରାହ୍ନ ୧୨ଟାରେ ଗ୍ରାମ ନିକଟସ୍ଥ ଖାଲତଇଲା ବନ୍ଧ ନିକଟସ୍ଥ ବିଲକୁ ଯାଇଥିବାବେଳେ ହଠାତ୍ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ଖେନାକୁ ଶୁଣ୍ଢରେ କଚାଡ଼ି ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ତେବେ ପରିବାର ଲୋକେ ବିଳମ୍ବରେ ଜାଣିବାରୁ ଉଦ୍ଧାର କରି ବନ ବିଭାଗକୁ ଜଣାଇଥିଲେ। ପରେ ବନ ବିଭାଗ ଓ ପୁଲିସ ଖବରପାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି ଏବଂ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## କପିଳାସ ପୀଠରେ ହଜାର ହଜାର କାଉଡ଼ିଆ



**ଢେଙ୍କାନାଳ, ୧୩।୭/ଏନ୍ଏନ୍ଏସ୍:** ଆସନ୍ତାକାଲି ଶ୍ରାବଣ ମାସର ପ୍ରଥମ ସୋମବାର ପଡୁଥିବାରୁ ଜଳଲାଗି ପାଇଁ ଶୈବପୀଠ ଅଭିମୁଖେ କାଉଡ଼ିଆଙ୍କ ଯାତ୍ରା ଆରମ୍ଭ ହୋଇଯାଇଛି। ଶହ ଶହ କାଉଡ଼ିଆ ରବିବାର ବିଭିନ୍ନ ଗ୍ରାମର ବ୍ରାହ୍ମଣୀ ନଦୀକୂଳରେ ପୂଜାର୍ଚ୍ଚନା କରି ପାଣିଭାର ଉଠାଇ କପିଳାସର ବାବା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜିଉ, କରମୁଳ ଦୌଡ଼େଶ୍ୱର, ନାଗନାଥେଶ୍ୱର, ଭୋଳେଶ୍ୱର ଓ ଉର୍ନ୍ନକୋଟିଶ୍ୱର ଆଦି ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବିଶେଷ କରି ହଜାର ହଜାର ସଂଖ୍ୟାରେ କାଉଡ଼ିଆ କପିଳାସ ମୁହାଁ ହୋଇଛନ୍ତି। ଢେଙ୍କାନାଳ କପିଳାସ ରାସ୍ତାରେ ଏହି କାଉଡ଼ିଆମାନେ ପାଦରେ ଚାଲି ଚାଲି ଯାଉଥିବା ବେଳେ ଅପରପାର୍ଶ୍ୱ ଯାଜପୁର ଓ ଚଣ୍ଡିଖୋଲରୁ ନିହଲପ୍ରସାଦ ଦେଇ ହଜାର ହଜାର ଶ୍ରଦ୍ଧାଳୁ କପିଳାସ ପୀଠକୁ ଆସୁଥିବା ଦେଖିବାକୁ ମିଳିଛି। ସଂଧ୍ୟା ସୁଦ୍ଧା କପିଳାସ ପୀଠ ଉପରେ ଓ ପାହାଚ ତଳେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇସାରିଲାଣି। ରାତିରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ବଜ୍ରପାତରେ ଚାଷୀ ମୃତ

**ଧର୍ମଶାଳା, ୧୩।୭/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଞ୍ଚଳରେ ବଜ୍ରପାତ ଯୋଗୁ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଚାଷୀ ଜଣକ ହେଲେ ମଧୁସୁଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଭାଗିରଥୀ ନାୟକ (୬୩)। ଭାଗିରଥୀ ରବିବାର ଗାଁ ନିକଟରେ ଥିବା ତାଙ୍କ କ୍ଷେତରେ କାମ କରୁଥିବା ବେଳେ ଗୋଟାଏରୁ ସାଢ଼େ ଗୋଟାଏ ମଧ୍ୟରେ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଏହି ସମୟରେ ଭାଗିରଥୀ ବଜ୍ରାଘାତର ଶିକାର ହୋଇ ଚାଷ କ୍ଷେତରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ବିଲରୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଭାଗିରଥୀ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗଇଦେବାକୁ ସାଧାରଣରେ ଦାବି ହୋଇଛି।

## ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ରାଷ୍ଟ୍ରୀୟ ଦୁଗ୍ଧ ଅଭିଲେଖନ କାର୍ଯ୍ୟକ୍ରମ ଅନୁଧ୍ୟାନ

**ଯାଜପୁର, ୧୩।୭/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତି, ଭୁବନେଶ୍ୱର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯାଜପୁର ଜିଲ୍ଲାର ବିଞ୍ଝାରପୁରୀ ଗୋ-ପ୍ରଜାତିର ରାଷ୍ଟ୍ରୀୟ ଦୁଗ୍ଧ ଅଭିଲେଖନ କାର୍ଯ୍ୟକ୍ରମକୁ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡ଼ର ବରିଷ୍ଠ ପରିଚାଳକ ଡା. ପରାଗ ପାଣ୍ଡେ ଓ ଡା. ଅର୍ଚ୍ଚନ ଭଙ୍ଗ ଅନୁଧ୍ୟାନ କରିବା ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ ଅଧିକାରୀ ଦ୍ୱୟ ଯାଜପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁବ୍ରତ କୁମାର ମହାପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ପରେ ପ୍ରକଳ୍ପ




ଅଧିକାରୀ ଡା. ନିମାଇଁ ଚରଣ ପଟ୍ଟନାୟକ, ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ରସୁଲପୁର ତଥା ବିଞ୍ଝାରପୁରୀ ଗୋ-ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତିର ବୈଷୟିକ ପରାମର୍ଶଦାତା ଡା. ଜ୍ୟୋତିରଞ୍ଜନ ମହାନ୍ତି, ସମିତିର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ, ସୁପରଭାଇଜର୍ ଦୁର୍ଯ୍ୟୋଧନ ମିଶ୍ର, ନରେନ୍ଦ୍ର କୁମାର ସାହୁ ଓ ଦୁଗ୍ଧ ଅଭିଲେଖକଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ଚାଷୀଙ୍କ ସହିତ ଆଲୋଚନା କରିବା ସହ ରେର୍କର୍ଡ଼ିଂ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରି ଏହାର ପରିଚାଳନାକୁ ଭୂୟସୀ ପ୍ରଶଂଶା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧିକାରୀ ଓ ସମିତିର ସମ୍ପାଦକ ସହାୟତା ପ୍ରଦାନ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତିର ଉପନିର୍ଦ୍ଦେଶକ ଡାଃ ସୌମେନ୍ଦ୍ର କୁମାର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା।

**M/S CARE SECURITY AND ALLIED SERVICES**
**PLOT NO B-13, 2ND FLOOR, RUCHIKA MARKET, BARAMUNDA, BHUBANESWAR, ODISHA-751003**

**ADVERTISEMENT**

Applications are invited from eligible candidates for engagement of Coordinators & MIS Assistant in Sub-Divisional Level FRA Cell under DA-JGUA, at District Welfare Office, Nayagarh. For details regarding posts, age, requisite qualification as well as for application form please visit website (https://caresecurityservice.com). Eligible candidates may submit their applications with copies of requisite qualification (self -attested) by Speed Post / Regd. Post /Courier submit application to the above address within 3 (Three days from the date of advertisement).

# ଦୀର୍ଘ ୯ବର୍ଷ ହେଲା ସମାଧାନ ହୋଇପାରୁନି ୧୭ଖଣ୍ଡ ଗାଁ ବିବାଦ

**ନୟାଗଡ଼,୧୩।୭/ଏନ୍‌ଏନ୍‌ଏସ୍:** ଦୀର୍ଘ ୯ବର୍ଷ ହେଲା ବଳଭଦ୍ରପୁର-ଢିପାମାଳ ରାସ୍ତା ନିର୍ମାଣକୁ କେନ୍ଦ୍ର କରି ଲାଗି ରହିଥିବା ଗୁଡୁପାଙ୍ଗି-୧୭ ଖଣ୍ଡ ଗାଁ ବିବାଦ ସମାଧାନର ବାଟ ଫିଟୁନି। ଗୁଡୁପାଙ୍ଗି-ଢିପାମାଳ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସଂଲଗ୍ନ ତିନିବାଙ୍କ ପଡିଆଠାରେ ଗୁଡୁପାଙ୍ଗିର ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇ ମୁଖ୍ୟ ଉନ୍ନୟନ ଅଧିକାରୀ ଦେଇଥିବା ମନ୍ତବ୍ୟକୁ ନିନ୍ଦା କରିବାସହ ଅସମ୍ପୂର୍ଣ୍ଣ ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି। ସରକାରୀ ଅଧିକାରୀଙ୍କ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମନ୍ତବ୍ୟ ଗ୍ରାମ-ଗ୍ରାମ ମଧ୍ୟରେ ବିବାଦର କାରଣ ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଗୁଡୁପାଙ୍ଗି ସହିତ ୧୭ ଖଣ୍ଡ ମୌଜା ରାସ୍ତା ବିବାଦର କୌଣସି ସମାଧାନର ସୂତ୍ର ଏ ପର୍ଯ୍ୟନ୍ତ ବାହାରିପାରି ନଥିବାରୁ ଏହାକୁ ନେଇ ଗୁଡୁପାଙ୍ଗି ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ତତ୍‌କାଳୀନ ଜିଲ୍ଲାପାଳ ରବିନ୍ଦ୍ରନାଥ ସାହୁଙ୍କ ଉଦ୍ୟମକ୍ରମେ ଉକ୍ତ ସମସ୍ୟାର ସମାଧାନ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆଲୋଚନା ମାଧ୍ୟମରେ ହେବା ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିଲା ଏବଂ ଉଭୟ ପକ୍ଷଙ୍କ ସହମତି ଥିଲା ଏବଂ ଆଲୋଚନା ସ୍ଥଳରେ ସରକାରୀ ଅଧିକାରୀ ଓ ଗୁଡୁପାଙ୍ଗି ଗ୍ରାମବାସୀମାନେ ଉପସ୍ଥିତ ଥିଲେ ମଧ୍ୟ ୧୭ଖଣ୍ଡ ମୌଜାର କୌଣସି ପ୍ରତିନିଧି ଯୋଗଦେଇ ନଥିଲେ। ଫଳରେ ଏହି ଉଦ୍ୟମ ବିଫଳ ହୋଇଥିଲା ବୋଲି ଗ୍ରାମବାସୀମାନେ ପ୍ରକାଶ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଦୋଷୀଙ୍କ ବିରୋଧରେ ...

ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିବା ସହିତ ତାଙ୍କୁ ଭିଜନ୍ ଡକ୍ୟୁମେଣ୍ଟ ପୁସ୍ତକ ପ୍ରଦାନ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଦଳର ସଙ୍ଗଠନ ମନ୍ତ୍ରୀ ବିଏଲ୍ ସନ୍ତୋଷଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଗସ୍ତ ସମୟରେ ସାକ୍ଷାତ୍ କରିଥିଲେ।

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଘଟଣାକୁ ଦୃଢ଼ ଭାବରେ ନିନ୍ଦାକରିବା ସହିତ ମୁଖ୍ୟମନ୍ତ୍ରୀ କହିଥିଲେ, ଏୟାରପୋର୍ଟରୁ ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଏମ୍ସର ନିର୍ଦ୍ଦେଶକ ଏବଂ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ଆଲୋଚନା କରିଛି। ପୀଡ଼ିତାଙ୍କ ବାପା ମା'ଙ୍କୁ ଭେଟି ଶାନ୍ତ୍ୱନା ଦେବା ସହିତ ସ୍ୱାସ୍ଥ୍ୟାବସ୍ଥାରେ ଟିକେ ଉନ୍ନତି ଆସିଲେ ଆବଶ୍ୟକ ହେଲେ ବିମାନ ଯୋଗେ ଛାତ୍ରୀ ଜଣଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଯୁବକ-ଯୁବତୀଙ୍କୁ ଅମାନବୀୟ ...

ବୁଲାଉଥିବା ଚିତ୍ର ସାମ୍ନାକୁ ଆସିଛି। ଏପରି ଘଟଣା ଚାଲୁଥିବାବେଳେ କିଛି ଯୁବବର୍ଗ ମୋବାଇଲ୍‌ରେ ଭିଡିଓ ଉଠାଇ ଏହାର ମଜା ନେଉଥିବା ଦେଖିବାକୁ ମିଳିଛି। ତେବେ ଏହି ଘଟଣା କିଛି ଦିନ ତଳର ବୋଲି ଜଣାପଡ଼ିଛି। ରାୟଗଡ଼ା ଜିଲ୍ଲାରେ ସମାନ ଘଟଣା ସାମ୍ନାକୁ ଆସିଲା ପରେ କୋରାପୁଟ ଜିଲ୍ଲାର ଏହି ଭିଡିଓ ଭାଇରାଲ୍ ହୋଇଛି। ଆଧୁନିକତାର ସ୍ପର୍ଶରେ ମଣିଷ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରୁଥିବା ବେଳେ ଆଜି ବି କେତେକ ଗ୍ରାମରେ ପାରମ୍ପରିକ ପ୍ରଥା ବଳଦ ଦଣ୍ଡ ଚାଲି ଆସିଛି। ପ୍ରଥା ପାଳନ କରିବାକୁ ଯାଇ ଏପରି ଅସାମାଜିକ ଓ ଅମାନବୀୟ କାର୍ଯ୍ୟକୁ ସଭ୍ୟ ସମାଜରେ ନିନ୍ଦା କରାଯାଇଛି।

### ରାଜ୍ୟସଭାକୁ ୪ ସଦସ୍ୟ ...

ମୁମ୍ବାଇ ଆକ୍ରମଣ ସମେତ ବହୁ ହାଇ-ପ୍ରୋଫାଇଲ୍ ମାମଲାରେ ସରକାରଙ୍କ ପକ୍ଷ ରଖିଥିଲେ। ନିକମ୍‌ଙ୍କ ବ୍ୟତୀତ କେରଳ ବରିଷ୍ଠ ସମାଜସେବୀ ଓ ଶିକ୍ଷାବିତ୍ ସି. ସଦାନନ୍ଦ ମାଷ୍ଟର୍, ଭାରତର ପୂର୍ବତନ ବିଦେଶ ସଚିବ ହର୍ଷବର୍ଦ୍ଧନ ଶୃଙ୍ଗଲା ଏବଂ ଇତିହାସକାର ଓ ଶିକ୍ଷାବିତ୍ ଡ. ମୀନାକ୍ଷୀ ଜୈନ ମଧ୍ୟ ରାଜ୍ୟସଭା ଯିବେ। ଏହି ନିଯୁକ୍ତି ପୂର୍ବରୁ ମନୋନୀତ ସଦସ୍ୟଙ୍କ ସେବାନିବୃତ୍ତି ପରେ ଖାଲି ପଡ଼ିଥିବା ଆସନ ପାଇଁ ହୋଇଛି।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୮୦(୩) ଅଧୀନରେ ରାଷ୍ଟ୍ରପତିଙ୍କୁ ରାଜ୍ୟସଭା ପାଇଁ ୧୨ ସଦସ୍ୟଙ୍କୁ ମନୋନୀତ କରିବାର ଅଧିକାର ରହିଛି। ଏହି ସଦସ୍ୟ କଳା, ସାହିତ୍ୟ, ବିଜ୍ଞାନ, ସମାଜସେବା ପରି କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଚୟନ ହୋଇଥାନ୍ତି।

### ଆଜିଠୁ ୧୭ ଯାଏ ପ୍ରବଳ ...

ନୟାଗଡ଼, କଳାହାଣ୍ଡି, କୋରାପୁଟ, ରାୟଗଡ଼ା ଓ ସମ୍ବଲପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ଓ ଝଟକା ପବନ ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ (ସତର୍କ ରୁହନ୍ତୁ) ଜାରି କରାଯାଇଛି। ଜଗତସିଂହପୁର, ଝାରସୁଗୁଡ଼ା, ବରଗଡ଼, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବା ସହିତ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୧୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ ଓ ବଜ୍ରପାତ ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼, ବୌଦ୍ଧ, ସୋନପୁର, ଦେବଗଡ଼, ବଲାଙ୍ଗିର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟାପ୍ରତି ୩୦ରୁ ୪୦ କିମି) ଓ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ପ୍ରବାହିତ ହେବା ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ମଧ୍ୟ ଜାରି କରାଯାଇଛି।

ସେହିପରି ୧୫ ତାରିଖ ସକାଳ ସାଢ଼େ ୮ଟାରୁ ୧୬ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହିତ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ହୋଇପାରେ ଓ ବିଜୁଳି ମାରିପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟାପ୍ରତି ୩୦ରୁ ୪୦ କିମି) ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୧୬ ତାରିଖ ସକାଳ ସାଢ଼େ ୮ଟାରୁ ୧୭ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ହେବା ସହିତ ବିଜୁଳି ମାରିପାରେ ଓ ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବା ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୭ ତାରିଖ ସକାଳ ସାଢ଼େ ୮ଟାରୁ ୧୮ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଟକା ପବନ ଓ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ୧୭ତାରିଖ ପର ଠାରୁ ବର୍ଷାର ପରିମାଣ କମିବ ବୋଲି ପାଣିପାଗକେନ୍ଦ୍ର ପକ୍ଷରୁ କୁହାଯାଇଛି।

### ପୂରା ଦେଶରେ ହେବ ଭୋଟର୍ ...

ଭୋଟର୍ ଲିଷ୍ଟରେ ଅବୈଧ ପ୍ରବାସୀଙ୍କ ନାମ ସାମିଲ କରାଯିବ ନାହିଁ। ବିହାରରେ ଭୋଟର୍ ଲିଷ୍ଟ ଭେରିଫିକେସନ୍ କାମ ଜୁନ୍ ୨୪ରୁ ଆରମ୍ଭ ହୋଇଥିଲା ଏବଂ ଜୁଲାଇ ୨୫ ଗଣନା ଫର୍ମ ଦାଖଲର ଶେଷ ତାରିଖ ରଖାଯାଇଛି। ଇତିମଧ୍ୟରେ ପ୍ରାୟ ୬୫ ପ୍ରତିଶତ ଭୋଟର୍ ଫର୍ମ ଦାଖଲ କରିସାରିଛନ୍ତି।

# ଛାତ୍ର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



**ଆଠଗଡ଼,୧୩।୭/ଏନ୍‌ଏନ୍‌ଏସ୍:** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମହୂତୀ ଉଦ୍ୟମ ଘଟଣା ସାରାରାଜ୍ୟକୁ ଏବେ ସ୍ତବ୍ଧ କରିଦେଇଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସରକାରଙ୍କୁ କାଠଗଡାକୁ ଟାଣିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଆଇନମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାୟୀକରି ଆଠଗଡ଼ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ଚାନ୍ଦବାଲି ଛକ ଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ଆଇନମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଥିବା ନେଇ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିଜୁ ଯୁବ ଛାତ୍ର ଜନତା ଦଳ ସଭାପତି ସତ୍ୟପ୍ରିୟ ମହାନ୍ତି। କାର୍ଯ୍ୟକ୍ରମରେ ଛାତ୍ରନେତା ମହମ୍ମଦ ଖଲିଦ୍, ଜ୍ୟୋତିରଞ୍ଜନ ପ୍ରଧାନ, ପ୍ରଭଞ୍ଜନ ସେଠୀ, ତୋଫାନ ସାମଲ, ଗିରିଜା ପ୍ରସାଦ ପରିଜା, ସିଦ୍ଧାନ୍ତ ଦଳେଇ, ଧନେଶ୍ୱର ବେହେରା, ଗଜେନ୍ଦ୍ର ରାଉତ, ସଞ୍ଜୟ ନାୟକ ଉପସ୍ଥିତ ଥିଲେ।

## ବଦଳି ଜିଲ୍ଲାପାଳଙ୍କୁ ବିଦାୟୀ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୧୩।୭/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନରେ ପୁରୀ ଜିଲ୍ଲାପାଳ ଭାବେ ବଦଳି ହୋଇଥିବା ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଚଞ୍ଚଳ ରାଣାଙ୍କୁ ଖୋର୍ଦ୍ଧା ଜିଲ୍ଲାପ୍ରଶାସନ ଓ ଖୋର୍ଦ୍ଧା କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ବୈଠକରେ ଆରକ୍ଷୀ ଅଧିକ୍ଷକ ସାଗାରିକା ନାଥ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର, ରୁଦ୍ର ନାରାୟଣ ମହାନ୍ତି, ଉପଜିଲ୍ଲାପାଳ, ଖୋର୍ଦ୍ଧା, କିଶୋର କୁମାର ପଣ୍ଡା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା, ସୁମିତ୍ରା ତ୍ରିପାଠୀ, ଆରକ୍ଷୀ ଅଧିକ୍ଷକ, ଭୁବନେଶ୍ୱର, ଦେବାଶିଷ ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଶିବଲାଲ ସାହୁ, ଡେପୁଟି କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର, ସାଧାରଣ ଓ ବିବିଧ ପ୍ରଧାନ ଟୁଲିଆମା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଡିପିସି, ମିଶନ ଶକ୍ତି ରାଜଗୋପାଳ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ପୂର୍ବତନ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ପ୍ରଶାସନିକ କାର୍ଯ୍ୟ ଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ମଧ୍ୟ ପୂର୍ବତନ ଜିଲ୍ଲାପାଳ ଶ୍ରୀ ରାଣା ସମସ୍ତ ଅଧିକାରୀ, ପୁଲିସ ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ, କର୍ମଚାରୀ, କଲେକ୍ଟୋରେଟ୍ ଷ୍ଟାଫ୍ କମିଟି, ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହଯୋଗରେ ନିର୍ବାଚନ କାର୍ଯ୍ୟ ପରିଚାଳନା ଠାରୁ ବର୍ଷ ଏକ ଉପଲବ୍ଧି ଅନେକ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ସଫଳ ଭାବେ ଅନୁଷ୍ଠିତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଭାରପ୍ରାପ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଏବଂ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ପୂର୍ବତନ ଜିଲ୍ଲାପାଳ ଶ୍ରୀ ରାଣାଙ୍କୁ ସମ୍ବର୍ଦ୍ଧିତ ସହ ତାଙ୍କର ଭବିଷ୍ୟତ ଉତ୍ତୋରତ୍ତର କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଉପନିବନ୍ଧକ, ସମବାୟ ସମିତି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଏପିଡି, ଅର୍ଥ, ଜିଲ୍ଲାପରିଷଦ, ସମସ୍ତ ବିଡ଼ିଓ, ସମସ୍ତ ତହସିଲଦାର, ସମସ୍ତ ଡେପୁଟି କଲେକ୍ଟର ଯୋଗଦେଇ ପୂର୍ବତନ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

## ୪୯୦ଲିଟରର ବିଦେଶୀ ମଦ ଜବତ, ୨ କୋର୍ଟଚାଲାଣ

**ମାହାଙ୍ଗା,୧୩।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ପୁଲିସ କୌଣସି ସୂତ୍ରରୁ ଖବର ପାଇ କୁମୁଡା ଜୟପୁର ଫାଣ୍ଡି ଅଧୀନ ସମସରପୁର ପଞ୍ଚାୟତ ଯଶରାଜପୁର ଗ୍ରାମରେ ଚଢ଼ଉକରି ୬୦ପେଟି ବିଦେଶୀ ମଦ ଓ ବିଅର ଜବତ କରିଛି। ଜବତ ମଦର ମୂଲ୍ୟ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି। ଖବର ଅନୁଯାୟୀ ମାହାଙ୍ଗା ଆଇଆଇସି ତପନ କୁମାର ରାଉତଙ୍କ ନେତୃତ୍ୱରେ ଏକ ଟିମ ଗତକାଲି ରାତିରେ ଯଶରାଜପୁର ଗ୍ରାମର ଜଗଦୀପ ସିଂହଙ୍କ ଘର ଉପରେ ଚଢ଼ଉ କରିଥିଲେ। ଜଗଦୀପ ନିଜ ଘରେ ୬୦ପେଟି ବିଦେଶୀ ମଦ ଚୋରା ଚାଲାଣ ପାଇଁ ରଖିଥିବାବେଳେ ପୁଲିସ ଉକ୍ତ ମଦକୁ ଜବତ କରି ବା ସହ ଜଗଦୀପଙ୍କୁ ଗିରଫ କରିଥିଲେ।

ଅଭିଯୁକ୍ତ ଜଗଦୀପ ଏହି ଚୋରା ମଦ ମଧ୍ୟରୁ ସାଲେପୁର ଥାନା କଅଁରପୁର ଗ୍ରାମର ନୃସିଂହ ଚରଣ ନାୟକଙ୍କୁ ଦୁଇ ପେଟି ବିକିଥିବା ଜାଣିବାକୁ ପାଇ ମାହାଙ୍ଗା ପୁଲିସ ନୃସିଂହଙ୍କ ଘର ଉପରେ ଚଢ଼ଉକରି ଦୁଇପେଟି ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଆଜି ଉଭୟ ଅଭିଯୁକ୍ତ ଜଗଦୀପ ଓ ନୃସିଂହଙ୍କୁ ମାହାଙ୍ଗା ପୁଲିସ ଚୋରା ବିଦେଶୀମଦ ଚାଲାଣ ଅଭିଯୋଗରେ କୋର୍ଟଚାଲାଣ କରିଛନ୍ତି। ଜବତ ମଦର ପରିମାଣ ୪୯୦ଲିଟର ହୋଇଥିବା ବେଳେ ଏତେମାତ୍ରାରେ ଚୋରା ମଦ କେଉଁଠାରୁ ଆସିଛି ପୁଲିସ ତାହାର ଅନୁସନ୍ଧାନ ଚଳାଇଛି। ଚଢ଼ଉ ସମୟରେ ପାଣ୍ଡି ଅଧିକାରୀ ମନୋଜ କୁମାର ବେହେରା, ଏସ୍‌ଆଇ କର୍ମା ଲାକ୍ରା, ଏସ୍‌ଆଇ ରାକେଶ ଖୁଣ୍ଟିଆ, ସିପାହୀ ମୁକୁନ୍ଦ ଚାଲାଣଙ୍କ ସମେତ ଏକ ପୁଲିସ ଫୋର୍ସ ସାମିଲ ହୋଇଥିଲେ।

## ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ



**ଖୋର୍ଦ୍ଧା,୧୩।୭/ଏନ୍‌ଏନ୍‌ଏସ୍:** ଜିଲ୍ଲା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏବଂ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ବିଭିନ୍ନ କମିଟି ମାନ ଗଠନ କରାଯାଇଥିଲା। ଜିଲ୍ଲା ପ୍ରେସ କ୍ଲବର ପ୍ରଥମ ବାର୍ଷିକ ଉତ୍ସବ ଯେପରି ଜାକଜମକରେ ପାଳନ କରାଯିବ ସେଥିନିମନ୍ତେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏଥିନିମନ୍ତେ ଜିଲ୍ଲା ପ୍ରେସ କ୍ଲବର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯିବା ସହିତ ଜିଲ୍ଲା ପ୍ରେସ କ୍ଲବର ଏକ ମୁଖପତ୍ର ପ୍ରକାଶ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଜିଲ୍ଲା ପ୍ରେସ୍ କ୍ଲବର ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ପ୍ରକାଶ କୁମାର ହାତୀ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ, ବିଜୟ ବାହୁବଳେନ୍ଦ୍ର, ସେକ୍ ଅର୍ଶାଦୁଲ ହକ୍, କୃଷ୍ଣ ଚନ୍ଦ୍ର ଦାଶ, କେଦାରନାଥ ସାହୁ, ରାମଚନ୍ଦ୍ର ଜୁଝାରସିଂ, ଜିତେନ୍ଦ୍ର ଭଞ୍ଜ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ଗୋପାଳକୃଷ୍ଣ ଦାସ, ସଞ୍ଜୟ କର, ମହମ୍ମଦ ମୋତାହାର ୟୁସୁଫ, ସୟଦ ଅନ୍‌ସର୍ ଅଲ୍ଲୀ, ଇକ୍‌ବାଲ ଅହମ୍ମଦ, ଲଳିତ ମୋହନ ମହାପାତ୍ର, ରାମ ନାରାୟଣ ଦାଶ, ସନ୍ଦୀପ ବର୍ମନ, ସେକ୍ ଅବ୍ରାଉଲ ହକ, ସୟଦ ଲିୟାକତ ଅଲ୍ଲୀ, ମହମ୍ମଦ କୁତୁବୁଦ୍ଦିନ ଖାନ, ଶୁଭକାନ୍ତ ମହାପାତ୍ର, ରଞ୍ଜିତ ପାଟଶାଣୀ, ନିବାସ ମହାରଣା, ତପନ କୁମାର ନାୟକ, ରାଜୀବ ମହାପାତ୍ର, ପ୍ରକାଶ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ



**ଓଡ଼ଗାଁ,୧୩।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏସନ ସଭାଗୃହରେ ବ୍ଲକ୍‌ସ୍ତରୀୟ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ପାଠଚକ୍ର ଆବାହକ ସୁନୀଲ କୁମାର ପୃଷ୍ଟି ଏବଂ ଅନ୍ୟତମ ଅତିଥିଭାବେ ଜିଲ୍ଲା ମହିଳା ପାଠଚକ୍ର ସଂଗଠିକା ସୁଶ୍ରୀ ପୁଷ୍ପାଞ୍ଜଳି ସାହୁ ଯୋଗଦେଇ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବ୍ଲକ୍ ପାଠଚକ୍ର ଆବାହକ ତଥା ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ, ରାଜକିଶୋର ନାୟକ, ରମେଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିବାବେଳେ ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିଲେ। କବିୟିତ୍ରୀମାନେ ନିଜନିଜର ସ୍ୱରଚିତ କବିତା ପାଠକରି ପରିବେଶକୁ ଆଧ୍ୟାତ୍ମିକରେ ପରିଣତ କରିଥିଲେ। ଜିଲ୍ଲା ଆବାହକଙ୍କ ସଂଯୋଜନାରେ ପଞ୍ଚାୟତ ଆବାହକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକରେ ଶ୍ରୀମା', ଶ୍ରୀ ଅରବିନ୍ଦଙ୍କ ଚେତନା ଓ ଶିକ୍ଷାର ପ୍ରସାର ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ସମସ୍ତ ମାତୃକର୍ମୀଙ୍କ ସହଯୋଗରେ ସଂପାଦିତ ହୋଇଥିବା ଜଣାପଡ଼ିଛି।

## କଳିଙ୍ଗ କଳାପଥର ଖଣି ନିଲାମ ଧାର୍ଯ୍ୟଠାରୁ ଅଧିକ ନେଇ ଅସନ୍ତୋଷ



**ଖୋର୍ଦ୍ଧା,୧୩।୭/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ନିକଟବର୍ତ୍ତୀ ଟାପଙ୍ଗ ଅଞ୍ଚଳରେ ଥିବା କଳିଙ୍ଗ କଳା ପଥର ଖଣିର ନିଲାମ ମୂଲ୍ୟ ଧାର୍ଯ୍ୟ ଠାରୁ ଅଧିକ ହୋଇଥିବାରୁ ଆଞ୍ଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଆଞ୍ଚଳିକ କ୍ରସର ମାଲିକ ସଙ୍ଘ, କାର୍ଯ୍ୟାଳୟ, ଟାପଙ୍ଗ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଙ୍ଘ କାର୍ଯ୍ୟକାରୀ ସଭାପତି ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି। ଶ୍ରୀ ସାମନ୍ତରାୟଙ୍କ କହିବା ଅନୁଯାୟୀ ଏହି କଳାପଥର ଖଣିର ମୂଲ୍ୟ ପୂର୍ବରୁ ୧୭୦ଟଙ୍କା କ୍ୟୁବିକ ମିଟର ପିଛା ଥିବାବେଳେ ଖଣି ନିର୍ଦ୍ଦେଶାଳୟ ତରଫରୁ କଳିଙ୍ଗ କଳା ପଥର ଖଣିର 'କ, ଖ, ଗ' ଖଣିଗୁଡିକର ମୂଲ୍ୟ ଧାର୍ଯ୍ୟ ଠାରୁ ଅତ୍ୟଧିକ ହୋଇଛି। ଯାହାର ମୂଲ୍ୟ ୩୫୪ଟଙ୍କା ସହିତ ୧୩୦ ଏବଂ ସରକାରଙ୍କ ନୀତିନିୟମ ଅନୁସାରେ ବଢ଼ି ୫୦୦ଟଙ୍କା କ୍ୟୁବିକ୍ ମିଟର ହେଇଥିବାବେଳେ ସେହି ଖଣି ନିର୍ଦ୍ଦେଶାଳୟର ଇସ୍ତାହାରରେ ଟାଙ୍ଗେଣୀ କଳା ପଥର ଖଣିର ମୂଲ୍ୟ ୧୭୦ଟଙ୍କା କ୍ୟୁବିକ୍ ମିଟର ପିଛା ରହିଛି। ଏଣୁ ଆଞ୍ଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। କଳିଙ୍ଗ କଳା ପଥର ଖଣିର ବର୍ଦ୍ଧିତ ଧାର୍ଯ୍ୟ ମୂଲ୍ୟକୁ ପ୍ରତ୍ୟାହାର କରାଯାଇ ପୂର୍ବଭଳି ୧୭୦ ଟଙ୍କା କ୍ୟୁବିକ୍ ମିଟର ପିଛା ମୂଲ୍ୟ ରଖାଯାଉ ବୋଲି ଦାବି କରିଛନ୍ତି। ଉକ୍ତ ଖଣିର ନିଲାମରେ ଭାଗ ନେଇଥିବା ସମସ୍ତ ସଦସ୍ୟମାନଙ୍କୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି କି ବର୍ଦ୍ଧିତ ମୂଲ୍ୟରେ ନିଲାମ ନେଲେ ଟାପଙ୍ଗ ଏବଂ ତାହାର ଆଖପାଖ ଅଞ୍ଚଳରେ ଥିବା ୩୭୬ କ୍ରସରକୁ କଞ୍ଚାମାଲ ବର୍ଦ୍ଧିତ ଦରରେ ନେଇ ଚଳାଇ ହେବ ନାହିଁ ଏବଂ କ୍ରସର ବନ୍ଦ ହେବ। ଫଳରେ ଅଞ୍ଚଳର ବେକାର ସମସ୍ୟା ବୃଦ୍ଧି ପାଇବା ସହିତ ହଜାର ହଜାର ଶ୍ରମିକ ରୋଜଗାରରୁ ବଞ୍ଚିତ ରହିବେ। ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ କ୍ରସର ଶିଳ୍ପ ଉପରେ ନିର୍ଭର କରୁଥିବା ବ୍ୟବସାୟୀମାନଙ୍କ ଆର୍ଥିକ ଅବସ୍ଥା ସଙ୍କଟାପନ୍ନ ହେବା ସମ୍ଭାବନା ମଧ୍ୟ ରହିଛି ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଏଣୁ ନିଲାମରେ ଭାଗନେଇଥିବା ବ୍ୟକ୍ତିମାନେ ଆଞ୍ଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ସହ ଯୋଗାଯୋଗ କରି ବର୍ଦ୍ଧିତ ଦରକୁ ପ୍ରତ୍ୟାହାର କରିବା ପାଇଁ ସରକାର ନିକଟରେ ଦାବି ଉପସ୍ଥାପନା କରିବାକୁ ଅନୁରୋଧ କରାଯାଇଛି। ବର୍ଦ୍ଧିତ ଦରରେ କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିଲାମ ନେଲେ ତାକୁ ଆଞ୍ଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ତୀବ୍ର ବିରୋଧ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି।

## ପୁରୀ ଜିଲ୍ଲା ବିଭାଗସ୍ତରୀୟ ପ୍ରଧାନଆଚାର୍ଯ୍ୟ କାର୍ଯ୍ୟଶାଳା



**ଅସ୍ତରଙ୍ଗ,୧୩।୭/ଏନ୍‌ଏନ୍‌ଏସ୍:** କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ପୁରୀ ଜିଲ୍ଲା ବିଭାଗସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ଓ ବିଷୟସ୍ତର ପ୍ରମୁଖ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିକାଶ ସମିତି ଓଡିଶା ପୂର୍ବ ଭୁବନେଶ୍ୱରର ସମ୍ଭାଗ ସଂଯୋଜକ ଶିରିଶ କୁମାର ହାତୀ, ବିଭାଗ ପ୍ରମୁଖ ନୃସିଂହ ଚରଣ ମିଶ୍ର ଓ ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ କୁମାର ଦାଶ କାର୍ଯ୍ୟଶାଳାକୁ ଉଦ୍‌ଘାଟନ କରିଥିଲେ। ପୁରୀଜିଲ୍ଲା ରେ ଭାରତୀ କୃଷ୍ଣ ଗଣିତ ପ୍ରତିଭା ଓ ପ୍ରାଦେଶିକ ମେଧା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ଭାଇ ଭଉଣୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କିଶୋର ପୃଷ୍ଟି, ସମ୍ପାଦକ, ପ୍ରଭାକର ଖୁଣ୍ଟିଆ, କୋଷାଧକ୍ଷ ସୂର୍ଯ୍ୟ ନାରାୟଣ ଜେନାଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନାଚାର୍ଯ୍ୟ ତନ୍ମୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମିଳା ମହାରଣା, ଅନ୍ନଦା କୁମାର ବେହେରା, ଗୀତାଞ୍ଜଳି ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମାମାନେ ଏଥିରେ ସହଯୋଗ କରିଥିଲେ।

## ନୀଳମାଧବ ବିଦ୍ୟାପୀଠର ୭୫ତମ ପ୍ରତିଷ୍ଠା ଦିବସ



**କଣ୍ଟିଲୋ,୧୩।୭/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ସ୍ଥିତ ନୀଳମାଧବ ବିଦ୍ୟାପୀଠର ୭୫ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ସକାଳ ଆଠଟାରେ ଗ୍ରାମ ପରିକ୍ରମା କରି ନୀଳମାଧବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ବିଦ୍ୟାଳୟକୁ ଫେରି ଛାତ୍ରମାନଙ୍କ ଦ୍ୱାରା ସାଜସଜ୍ଜା ହୋଇଥିବା ଶ୍ରେଣୀଗୃହରେ କେକ୍ କାଟି ପରସ୍ପର ମଧ୍ୟରେ ଖୁସି ପାଳିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଆଜିର ଇତିହାସ

- ୧୬୩୬-ମୋଗଲ୍ ବାଦଶାହ ଔରଙ୍ଗଜେବଙ୍କୁ ଦକ୍ଷିଣର ଭାଇସ୍‌ରାୟ ନିଯୁକ୍ତ କରାଯାଇଥିଲା।
- ୧୮୫୬-ସାମାଜିକ କାର୍ଯ୍ୟକର୍ତ୍ତା ଗୋପାଳ ଗଣେଶ ଆଗରକର ଜନ୍ମଗ୍ରହଣ କରିଥିଲେ।
- ୧୯୪୨-ନବମ ଲୋକସଭା ସଦସ୍ୟ କେ.କାଳୀମୁତ୍ତୁଙ୍କ ଜନ୍ମଦିନ।
- ୧୯୬୯-ଜୟପୁରରେ ମାଲ୍‌ଗାଡ଼ି ଓ ଯାତ୍ରୀଗାଡ଼ି ମଧ୍ୟରେ ଟକ୍କର ହୋଇ ୮୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ।
- ୧୯୭୫-ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ମଦନ ମୋହନଙ୍କ ନିଧନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - କୌଣସି କଥାରେ ଚିନ୍ତିତ ଥିଲେ ସମାଧାନ ବାହାର କରିବେ। ଲୋକଙ୍କ କଥାରେ ଚିନ୍ତିତ ରହିବେ। ବିଦ୍ୟାର୍ଥୀମାନେ ପାଠପଢ଼ାକୁ ନେଇ ଉତ୍ସାହିତ ରହିବେ। ଦିନଟି ଆପଣଙ୍କ ପାଇଁ ଶୁଭଦାୟକ।

**ବୃଷ** - ପରିଶ୍ରମ ଯୋଗୁ ଆଗକୁ ବଢ଼ିବେ। ପିଲାମାନଙ୍କ ସହିତ ସମୟ ବିତେଇବେ। ବିବାହ ସ୍ଥିର ହୋଇପାରେ। ସମୟ ପୂର୍ବରୁ କାମ ପୂରା ହେବ। ମନ ପ୍ରସନ୍ନ ରହିବ। ବାହାରେ ଖାଆନ୍ତୁ ନାହିଁ।

**ମିଥୁନ** - ଦିନଟି ଶାନ୍‌ଦାର ରହିବ। ବ୍ୟକ୍ତିଗତ ଜୀବନର ଦାୟିତ୍ୱ ନିର୍ବାହନ କରିବେ। ରାଜନୀତିଜ୍ଞଙ୍କୁ ସମର୍ଥନ ମିଳିବ। କାମର ପ୍ରଶଂସା ପାଇବେ। ଦାମ୍ପତ୍ୟ ଜୀବନରେ ସୁଖ ସୌହାର୍ଦ୍ଦ୍ୟ ବୃଦ୍ଧି ହେବ।

**କର୍କଟ** - ଦିନଟି ଖୁସିରେ ବିତିବ। କାମର ଗତି ଧିମା ରହିବ। ମିତ୍ରଙ୍କ ସହିତ ସମ୍ପର୍କ ମଧୁର ହେବ। ତ୍ୟାଗ ଓ ସହଯୋଗର ଭାବନା ରହିବ। ପାରିବାରିକ ପରିବେଶ ଆନନ୍ଦମୟ ରହିବ।

**ସିଂହ** - ଦିନଟି ବ୍ୟବସାୟୀମାନଙ୍କ ପାଇଁ ଲାଭଦାୟକ ହେବ। ବୈବାହିକ ଜୀବନରେ ଆପଣାପଣ ବଢ଼ିବ। ଟ୍ରାନ୍ସଫର ଚିନ୍ତା ଦୂର ହେବ। ଆର୍ଥିକ ସ୍ଥିତି ମଜବୁତ ହେବ।

**କନ୍ୟା** - ଦିନଟି ଭଲରେ ବିତିବ। ବାଣୀରେ କଠୋରତା ରହିବ। ଅନ୍ୟ ପ୍ରତି ସ୍ନେହ ଭାବ ବଜାୟ ରହିବ। ପେଟ ସମସ୍ୟା ପାଇଁ ଚିନ୍ତିତ ରହିବେ। ଆୟର ନବୀନ ସୋର୍ସ ମିଳିବ।

**ତୁଳା** - କୌଣସି ମହତ୍ତ୍ୱପୂର୍ଣ୍ଣ ଚର୍ଚ୍ଚାରେ ସାମିଲ ହେବାର ଅବସର ପାଇବେ। ପ୍ରିୟ ମିତ୍ର ବିଶେଷ ବିଷୟକୁ ନେଇ କଥାବାର୍ତ୍ତା ହେବେ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ରହିବ।

**ବିଛା** - ମିଶ୍ରିତ ଫଳାଫଳ ପାଇବେ। ସାଙ୍ଗମାନେ ମନୋବଳ ବୃଦ୍ଧି କରେଇବେ। କାର୍ଯ୍ୟ ଯୋଜନାକୁ ପୂର୍ଣ୍ଣ କରିବାରେ ସଫଳ ହେବ। ଜମିବାଡ଼ି ସହିତ ଜଡ଼ିତ କାମ ଆଗକୁ ବଢ଼ିବ।

**ଧନୁ** - ଦିନଟି ସୁଖ, ଶାନ୍ତିରେ ଭରି ରହିବ। ପୁତ୍ରପକ୍ଷ ଦ୍ୱାରା ସହଯୋଗ ପାଇବେ। ସମ୍ପର୍କରେ ମିଠାସ୍ ରହିବ। ନିର୍ମାଣ କାର୍ଯ୍ୟ ଶୀଘ୍ର ପୂରା ହେବ। ରାଜନୀତି ସହିତ ଜଡ଼ିତ ଲୋକଙ୍କ ପ୍ରଭାବ ବଢ଼ିବ।

**ମକର** - ଦିନଟି ଶାନ୍‌ଦାର ରହିବ। ସବୁ ସମସ୍ୟାର ଅନ୍ତ ହେବ। ସଫଳତାର ନୂଆ କିରଣ ଦେଖାଦେବ। ଆର୍ଥିକ କ୍ଷେତ୍ରରେ ବିକାଶ ଯୋଗ ରହିଛି। ସମୟ ଆପଣଙ୍କ ସହିତ ରହିଛି। ଘନିଷ୍ଠତା ବଢ଼ିବ।

**କୁମ୍ଭ** - ଦିନଟି ଉତ୍ତମ ରହିବ। ଗୋଟିଏ ଗୋଟିଏ କାମ ପୂରା କରିବେ। କାରବାରରେ ସୁଖଦ ପରିବର୍ତ୍ତନ ଆସିବ। ଆୟ ବୃଦ୍ଧି ହେବ। ମାତାପିତାଙ୍କ ଦାୟିତ୍ୱ ଉଠାଇବେ। ଆର୍ଥିକ ସ୍ଥିତି ମଜବୁତ ହେବ।

**ମୀନ** - ଦିନଟି ବଢ଼ିଆ ରହିବ। ବିଶେଷ ଲୋକଙ୍କ ଆଗମନ ହୋଇପାରେ। ଏଥିପାଇଁ ବ୍ୟସ୍ତ ରହିବେ। ସୌଖୀନ ଲୋକମାନେ ଆଗକୁ ବଢ଼ିବେ। ବୈବାହିକ ଜୀବନରେ ଖୁସି ଆସିବ।

## ଶ୍ରୀମଦ୍ ଭଗବଦ୍‌ଗୀତା

ଯଦ୍‌ଯଦ୍‌ବିଭୂତିମତ୍‌ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା।
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଶସଂଭବମ୍। (୧୦/୪୧)
ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜୁନ।
ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍। (୧୦/୪୨)

ଭଗବାନ କହିଲେ - ଯାହା ଯାହା ଐଶ୍ୱର୍ଯ୍ୟଯୁକ୍ତ, ଶ୍ରୀଯୁକ୍ତ କିମ୍ବା ପ୍ରଭାବଶାଳୀ ସେସବୁ ମୋର ଶକ୍ତିର ଅଂଶରୁ ଉତ୍ପନ୍ନ ହେଇଛି ବୋଲି ତୁମେ ଜାଣ। ଅଥବା ହେ ଅର୍ଜୁନ! ଅଧିକ ଜାଣିବାରେ ତୁମର କି ପ୍ରୟୋଜନ? ଏହା ଜାଣିରଖ ଯେ, ମୁଁ ଏହି ସମସ୍ତ ଜଗତକୁ ଏକାଂଶରେ ମାତ୍ର ଧାରଣ କରି ରହିଅଛି। କହିବାର ଅର୍ଥ ହେଲା - ଏହି ପରିଦୃଶ୍ୟମାନ ଜଗତ ତାଙ୍କର ହିଁ ମହିମା ମାତ୍ର। ସେ ଏହି ମହିମାରୁ କିନ୍ତୁ ଶ୍ରେଷ୍ଠ। ତିନି କାଳର ସମସ୍ତ ଜୀବ ତାଙ୍କର ଏକପାଦ ମାତ୍ର। ତାଙ୍କର ଅବଶିଷ୍ଟ ତିନିପାଦ ସ୍ୱ- ପ୍ରକାଶ ଅବିନାଶୀ ରୂପରେ ଅବସ୍ଥିତ ଅଛି।

ଶ୍ରୀ ରାମକୃଷ୍ଣ କହନ୍ତି - କିଏ ସାମଗ୍ରିକ ଭାବରେ ଈଶ୍ୱରଙ୍କୁ ଜାଣିପାରିବ? ସେହି ଶକ୍ତି ଓ ସୁବିଧା ସେ ଆମକୁ ଦେଇନାହାନ୍ତି। ଆମେ ତାଙ୍କର ଅସୀମତାକୁ ଜାଣିପାରିବାନି। ଆମର ସୀମିତ ବୋଧଶକ୍ତି ଅନୁସାରେ ଆମେ କେବଳ ଜାଣନ୍ତି ଯେ ସେ ହିଁ ବାସ୍ତବ ଓ ପରମ ସତ୍ୟ। ମନେକର ଜଣେ ଗଙ୍ଗାରେ ସ୍ନାନ କରିବାକୁ ଚାହେଁ। ଗଙ୍ଗୋତ୍ରୀରୁ ଗଙ୍ଗସାଗର ପର୍ଯ୍ୟନ୍ତ ଗଙ୍ଗା ପ୍ରବାହିତ। ଜଣେ ଗଙ୍ଗାର ଉତ୍ପତ୍ତି ସ୍ଥଳରୁ ସମୁଦ୍ରରେ ପଡିବା ପର୍ଯ୍ୟନ୍ତ ଜୀବକୁ ହେବନାହିଁ। ଗଙ୍ଗାର ଯେକୌଣସି ସ୍ଥାନରେ ସ୍ନାନ କଲେ ଗଙ୍ଗା ସ୍ନାନ ହୋଇଥାଏ। ତୁମେ ଜାଣିଛ କି ବ୍ରହ୍ମଙ୍କର ଦିବ୍ୟ ଗୁଣସବୁ କ'ଣ? ଏହା ଏକ ବିଶାଳ ଜଳାଶୟ ଯେଉଁଥିରେ ଉଠୁଛି ଅସଂଖ୍ୟ ଢେଉ, ଲହଡି, ବୁଦ୍‌ବୁଦ, ଫେଣ ଇତ୍ୟାଦି କେତେ କ'ଣ। ଚିତ୍ତ-ଆକାଶ କିମ୍ବା ଅନନ୍ତ ଚେତନାରେ କେତେ ରୂପ, କେତେ ନାମ ଆବିର୍ଭୂତ ଓ ଅନ୍ତର୍ହିତ ହେଉଛି। ତାଙ୍କୁ ବି ଉପଲବ୍ଧି କରିହୁଏ। ଏପରିକି ଅବତାରମାନେ ଏମନ୍ତ ଅନନ୍ତ ଚୈତନ୍ୟ ପାରାବାରରୁ ଉତ୍ପତ୍ତି ହୁଅନ୍ତି।



## ରୁପା ଜିନିଷରୁ ଲାଭ

ପିଲାଟିର ନାମକରଣ କରିବା ସମୟରେ ତାକୁ ରୁପାରେ ତିଆରି ଅନେକ ଜିନିଷ ଉପହାରରେ ମିଳିଥାଏ କିମ୍ବା ଘର ଲୋକମାନେ ତାକୁ ପିନ୍ଧାଇ ଥାଆନ୍ତି। ଏପରି କରିବା ପଛରେ ରହିଛି କିଛି କାରଣ। ଆମ ସନାତନ ଧର୍ମରେ ପିଲାଟିକୁ ରୁପାର ଜିନିଷ ପିନ୍ଧେଇବାକୁ ଶୁଭ ବୋଲି ସମସ୍ତେ ମାନନ୍ତି। ତେବେ ରୁପାର ସମ୍ପର୍କ ସବୁବେଳେ ରହିଛି ଚନ୍ଦ୍ର ସହିତ। ଏହି କାରଣରୁ ପିଲାର ଶାରୀରିକ ଓ ମାନସିକ ସ୍ତରରେ ଅନେକ ପ୍ରକାରର ପ୍ରଭାବ ପଡ଼ିଥାଏ। ରୁପା ଜିନିଷ ପିନ୍ଧିବାର ଲାଭ ବିଷୟରେ ଜାଣିଲେ ଆପଣ ମଧ୍ୟ ନିଜ ପିଲାକୁ ରୁପାରେ ତିଆରି କଡ଼ା, ଚୁଡ଼ି କିମ୍ବା ଚେନ୍ ଆଦି ପିନ୍ଧାଇବାକୁ ଚାହିଁବେ।



- ପିଲାଟିଏ ରୁପାର ଜିନିଷ ପିନ୍ଧିଲେ ତା'ର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। ଯଦି ଆପଣଙ୍କର ପିଲା ପାଣିପାଗ ପରିବର୍ତ୍ତନ ଯୋଗୁ ବେମାର ପଡୁଛି ତେବେ ତାକୁ ରୁପା ଜିନିଷ ପିନ୍ଧେଇଲେ ଲାଭ ମିଳିବ।
- ରୁପାରେ କୁଲିଂ ପ୍ରପର୍ଟିଜ୍ ଥାଏ ଯେଉଁ କାରଣରୁ ପିଲାଙ୍କୁ ରୁପା ଜିନିଷ ପିନ୍ଧେଇବା ଉଚିତ। ଏହା ବ୍ୟତୀତ ରୁପା ଶରୀରର ରକ୍ତ ସଞ୍ଚାରକୁ ଦ୍ରୁତତର କରାଏ। ପିଲାକୁ ଯଦି ଅଧିକ ଗରମ କିମ୍ବା ଥଣ୍ଡା ଲାଗୁଥାଏ ତେବେ ରୁପାରେ ତିଆରି ଯେକୌଣସି ଜିନିଷ ନିଶ୍ଚିତ ଭାବରେ ପିନ୍ଧେଇବା ଉଚିତ।
- ପିଲା ଯଦି ଚାପଗ୍ରସ୍ତ ରହୁଥାଏ ତେବେ ତା'ର ଆଖପାଖରେ ନକାରାତ୍ମକ ଉର୍ଜା ରହୁଥିବ। ତେଣୁ ଛୋଟ ପିଲାଙ୍କୁ ରୁପା ଜିନିଷ ପିନ୍ଧେଇବା ଉଚିତ। ଏହା ଦ୍ୱାରା ପିଲାର ହୃଦୟ ଓ ମସ୍ତିଷ୍କ ଶାନ୍ତ ରହେ। ଏହା ସହିତ ଖରାପ ନଜରରୁ ପିଲାଟିକୁ ରକ୍ଷା ମିଳେ।

## ବୋଲବମ୍ ଯାତ୍ରା



ଆଜି ଶ୍ରାବଣ ମାସର ପ୍ରଥମ ସୋମବାର। ମହାଦେବଙ୍କ ଭକ୍ତମାନେ ପ୍ରସ୍ତୁତି ଆରମ୍ଭ କଲେଣି ପାଣିଭାର ନେଇ ଯିବା ପାଇଁ। ମହାଦେବଙ୍କୁ ଜଳାଭିଷେକ କରିବେ କାଉଡ଼ିଆମାନେ। ଶ୍ରାବଣ ମାସ ମହାଦେବଙ୍କ ପ୍ରିୟ ମାସ। ଏହି ମାସରେ ଭକ୍ତିର ସହିତ ପୂଜା ଓ ଉପବାସ କଲେ ମହାଦେବ ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ଏଥିପାଇଁ ଭକ୍ତମାନେ କାଉଡ଼ିଆ ସାଜି ପାଣିଭାର ନେଇ ବିଭିନ୍ନ ଶିବାଳୟକୁ ଜଳାଭିଷେକ କରିବାକୁ ଯାଇଥାଆନ୍ତି। ଏହା ପୂର୍ବରୁ ସେମାନଙ୍କୁ ବିଭିନ୍ନ ନିଷ୍ଠା, ନୀତିନିୟମ ପାଳନ କରିବାକୁ ହୋଇଥାଏ। ଖାଲିପାଦରେ ଚାଲି ଚାଲି ବୋଲ୍‌ବମ୍, ହର ହର ମହାଦେବ, ଭୋଲେ ବାବା ପାର କରେଗା ଆଦି ନାରା ଦେଇ ସେମାନେ ରାସ୍ତାରେ ଚାଲିଥାଆନ୍ତି। ତେବେ କାଉଡ଼ିଆ ଯାତ୍ରାକୁ ନେଇ ଅନେକ ପୌରାଣିକ କଥା ରହିଛି। ଏକ ପୌରାଣିକ ମାନ୍ୟତା ଅନୁସାରେ ଭଗବାନ ପର୍ଶୁରାମ କାଉଡ଼ିଆ ଯାତ୍ରା ଆରମ୍ଭ କରିଥିଲେ। ଉତ୍ତରପ୍ରଦେଶର ବାଗପତ ଜିଲ୍ଲା ନିକଟସ୍ଥ ମହାଦେବ ମନ୍ଦିରରେ ଜଳ ଅର୍ପଣ କରିବା ପାଇଁ ସେ ଗର୍ଭମୁକ୍ତେଶ୍ୱରରୁ ଗଙ୍ଗା ଜଳ ଆଣିଥିଲେ। ସେବେଠାରୁ ଏହି ପରମ୍ପରା ଆରମ୍ଭ ହୋଇଛି ବୋଲି ମାନ୍ୟତା ରହିଛି। ଅନ୍ୟ ଏକ ମାନ୍ୟତା ଅନୁସାରେ ସମୁଦ୍ର ମନ୍ଥନ ସମୟରେ ହଳାହଳ ବିଷ ବାହାରିଥିଲା ଯାହା ସମ୍ପୂର୍ଣ୍ଣ ସୃଷ୍ଟିକୁ ବିନାଶ ଆଡ଼କୁ ନେଇ ଯାଉଥିଲା। ସେତେବେଳେ ଭଗବାନ ଶିବ ଏହି ବିଷକୁ ପାନ କରି ନିଜ କଣ୍ଠରେ ଧାରଣ କରିଥିଲେ ଯେଉଁଥି ପାଇଁ ତାଙ୍କୁ ନୀଳକଣ୍ଠ ବୋଲି କୁହାଯାଏ। ଭଗବାନ ଶିବଙ୍କ ଏହି ତ୍ୟାଗ, ଏହି ତପକୁ ଶାନ୍ତ କରିବା ପାଇଁ ଦେବତା ଓ ଋଷିମାନେ ତାଙ୍କୁ ଗଙ୍ଗାଜଳ ଅର୍ପଣ କରିଥିଲେ ଯେପରି ବିଷର ତୀବ୍ରତା ଶୀତଳ ହେବ। ଏହି ଗଙ୍ଗାଜଳ ଅର୍ପଣର ପରମ୍ପରା ଆଜି ବୋଲ୍‌ବମ୍ ଯାତ୍ରାର ରୂପ ନେଇଛି।

ଏହି ପରମ୍ପରା ବିଷୟରେ ପ୍ରାଚୀନ ପୌରାଣିକ ଗ୍ରନ୍ଥଗୁଡ଼ିକରେ ମଧ୍ୟ ଉଲ୍ଲେଖ ରହିଛି। କିନ୍ତୁ ଜନ ସହଯୋଗ ଭାବରେ ଏହାର ବିକାଶ ମଧ୍ୟକାଳରୁ ହୋଇଛି ବୋଲି କୁହାଯାଏ। ଭକ୍ତ ତୁଳସୀଦାସ ଓ ସୁରଦାସ ନିଜର ଭଜନ ଓ କାବ୍ୟଗୁଡ଼ିକରେ ଏହାର ଉଲ୍ଲେଖ କରିଛନ୍ତି। ପୂର୍ବରୁ ଗ୍ରାମ ଓ ଛୋଟ ସହରଗୁଡ଼ିକରେ ଶାନ୍ତିପୂର୍ବକ ଭାବରେ ବୋଲ୍‌ବମ୍ ପରମ୍ପରାର ପାଳନ କରାଯାଉଥିଲା କିନ୍ତୁ ବିଂଶ ଶତାବ୍ଦୀରେ ଏହା ଏକ ସଂଗଠିତ ଓ ଉତ୍ସାହପୂର୍ଣ୍ଣ ରୂପ ନେଇଥିଲା।

## ବିଦେଶୀ ଫଳ କିନ୍ତୁ ଦେଶୀ ପରିଚୟ

କେବେ କେବେ ଫଳଗୁଡ଼ିକ କେବଳ ଫଳ ଭାବରେ ବ୍ୟବହୃତ ନହୋଇ ବ୍ୟାପାରର ନୌକାରେ ସବାର ହୋଇଯାଆନ୍ତି। ଏଗୁଡ଼ିକ ଭାଷାର ବଜାରରେ ଅତିକ୍ରମ କରନ୍ତି ଓ ସଭ୍ୟତାର ଥାଳିରେ ପରଷା ଯାଆନ୍ତି। ଭାରତ ଭୂମିକୁ ଯେତେବେଳେ ବିଦେଶୀ ଫଳଗୁଡ଼ିକ ଆସିଲେ କିଛି ଫଳର ନାମ ପରିବର୍ତ୍ତନ ହୋଇଗଲା। କିଛି ଫଳର ସ୍ୱାଦ ପରିବର୍ତ୍ତନ ହେଲା ଓ କିଛି ବିନା ପରିବର୍ତ୍ତନରେ ଆପଣାପଣ ପାଇଗଲେ। କିଛି ଫଳର ନାମ ପରିବର୍ତ୍ତନ ହେଲେ ମଧ୍ୟ ଆତ୍ମା ସେହିପରି ବିଦେଶୀ ହୋଇ ରହିଗଲା। ଏହିପରି କେତେକ ଫଳ ବିଷୟରେ ଜାଣିବା।



**ଡ୍ରାଗନ୍ ଫ୍ରୁଟ୍**-ବାହାରୁ କଣ୍ଟାଦାର ଓ ଭିତର ପାର୍ଶ୍ୱ ଗୋଲାପି କିମ୍ବା ଧଳା ନରମ ମଞ୍ଜି ଥିବା ଏହି ଫଳଟି ସ୍ୱାସ୍ଥ୍ୟବର୍ଦ୍ଧକ, ଆକର୍ଷଣୀୟ ଓ ରହସ୍ୟମୟ। ଗୁଜୁରାଟରେ ଏହାକୁ 'କମଲମ୍' ବୋଲି କୁହାଯାଏ। ଏହାର ନାମ ପରିବର୍ତ୍ତନ କରି ତତ୍କାଳୀନ ଦିବଂଗତ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ୨୦୨୧ରେ 'କମଲମ୍' ନାମ ଦେଇଥିଲେ। ଏହା କେବଳ ନାମ ପରିବର୍ତ୍ତନ ନଥିଲା, ଏକ ସାଂସ୍କୃତିକ ସନ୍ଦେଶ ମଧ୍ୟ ଥିଲା।



**ପିଜୁଳି**- ପିଜୁଳି ପ୍ରତି ଲୋକମାନଙ୍କର ଦୁର୍ବଳତା ରହିଛି। ମେକ୍ସିକୋ ଓ ପେରୁରୁ ଆମ ଦେଶକୁ ଆସିଥିଲା ପିଜୁଳି। ବର୍ତ୍ତମାନ ପିଜୁଳି କୌଣସି ଦିଗରେ ବି ଆଉ ବିଦେଶୀ ହୋଇ ରହିନାହିଁ। ଏହି ଖଟା-ମିଠା ଫଳଟି ଏବେ ସମ୍ପୂର୍ଣ୍ଣ ଭାବରେ ଦେଶୀ ମାନ୍ୟତା ପାଇସାରିଛି।



**କିୱି**- କିୱି, ଚୀନ୍‌ଠାରେ ଜନ୍ମଗ୍ରହଣ ହୋଇ ନ୍ୟୁଜିଲ୍ୟାଣ୍ଡରେ ପାଳିତ ହୋଇଥିଲା ଓ ଏବେ ଆମ ଦେଶର ଫଳ ଟୋକେଇରେ ସମ୍ମାନର ସହିତ ରହୁଛି। ଏହି ସବୁଜ ରଙ୍ଗର ଚମତ୍କାର ଫଳଟି ଯାହାର ନାମ ପରିବର୍ତ୍ତନ ହୋଇନାହିଁ କିନ୍ତୁ ଏହା ଲୋକମାନଙ୍କର ଚିନ୍ତାଧାରାରେ ପରିବର୍ତ୍ତନ ଆଣିଛି। ନାମ ବିଦେଶୀ କିନ୍ତୁ ସ୍ୱୀକାର୍ଯ୍ୟତା ସମ୍ପୂର୍ଣ୍ଣ ଭାବରେ ଭାରତୀୟ।



**ସପୁରି**- ସଂସ୍କୃତ ଶବ୍ଦ 'ନାନସ୍'ରୁ ହିନ୍ଦୀରେ ଏହାର ନାମ ଦିଆଯାଇଛି 'ଅନାନସ୍'। ଫ୍ରେଞ୍ଚ, ସ୍ପାନିଶ, ରୁଷୀ ସମସ୍ତେ ଏହାକୁ ନିଜ ଢ଼ଙ୍ଗରେ ଆପଣାଇଛନ୍ତି। ଇଂରାଜୀରେ ଏହାକୁ ପାଇନ୍‌ଆପ୍ପଲ୍ କୁହାଯାଏ। ଆମ ଦେଶରେ ଏହାକୁ ସହଜତାରେ ଗ୍ରହଣ କରାଯାଇଛି।



**ଅମୃତଭଣ୍ଡା**-ଏହା ଦକ୍ଷିଣ ଆମେରିକାରୁ ଆସିଛି କିନ୍ତୁ ଆମ ଦେଶର ରଙ୍ଗରେ ଏହା ଏପରି ରଙ୍ଗିନ ହୋଇଗଲା ଯେ ଏବେ ଅମୃତଭଣ୍ଡା ସ୍ୱାସ୍ଥ୍ୟଜନିତ ଭିଡିଓଗୁଡ଼ିକର ଅଂଶବିଶେଷ ହୋଇ ରହିଛି।



**କମଳା**-ୟୁରୋପ୍‌ର ଅରେଞ୍ଜ ସ୍ୱାଦରେ ମିଠା, ନାମରେ ସଂସ୍କାରୀ। କମଳା ବା ଅରେଞ୍ଜ ସ୍କୁଲ୍ ଟିଫିନ୍ ଠାରୁ ଆରମ୍ଭ କରି ରୋଗୀର ଖାଦ୍ୟ ଭାବରେ ସବୁ ସ୍ଥାନରେ ଉପଯୋଗରେ ଆସୁଛି।

କିନ୍ତୁ କଦଳୀ କଥା ଯଦି କହିବା ଏହା ମୂଳତଃ ଭାରତୀୟ ଯାହାକୁ ପୂର୍ବ-ଭାରତରେ ଅଧିକ ଲୋକ ଆପଣାଇଛନ୍ତି। ପୂଜାରେ, ପ୍ରସାଦ ଭାବରେ, ଗରିବର ଥାଳିରେ, ମନ୍ଦିର, ଘର ଆଦିରେ କଦଳୀ ହେଉଛି ଏକମାତ୍ର ଫଳ ଯାହା ପରିପୂର୍ଣ୍ଣତା ହାସଲ କରିଛି। ତେବେ ଏହା ମଧ୍ୟ ସତ ଯେ କିଛି ଜିନିଷ ଏତେ ମୌଳିକ ହୋଇଥାନ୍ତି ଯେ ସେଗୁଡ଼ିକୁ ସମୟ ମଧ୍ୟ ଛୁଇଁପାରେ ନାହିଁ।

## ଫେରିବେ ଶୁଭାଂଶୁ

ଭାରତୀୟ ଅନ୍ତରୀକ୍ଷ ମିଶନରେ ଏକ ଐତିହାସକ ମୁହୂର୍ତ୍ତ ଯୋଡ଼ି ହେବାକୁ ଯାଉଛି। ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଅନ୍ତଃରାଷ୍ଟ୍ରୀୟ ସ୍ପେସ୍ ଷ୍ଟେସନକୁ ଯାଇଥିବା ପ୍ରଥମ ଭାରତୀୟ ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି। ଏକ ସଫଳ ମିଶନ ପରେ ପୃଥିବୀକୁ ଫେରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ଶୁଭାଂଶୁ। ଏହି ମିଶନର ନାମ ରଖାଯାଇଛି ଆକାଶ ଗଙ୍ଗା। ଏଥିରେ ଶୁଭାଂଶୁଙ୍କ ସହିତ ତିନି ଜଣ ଅନ୍ୟ ଚାଳକ ଦଳର ସଦସ୍ୟ ୨୫ ଜୁନ୍‌ରେ ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରରୁ ଯାତ୍ରା ଆରମ୍ଭ କରିଥିଲେ। ଯଦି ପାଗ ଅନୁକୂଳ ରହିବ ତେବେ ଡ୍ରାଗନ୍ କ୍ୟାପ୍‌ସୁଲ୍ ଗ୍ରେସ୍ ୧୫ ଜୁଲାଇରେ ପାଣିରେ ସୁରକ୍ଷିତ ଲ୍ୟାଣ୍ଡ କରିବ। ଭାରତୀୟ ସମୟାନୁସାରେ ଲ୍ୟାଣ୍ଡିଂର ସମୟ ରହିବ ୧୫ ଜୁଲାଇ ଅପରାହ୍ନ ୩ଟାରେ। ତେବେ ୧୪ ଜୁଲାଇ ସନ୍ଧ୍ୟା ୪.୩୦ରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ଅଲଗା ହୋଇଯିବ। ଏହାପରେ ପୃଥିବୀର ଉପର ଅର୍ବିଟ୍‌ରେ କିଛି ମ୍ୟାନୁଭର୍ସ ପରେ ସ୍ପେସ୍ କ୍ରାଫ୍ଟଟି କାଲିଫର୍ଣ୍ଣିଆ ଠାରେ ପ୍ରଶାନ୍ତ ମହାସାଗର କୂଳରେ ଲ୍ୟାଣ୍ଡ କରିବ। ଇସ୍ରୋର ଫ୍ଲାଇଟ୍ ସର୍ଜନ, ଶୁଭାଂଶୁଙ୍କ ସ୍ୱାସ୍ଥ୍ୟ ଓ ମନୋବୈଜ୍ଞାନିକ ସ୍ଥିତିଗୁଡ଼ିକ ଉପରେ ଦୃଷ୍ଟି ରଖିଛନ୍ତି। ଏହି ରିପୋର୍ଟ ଅନୁସାରେ ଶୁଭାଂଶୁଙ୍କ ସ୍ୱାସ୍ଥ୍ୟ ଖୁବ୍ ଭଲ ଅଛି ଓ ତାଙ୍କର ମନୋବଳ ବେଶ୍ ଦୃଢ଼। ଏହି ସ୍ପେସ୍‌କ୍ରାଫ୍ଟଟି ୫୮୦ ପାଉଣ୍ଡରୁ ଅଧିକ ଜିନିଷ ନେଇ ଆସିବ ଯେଉଁଥିରେ ନାସାର ହାର୍ଡୱେର ଓ ୬୦ରୁ ଅଧିକ ପ୍ରୟୋଗର ଡାଟା ସାମିଲ୍ ଅଛି। ଏହି ପ୍ରୟୋଗଗୁଡ଼ିକୁ କମ୍ ମାଧ୍ୟାକର୍ଷଣ ଶକ୍ତିରେ କରାଯାଇଛି ଯେଉଁଗୁଡ଼ିକ ପୃଥିବୀରେ ନୂଆ ଟେକ୍‌ନିକ୍ ଓ ଔଷଧଗୁଡ଼ିକୁ ବିକଶିତ କରିବାରେ ସାହାଯ୍ୟ କରିବେ।




## ଭିଲେନ୍ ଭୂମିକାରେ ତବୁ

ବଲିଉଡ୍‌ରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରି ନିଜର ପ୍ରତିଭାର ପରିଚୟ ଦେଇଥିବା ଅଭିନେତ୍ରୀମାନଙ୍କ ମଧ୍ୟରେ ତବୁଙ୍କ ନାମ ସାମିଲ ଅଛି। ରୋମାଣ୍ଟିକ ଭୂମିକାରୁ ଆରମ୍ଭ କରି ନେଗେଟିଭ୍ ଚରିତ୍ରରେ ତବୁଙ୍କୁ ଦେଖିବାକୁ ମିଳିଛି। ଯେକୌଣସି ଚରିତ୍ରରେ ତବୁ ସହଜରେ ଢ଼ଳି ଯାଆନ୍ତି। ଏବେ ତବୁଙ୍କୁ ନେଇ ଆସିଛି ଏକ ନୂଆ ଖବର। ପୁଣି ଥରେ ଭିନ୍ନ ଅନ୍ଦାଜରେ ନଜର ଆସିବେ ତବୁ। କିଛି ଦିନ ପୂର୍ବରୁ ତବୁ, ପୁରୀ ଜଗନ୍ନାଥଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମରେ ବିଜୟ ସେତୁପତିଙ୍କ ସହିତ ସ୍କ୍ରିନ୍ ସେୟାର୍ କରିବେ ବୋଲି କୁହାଯାଉଥିଲା। ଏଥିରେ ନେଗେଟିଭ୍ ଚରିତ୍ରରେ ତବୁ ନଜର ଆସିବେ। ନିର୍ମାତାମାନେ ଏ ବିଷୟରେ କୌଣସି ଆଧିକାରିକ ଘୋଷଣା କରି ନଥିଲେ ମଧ୍ୟ ତବୁ ଏହା ପୂର୍ବରୁ ଅନେକ ଥର ବଡ଼ ପରଦାରେ ଭିଲେନ୍ ଭୂମିକାରେ ନଜର ଆସିସାରିଛନ୍ତି। ଏଥିରେ ମକବୁଲ୍, ଫିତୁର, ହାଇଦର ଓ ଅନ୍ଧାଧୂନ୍ ପରି ଫିଲ୍ମ ସାମିଲ ଅଛନ୍ତି। ଏସବୁ ଫିଲ୍ମରେ ତବୁଙ୍କ ଚରିତ୍ରକୁ ଖୁବ୍ ପସନ୍ଦ କରିଛନ୍ତି ଦର୍ଶକମାନେ। ତେବେ ପୁରୀ ଜଗନ୍ନାଥଙ୍କ ଏହି ଶୀର୍ଷକବିହୀନ ଫିଲ୍ମଟି ଏକ ପ୍ୟାନ୍ ଇଣ୍ଡିଆ ଫିଲ୍ମ ହେବ। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ତବୁ ପ୍ରିୟଦର୍ଶନଙ୍କ ହରର୍ - କମେଡି 'ଭୂତ୍ ବଙ୍ଗଲା'ର ପ୍ରସ୍ତୁତି କରୁଛନ୍ତି। ଏଥିରେ ତାଙ୍କ ସହିତ ଅଛନ୍ତି ଅକ୍ଷୟ କୁମାର, ଯୀଶୁ ସେନ ଗୁପ୍ତା ଓ ୱାମିକା ଗବ୍ବୀ। ଏମାନଙ୍କ ସହିତ କମେଡିର ତଡକା ଦେବା ପାଇଁ କାଷ୍ଟ୍‌ରେ ଅଛନ୍ତି ପରେଶ ରାୱଲ୍, ରାଜପାଲ୍ ଯାଦବ ଓ ଆସରାନୀ। ଫିଲ୍ମଟି ଆସନ୍ତା ବର୍ଷ ୨ ଏପ୍ରିଲ୍‌ରେ ରିଲିଜ ହେବାର ଅଛି।



## ବାସ୍ତୁ ଟିପ୍‌ସ: ଦକ୍ଷିଣ ଦିଗ ଓ ସାତଟି ଘୋଡ଼ା

ବାସ୍ତୁ ଶାସ୍ତ୍ର ଅନୁସାରେ ଜୀବନରେ ଉନ୍ନତି ଓ ସୌଭାଗ୍ୟ ପ୍ରାପ୍ତି ପାଇଁ ଦୌଡୁଥିବା ସାତଟି ଘୋଡ଼ାର ଫଟୋ ଲଗେଇବା ବହୁତ ଶୁଭ ହୋଇଥାଏ। ଯଦି ଆପଣ ଘରେ କିମ୍ବା ଅଫିସ୍‌ରେ ଦୌଡୁଥିବା ଘୋଡ଼ାଙ୍କର ଫଟୋ ଲଗେଇବେ ଏହା କାମକୁ ଗତି ପ୍ରଦାନ କରିବ। ଦୌଡୁଥିବା ଘୋଡ଼ା ସଫଳତା ଓ ପ୍ରଗତିର ପ୍ରତୀକ। ଏହିପରି ଘୋଡ଼ାଙ୍କୁ ବ୍ୟବସାୟିକ ଦୁନିଆରେ ଶକ୍ତିର ପ୍ରତୀକ ଭାବରେ ମାନନ୍ତି। ଏହି ଘୋଡ଼ାଙ୍କ ଫଟୋ ରଖିଲେ ସମସ୍ତ ମନୋକାମନା ପୂର୍ଣ୍ଣ ହୁଏ। ଏହା ସହିତ ଘରର ସଦସ୍ୟମାନଙ୍କର ପରସ୍ପର ସହିତ ପ୍ରେମ ଭାବନା ରହେ ଓ ଉନ୍ନତି ହୁଏ। ସାତଟି ଘୋଡ଼ାଙ୍କ ଫଟୋ ଲଗେଇବା ପାଇଁ ସବୁଠାରୁ ଭଲ ସ୍ଥାନ ଘରର ଡ୍ରଇଂ ରୁମ୍। କିନ୍ତୁ ଏହାକୁ ଝରକା ପାଖରେ କିମ୍ବା ମୁଖ୍ୟ ଦ୍ୱାର ସମ୍ମୁଖରେ ଲଗେଇବା ଉଚିତ ନୁହେଁ। ଏଥିପାଇଁ ଦକ୍ଷିଣ ଦିଗ ହେଉଛି ସର୍ବୋତ୍ତମ ଓ ଏହି ଦିଗ ସଫଳତାର ପ୍ରତିନିଧିତ୍ୱ କରେ। ଦକ୍ଷିଣ ଦିଗ ସାତଟି ଘୋଡ଼ାଙ୍କ ଫଟୋ ପାଇଁ ଅନୁକୂଳ କାରଣ ଏହି ଦିଗଟି ଧନ ଆଗମନର କାରଣ ହୋଇଥାଏ। ଚିତ୍ର ବ୍ୟତୀତ ବ୍ୟାପାରିକ ଲାଭ ପାଇଁ ଦୋକାନରେ ତମ୍ବା, ପିତ୍ତଳ ବା ରୁପାରେ ନିର୍ମିତ ଘୋଡ଼ାର ମୂର୍ତ୍ତି ବି ରଖିପାରିବେ। ତେବେ ସମୁଦ୍ର କୂଳରେ ଦୌଡୁଥିବା ସାତଟି ଘୋଡ଼ାର ଫଟୋ ପୂର୍ବ ଦିଗରେ ଲଗାଇଲେ କ୍ୟାରିୟର୍‌ରେ ଉନ୍ନତି ହେବ ଓ ଅଟକିଥିବା କାମକୁ ଗତି ମିଳିବ। ପ୍ରଗତି କ୍ଷେତ୍ରରେ ମଧ୍ୟ ଏହା ସହାୟକ ହୋଇଥାଏ। ଘରେ ଘୋଡ଼ାର ଫଟୋ ଲଗାଇଲେ ସୁଖ-ସମୃଦ୍ଧି ଆସିଥାଏ। ଏଠାରେ ଲକ୍ଷ୍ମୀଙ୍କର ସ୍ଥାୟୀ ନିବାସ ମଧ୍ୟ ହୋଇଥାଏ। ନକାରାତ୍ମକ ଉର୍ଜାକୁ ଦୂର କରି ଏହା ସକାରାତ୍ମକ ଉର୍ଜା ଓ ବିଚାରଗୁଡ଼ିକୁ ଏହା ସୃଜନ କରିଥାଏ। ହିନ୍ଦୁ ଧର୍ମ ଓ ବାସ୍ତୁ ଶାସ୍ତ୍ରରେ ସାତ ଅଙ୍କକୁ ବହୁତ ଶୁଭ ବୋଲି ସମସ୍ତେ ମାନନ୍ତି। ସପ୍ତ ଋଷି, ଇନ୍ଦ୍ରଧନୁର ସାତ ରଙ୍ଗ, ସାତ ଫେରେକୁ ଶୁଭ ସଂକେତ ଭାବରେ ଗ୍ରହଣ କରାଯାଏ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ସୋର,୧୩।୭/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ଅନନ୍ତପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ନକୁଳ ଚରଣ କରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ କର ଅନନ୍ତପୁର ପଣ୍ଡାହରିପୁରସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉପ୍ରା ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ଗ୍ରାମବାସୀ, ଅଧ୍ୟୟନରତ ଛାତ୍ରଛାତ୍ରୀ ଓ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଏକ ଶୋଭାଯାତ୍ରାରେ ଆସି ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଏକ ବିଦାୟ ସଭା ଆୟୋଜନ କରିଥିଲେ। ଏଥିରେ ଭରତ ଚନ୍ଦ୍ର ସେନାପତି, ବିପଦ ଭଞ୍ଜନ ପଣ୍ଡା, ଉର୍ମିଳା ଶିଅଳ, ଶତ୍ରୁଘ୍ନ ସେନାପତି, ପ୍ରମୋଦ କୁମାର ମହାରଣା, ନିତ୍ୟାନନ୍ଦ କର, ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ କୁମାର କର, ସୁଧାଂଶୁ ଶେଖର କର, ଭୀମ ଚରଣ କର ଓ ଜଗନ୍ନାଥ ଶଙ୍ଖୁଆ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସରୋଜ କୁମାର କର ଧନ୍ୟବାଦ ଦେଇଥିଲେ।

## ଆଳିରେ ବନ୍ୟା

# ହନ୍ତସନ୍ତ ଅଞ୍ଚଳବାସୀ, ଅଚିନ୍ତାରେ ବ୍ଲକ୍ ପ୍ରଶାସନ

### ପ୍ରଶାସନ ପକ୍ଷରୁ ହେଲାନି ଡଙ୍ଗାର ବ୍ୟବସ୍ଥା

### ବେସରକାରୀ ଡଙ୍ଗାରେ ପାର ହେଉଛନ୍ତି ଯାତ୍ରୀ

### ଜିଲ୍ଲାପରିଷଦ ସଭ୍ୟଙ୍କ ବନ୍ୟାଞ୍ଚଳ ପରିଦର୍ଶନ



**ଆଳି,୧୩।୭/ଏନ୍‌ଏନ୍‌ଏସ୍:** ଗତ ୪ ଦିନ ହେବ ଆଳି ଅଞ୍ଚଳରେ ପ୍ରବାହିତ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସି ଆଳି ଧୋୟାଞ୍ଚଳର ୧୦ଟି ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ଲୋକମାନେ ୩ ଦିନ ହେବ ପାଣି ଘେରରେ ଥିବା ବେଳେ ସେମାନଙ୍କ ନିକଟରେ ଏପର୍ଯ୍ୟନ୍ତ ପ୍ରଶାସନ ପହଞ୍ଚିନି। ପ୍ରଶାସନର ଏଭଳି ଉଦାସୀନତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରିକି ବନ୍ୟା ସମୟରେ ବ୍ଲକ୍ ପ୍ରଶାସନ ପକ୍ଷରୁ ମାନପୁର ଘୋଷରା ନିକଟରେ ଲୋକଙ୍କ ଯାତାୟତ ନିମନ୍ତେ ଡଙ୍ଗା ବ୍ୟବସ୍ଥା କରାଯାଉଥିବା ବେଳେ ଚଳିତ ବର୍ଷ ୩ ଦିନ ହେବ ବନ୍ୟାଜଳ ମୁଖ୍ୟରାସ୍ତା ଉପରେ ପ୍ରବାହିତ ହେଉଥିଲେ ମଧ୍ୟ ଡଙ୍ଗାର ବ୍ୟବସ୍ଥା କରାଯାଇ ନାହିଁ। ସେଥିପାଇଁ ବେସରକାରୀ ଭାବେ କିଛି ଡଙ୍ଗା ଚାଳକ ୫୦ ଟଙ୍କା ଲେଖାଏଁ ନେଇ ଲୋକଙ୍କୁ ପାର୍ କରୁଛନ୍ତି। ହେଲେ ଲୋକମାନେ ବିପଦସଙ୍କୁଳ ଅବସ୍ଥାରେ ଲଦାଲଦି ହୋଇ ଯାତାୟତ କରୁଥିବା ଦେଖିବାକୁ ମିଳିଛି।

ପ୍ରକାଶଥାଉକି ଖରସ୍ରୋତା ନଦୀରେ ବନ୍ୟା ଆସି ଧୋୟାଞ୍ଚଳକୁ ଆଳି ସହିତ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ଏବେ ୩ ଫୁଟ୍‌ରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ଉକ୍ତ ଅଞ୍ଚଳର ପେଟପଡ଼ା, ସଂସିଧା ଓ ଠାକୁର ପାଟଣା ଅଞ୍ଚଳ ଅଧିକ ପ୍ରଭାବିତ ହୋଇଥିବା ବେଳେ ଅନ୍ୟ ପଞ୍ଚାୟତର ଶତାଧିକ ଘର ପାଣି ଘେରରେ ରହିଛି। ବନ୍ୟା ଯୋଗୁ ନଳକୂପ ବୁଡ଼ିଯିବାରୁ ପାଣି ପାଇଁ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ କିମ୍ବା ପାନୀୟଜଳର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଲୋକମାନେ ବନ୍ୟା ପୂର୍ବରୁ ଯାହା କିଛି ଖାଦ୍ୟ ଓ ପାନୀୟଜଳ ସଂଗ୍ରହ କରିଥିଲେ ତାହା ଶେଷ ହୋଇଗଲାଣି। ସେମାନଙ୍କ ନିକଟରେ ଜୋନ୍ ଜିଲ୍ଲାପରିଷଦ ସଭ୍ୟା କନକଲତା ବେହେରା ପେଟପଡ଼ା ପଞ୍ଚାୟତ ଗସ୍ତ କରି ବନ୍ୟା ପ୍ରପୀଡ଼ିତଙ୍କ ସମସ୍ୟା ପଚାରି ବୁଝିଛନ୍ତି। ସେହିପରି ବ୍ରାହ୍ମଣୀରେ ବନ୍ୟା ଆସି ପତ୍ରପୁର, ନରେନ୍ଦ୍ରପୁର ଓ କୋଳିଡ଼ିହ ପଞ୍ଚାୟତର ଅନେକ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ପ୍ରଶାସନର ଅବହେଳା ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନି।

# ତିହିଡ଼ି ଥାନା ପୁଲିସ ବିରୁଦ୍ଧରେ ଏସ୍‌ପିଙ୍କୁ ଫେରାଦ୍

### ନ୍ୟାୟ ନମିଳିଲେ ଅନଶନ ଚେତାବନୀ



**ଭଦ୍ରକ,୧୩।୭/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଓରାଳି ଗ୍ରାମର ଏକ ପରିବାର ମରଣାନ୍ତକ ଆକ୍ରମଣର ଶିକାର ହେବା ନେଇ ତିହିଡ଼ି ଥାନାରେ ଅଭିଯୋଗ କରିଥିଲା। ମାତ୍ର ପୁଲିସ ପଦକ୍ଷେପ ନ ନେବାରୁ ପରିବାର ଏସ୍‌ପିଙ୍କୁ ଭେଟି ତିହିଡ଼ି ପୁଲିସ ବିରୁଦ୍ଧରେ ଅଭିଯୋଗ କରିବା ସହିତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି।

ଓରାଳି ଗ୍ରାମର ଗାୟତ୍ରୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୯ ତାରିଖରେ ଉକ୍ତ ଗ୍ରାମର ଦୁର୍ଯ୍ୟୋଧନ ବେହେରା, ସୁନିତା ବେହେରା ଓ ଜୟନ୍ତୀ ବେହେରା ଅନ୍ୟକିଛି ଲୋକଙ୍କ ସହିତ ମିଶି ପୂର୍ବ ଶତ୍ରୁତା କାରଣରୁ ଗାୟତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗାୟତ୍ରୀ ଗୁରୁତର ଆହତ ହୋଇ ଭଦ୍ରକ ମେଡିକାଲ୍‌ରେ ଭର୍ତ୍ତି ହେବାସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଗୋଟିଏ ପଟେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ ଅନ୍ୟପଟେ ଅଭିଯୁକ୍ତମାନେ ଖୁଲମ୍‌ଖୁଲା ବଜାରରେ ଘୁରି ବୁଲିବା ସହ ପୀଡ଼ିତାଙ୍କ ପରିବାରକୁ ନାନା ପ୍ରକାର ଧମକ ଦେଉଛନ୍ତି। ଏନେଇ ତିହିଡ଼ି ଥାନାକୁ ଅବଗତ କରାଯାଇଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଗାୟତ୍ରୀ ଆଜି ପରିବାର ସହିତ ଏସ୍‌ପି ମନୋଜ ରାଉତଙ୍କୁ ଭେଟି ତିହିଡ଼ି ପୁଲିସର ଟାଳଟୁଳ ନୀତି ବିରୁଦ୍ଧରେ ଅବଗତ କରାଇବା ସହିତ ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ନ୍ୟାୟ ନମିଳିଲେ ଆଗାମୀ ଦିନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

# ଗ୍ୟାରେଜ୍‌ରେ ନିଶା କାରବାର

**ଯୋଡ଼ା,୧୩।୭/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବନେଇକଳାର ଏକ ଗାଡ଼ି ଗ୍ୟାରେଜ୍‌ରେ ନିଶା କାରବାର ଚାଲିଥିବା ବେଳେ ଯୋଡ଼ା ପୁଲିସ ଚଢ଼ଉ କରି ୬ ଜଣଙ୍କୁ ଅଟକ ରଖିଛି।

ଉକ୍ତ ଗ୍ୟାରେଜ୍‌ରେ ଗାଡ଼ି କାମ କରିବା ବାହାନାରେ ନିଶା କାରବାର ଚାଲି ଆସୁଥିଲା। ରବିବାର ଅଚାନକ ପୁଲିସ ଟିମ୍ ପହଞ୍ଚି କାରବାରରେ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଥାନାକୁ ନେଇଥିଲେ। ଏହାସହ ଯେଉଁ ବୋଲେରୋ ଗାଡ଼ିରେ ପଡ଼ୋଶୀ ଝାଡ଼ଖଣ୍ଡରୁ ନିଶା ବେପାରୀମାନେ ନିଷିଦ୍ଧ ସିରପ୍ କୋରେକ୍ସ ଆଣି ବେପାର କରୁଥିଲେ ତାକୁ ମଧ୍ୟ ଜବତ କରାଯାଇଛି। ତେବେ ଉକ୍ତ ଘଟଣାର ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ଯାଞ୍ଚ ଜାରି ରଖିଛି।

# 'ଆପଣ ଏକା ନୁହଁନ୍ତି' ଟ୍ରଷ୍ଟ ପକ୍ଷରୁ କିଡ୍‌ନୀ ରୋଗୀଙ୍କୁ ସହାୟତା



**ସୋର,୧୩।୭/ଏନ୍‌ଏନ୍‌ଏସ୍:** ସୋର ପୌରାଞ୍ଚଳ ୧୩ ନମ୍ବର ୱାର୍ଡର ଇଟୁଆ ଗ୍ରାମର ବାବାଜୀ ନାୟକଙ୍କ ଏକମାତ୍ର ରୋଜଗାରିଆ ପୁଅ ସିଦ୍ଧାନ୍ତ ନାୟକ(୨୮) ବାହାର ରାଜ୍ୟରେ ରହି କାମ କରିବା ସହ ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଗତ ୪ ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବର୍ତ୍ତମାନ ଶଯ୍ୟାଶାୟୀ ଅବସ୍ଥାରେ ଅଛନ୍ତି। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ପରିବାର ଲୋକେ ଅସମର୍ଥ ପ୍ରକାଶ କରିଥିଲେ। ପରେ ସିଦ୍ଧାନ୍ତ ସିମୁଳିଆ ଅଞ୍ଚଳର ଯୁବ ସମାଜସେବୀ ଅଜୟ ମହାନ୍ତିଙ୍କୁ ସୋସିଆଲ୍ ମିଡିଆ ଦ୍ୱାରା ନିଜ ଦୁଃଖ ଜଣାଇବାରୁ ସିମୁଳିଆର ଅଗ୍ରୀଣ ସ୍ୱେଚ୍ଛାସେବୀ ସଂଗଠନ 'ଆପଣ ଏକା ନୁହଁନ୍ତି' ଟ୍ରଷ୍ଟ ତାଙ୍କ ଘରେ ପହଞ୍ଚି ଏକ ମାସର ରାସନ ସମାଗ୍ରୀ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ଗୋପମଣି ପଣ୍ଡା, ବରିଷ୍ଠ ଉପଦେଷ୍ଟା ଶିବାନନ୍ଦ ପାଢ଼ୀ, ଗଦାଧର ଜେନା, ମଧୁସ୍ମିତା ମିଶ୍ର, ମଧୁସ୍ମିତା ବାରିକ, ବଳରାମ ସାହୁ, ଗୌତମ ଶିଅଳ, ରଞ୍ଜିତ ବେହେରା, ମାନସ କୁମାର ସାହୁ, ନିହାର ରଞ୍ଜନ ଶିଅଳ ଓ କାଳିପ୍ରସାଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲ୍ ଓଡ଼ିଶା ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍ପ୍ଲୋଇଜ୍ ୟୁନିଅନ୍‌ର କାର୍ଯ୍ୟନିର୍ବାହୀ ବୈଠକ




**କେନ୍ଦୁଝର,୧୩।୭/ଏନ୍‌ଏନ୍‌ଏସ୍:** ଅଲ୍ ଓଡ଼ିଶା ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍ପ୍ଲୋଇଜ୍ ୟୁନିଅନ୍‌ର କାର୍ଯ୍ୟନିର୍ବାହୀ ବୈଠକ ସଚ୍ଚିଦାନନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ପ୍ରାନ୍ତର କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଉପସ୍ଥିତ ରହି ବୈଠକକୁ ସଫଳ କରିବା ସହ ଆଗାମୀ ସମୟରେ ବ୍ୟାଙ୍କ କର୍ମଚାରୀଙ୍କ ନ୍ୟାଯ୍ୟ ଦାବିକୁ କିପରି କର୍ତ୍ତୃପକ୍ଷ ପୂରଣ ଓ ସମାଧାନ କରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ବିବରଣୀ ଲିପିବଦ୍ଧ କରିଥିଲେ। ସମ୍ପାଦକ ପ୍ରବୀର କୁମାର ଘୋଷ ବିବରଣୀ ପ୍ରଦାନ କରିବା ସହ ବିଗତ ବୈଠକର ବିବରଣୀର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ଜୟପ୍ରକାଶ ସିଂହ, ଉପସାଧାରଣ ସମ୍ପାଦକ ଅକ୍ଷୟ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ସଞ୍ଜୟ କୁମାର ସାହୁ ପ୍ରମୁଖ ବୈଠକ ସଞ୍ଚାଳନ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସର୍ବସମ୍ମତି ଭାବେ ବ୍ୟାଙ୍କ ସୁପରିଚାଳନା ପାଇଁ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି, ବ୍ୟାଙ୍କ କର୍ମଚାରୀ, ବ୍ୟାଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସହ ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ୟୁନିଅନ୍ ମାଧ୍ୟମରେ ସୂଚନା ପ୍ରଦାନ କରି ତୁରନ୍ତ କାର୍ଯ୍ୟକାରୀ ପାଇଁ ଦାବି କରାଯାଇଥିଲା। ଅକ୍ଷୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଚିନ୍ମୟ ମିଶନ୍ ପକ୍ଷରୁ ରକ୍ତଦାନ ଶିବିର




**ବାରିପଦା,୧୩।୭/ଏନ୍‌ଏନ୍‌ଏସ୍:** ଚିନ୍ମୟ ମିଶନ୍ ଆନୁକୂଲ୍ୟରେ ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସଭାପତି ବିଜୟ ଲେଙ୍କା, ଶିକ୍ଷାବିତ୍ ତରୁଣ ଓଝା, ସୋମନାଥ ସିଂହ, ହୃଦାନନ୍ଦ ଆଚାର୍ଯ୍ୟ, ଉପଦେଷ୍ଟା ଶ୍ରୀଧର ପରିଡ଼ା ଦୀପ ଓ ଶକୁନ୍ତଳା ପାଲ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଭାରିତୀ ହାଁସଦା, ଅବସରପ୍ରାପ୍ତ ନର୍ସିଂ ନିର୍ଦ୍ଦେଶକ ଡଃ ପ୍ରାଣକୃଷ୍ଣ ବେହେରା, ଅବସରପ୍ରାପ୍ତ ଆୟକର ଅଧିକାରୀ ତପନ ପଟ୍ଟନାୟକ, ସାମ୍ବାଦିକ ସଞ୍ଜୟ ଚୌଧୁରୀ, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ଅମର ସେଠୀ, କେଡିପି ଅନୁଷ୍ଠାନର ଗୌରବ ମୋଦୀ, ବିକ୍ରମ କେଶରୀ ଜେନା, ବିଶିଷ୍ଟ ଆଇନଜୀବୀ ବିଶ୍ୱଜିତ୍ ମହାନ୍ତି, ପ୍ରଦୀପ ଭଞ୍ଜ, ସମ୍ପଦ ଦାସ, ଯୋଗଗୁରୁ ରାକେଶ ମହାନ୍ତ, ନିମ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ବିଦ୍ୟାଧର ସାହୁ, ମା' ତୁଳସୀ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ରଞ୍ଜିତା ଦଳେଇ, ଡା. ସୁନନ୍ଦନ ମିଶ୍ର ଓ ତାପସ ଦଳେଇ ଉପସ୍ଥିତ ରହି ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାମୀ ବିବେକାନନ୍ଦ ସ୍କୁଲ୍‌ର ଅଧ୍ୟକ୍ଷ ଶିକ୍ଷାବିତ୍ ବୀଣା ଦାସ, ସାମ୍ବାଦିକ ତଥା ସମାଜସେବୀ ଦୀପକ ନାୟକ ଓ ପିପିପି ଟ୍ରଷ୍ଟର ପ୍ରତିଷ୍ଠାତା ଡା. ଅକ୍ଷୟ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ବୃକ୍ଷରୋପଣ କରଯାଇଥିଲା। ଚିନ୍ମୟ ମିଶନର ସମ୍ପାଦକ ଅଜିତ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଷ୍ଣୁପଦ ବେରା, ସବ୍ୟସାଚୀ ପଲେଇ, ଦେବରାଜ ବାସ୍କେ, ସୁରଜ ପାଣି, ରବିରାମ ପ୍ରଜାପତି, ରାମେଶ୍ୱର ପୁଥାଲ୍ , ବିଶ୍ୱକର୍ମା ଡାକୁଆ, ମମତା ରାଣୀ ତ୍ରିପାଠୀ, ଦିବ୍ୟଜ୍ୟୋତି ତ୍ରିପାଠୀ, କଲ୍ୟାଣୀ ଆଚାର୍ଯ୍ୟ ଓ ସଞ୍ଜିତ କୁମାର ଦାଶଙ୍କ ସମେତ ୩୫ ଜଣ ରକ୍ତଦାନ କରିଥିଲେ। ସୁରେଶ୍ୱରୀ ମହାନ୍ତି, କ୍ରିଷ୍ଣା ଘୋଷ, ଜୟନ୍ତୀ ଲେଙ୍କା, ଇନ୍ଦିରା ଜେନା ଓ ପଙ୍କଜିନୀ ଦାଶଙ୍କ ସମେତ ସଚ୍ଚିଦାନନ୍ଦ ଗୁରୁକୁଳର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବୈଶିଙ୍ଗା,୧୩।୭/ଏନ୍‌ଏନ୍‌ଏସ୍:** ବୈଶିଙ୍ଗା ଥାନା କେନ୍ଦୁଆ ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଲ୍ଲି ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଜୟନ୍ତ କୁମାର ପଣ୍ଡା ଜୁନ୍‌ରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସେବାନିବୃତ୍ତ ଅବସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ପ୍ରତିଷ୍ଠାତା ଲମ୍ବୋଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗଦେଇ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କରେ ଦୀର୍ଘ ବର୍ଷ ଧରି ସେବା ପ୍ରଦାନ ପରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଶୂନ୍ୟ ହସ୍ତରେ ବିଦ୍ୟାଳୟରୁ ବିଦାୟ ନେଉଥିବାରୁ ସରକାର ଏହି ବିଷୟ ଉପରେ କୃପାଦୃଷ୍ଟି ଦେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। କେନ୍ଦୁଆ ସମିତିସଭ୍ୟ ଶ୍ରୀଧର ପଣ୍ଡିତ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟି ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ନଅ ଧାଡ଼ିଆ ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ



**କେନ୍ଦୁଝର,୧୩।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଇକ୍ରିସାଟ୍, ହାଇଦ୍ରାବାଦ୍‌ର ମିଳିତ ଉଦ୍ୟମରେ ପରିଚାଳିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ ମାଧ୍ୟମରେ 'ଓଡ଼ିଶାର ଢିପ ଜମିରେ ପୁଷ୍ଟିଶସ୍ୟ ଚାଷର ବିକାଶ' ଚାଲିଛି। ଏହି ପ୍ରକଳ୍ପ ଅଧୀନରେ ରାଜ୍ୟର ୫ଟି ଜିଲ୍ଲା କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡ଼ା, ନବରଙ୍ଗପୁର ଓ କୋରାପୁଟରେ ପୁଷ୍ଟି ଶସ୍ୟ ଚାଷର ବିକାଶ ନିମନ୍ତେ ଓୟୁଏଟି ଅଧିନସ୍ଥ ଆଞ୍ଚଳିକ ଗବେଷଣା କେନ୍ଦ୍ର ଓ ଇକ୍ରିସାଟ୍‌ର ଗବେଷକଙ୍କ ଦ୍ୱାରା ନୂତନ ପୁଷ୍ଟିଶସ୍ୟ କିସମର ଆବିଷ୍କାର, ଫସଲର ଅମଳ ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଗବେଷଣା ଚାଲିଛି। ସେହିପରି ଓୟୁଏଟି ଅଧିନସ୍ଥ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ଦ୍ୱାରା ପୁଷ୍ଟିଶସ୍ୟ ଚାଷ ନିମନ୍ତେ ବିକଶିତ ବିବିଧ କୃଷି ଯନ୍ତ୍ରପାତିର ଗବେଷଣା ଓ ସମ୍ପ୍ରସାରଣ ଦିଗରେ ମଧ୍ୟ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପ ଅଧୀନରେ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ୍‌ର ଜଗମୋହନପୁର ଗ୍ରାମରେ ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ, କେନ୍ଦ୍ର କୃଷି ବିଜ୍ଞାନ କେନ୍ଦ୍ର ଓ ବେସରକାରୀ ସଂସ୍ଥା ସେବକର ସହଯୋଗରେ ଏକ ଟ୍ରାକ୍ଟର୍ ଚାଳିତ ନଅ ଧାଡ଼ିଆ ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ବିଭାଗର ଅଧିକାରୀମାନେ ଚାଷୀଙ୍କ ପୁଷ୍ଟିଶସ୍ୟ ଚାଷଜନିତ ପ୍ରଶ୍ନର ଉତ୍ତର ରଖିଥିଲେ ଏବଂ ଯନ୍ତ୍ର କ୍ରୟ କରିବାର ପ୍ରକ୍ରିୟା ଓ ସରକାରୀ ରିହାତି ବିଷୟରେ ଆଲୋକପାତ କରିଥିଲେ। କୃଷି ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ଼ା ସୁଚରିତା ପ୍ରଧାନ, ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ରର ବୈଜ୍ଞାନିକ ଡ଼ା ପ୍ରଶାନ୍ତ କୁମାର ମାଝୀ, ବିଶ୍ୱବିଦ୍ୟାଳୟର ଗବେଷଣା ସହାୟକ ଇଂ ଋଷିକେଶ ସାହୁ, ଏଓ ଲତାପ୍ରିୟା ଆଚାର୍ଯ୍ୟ ଓ ଏପିସିର ଏସ୍‌ଏମ୍‌ଏସ୍ ସୁଭାଶିଷ ପାଣ୍ଡେଙ୍କ ସମେତ ଅନ୍ୟାନ୍ୟ ଅତିଥି ମଧ୍ୟ ଉପସ୍ଥିତ ଥିଲେ।

### ସୋର ନାଗରିକ ମଞ୍ଚର ସମୀକ୍ଷା ବୈଠକ

# ଫକୀରମୋହନ କଲେଜରେ ଛାତ୍ରୀ ନିର୍ଯାତନାକୁ ଦୃଢ଼ ନିନ୍ଦା



**ସୋର,୧୩।୭/ଏନ୍‌ଏନ୍‌ଏସ୍:** ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଶିକ୍ଷାବିତ୍ ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଫକୀମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର କର୍ତ୍ତୃପକ୍ଷ, ଅଧ୍ୟାପକଙ୍କ ନିର୍ଯାତନା ଓ ତାନାସାହି ଶାସନରେ ଅତିଷ୍ଠ ଇଣ୍ଟିଗ୍ରେଟେଡ୍ ବିଇଡି ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହାସହ ପୀଡ଼ିତା ଛାତ୍ରୀଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଘଟଣାରେ ସମ୍ପୃକ୍ତ ନିର୍ଯାତନାକାରୀଙ୍କ ଦରମାରୁ କାଟି ପ୍ରଦାନ କରାଯିବାକୁ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇଛି।

ସୋର ରେଳ ଷ୍ଟେସନ୍‌କୁ ଦୀର୍ଘ ବର୍ଷ ଧରି ଅମୃତ ଭାରତ ଯୋଜନାରେ ସାମିଲ କରାଯାଇଥିଲେ ମଧ୍ୟ ଜଳେଶ୍ୱର ଷ୍ଟେସନ୍ ତୁଳନାରେ ସୋର ଷ୍ଟେସନ୍‌ର ଉନ୍ନତି ଦିଗରେ ଖଡ଼ଗପୁର ଡିଭିଜନ୍‌ର ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକଙ୍କ ଅବହେଳା ମଞ୍ଚ ଅନୁଭବ କରୁଛି। ସୋର ଷ୍ଟେସନ୍‌ରୁ ଦୈନିକ ୧ ହଜାରରୁ ଅଧିକ ରେଳଯାତ୍ରୀ ଦୂରଦୁରାନ୍ତକୁ ଯାତାୟତ କରୁଥିବା ବେଳେ ରେଳ ବିଭାଗ ଲକ୍ଷାଧିକ ଟଙ୍କା ରାଜସ୍ୱ ସଂଗ୍ରହ କରୁଛନ୍ତି। ଦୀର୍ଘ ବର୍ଷରୁ ସୋର ଷ୍ଟେସନ୍‌ରେ ଅଧିକ ଦୂରଗାମୀ ଟ୍ରେନ୍ ରହଣି, ଦ୍ୱିତୀୟ ପାଦଚଲା ବ୍ରିଜ୍, କୋଚ୍ ଇଣ୍ଡିକେଟର୍, ରେଷ୍ଟସେଡ୍, ଯାତ୍ରୀଙ୍କ ବିଶ୍ରାମ କକ୍ଷ ଓ ଶୁଦ୍ଧ ପିଇବା ପାଣି ବ୍ୟବସ୍ଥା କରିବା ପାଇଁ ମଞ୍ଚ ଦାବି କରିଆସୁଛି। ଏଥିପ୍ରତି ଦକ୍ଷିଣ ପୂର୍ବ ରେଳ କର୍ତ୍ତୃପକ୍ଷଙ୍କ ଅଣଦେଖା ଓ ସୋର ଷ୍ଟେସନ୍ ଉପରେ ନିର୍ଭରଶୀଳ ଯାତ୍ରୀଙ୍କ ପ୍ରତି ସମ୍ପୂର୍ଣ୍ଣ ବୈମାତୃକ ନୀତି ବିରୁଦ୍ଧରେ ସମ୍ପୃକ୍ତ ଅଧିକାରୀଙ୍କୁ ଚରମ ପତ୍ର ସହ ଆନ୍ଦୋଳନକୁ ଓହ୍ଲାଇବାକୁ ସ୍ଥିର ହୋଇଛି। ସେହିପରି ସୋରରେ ନୂତନ ପିଡବ୍ଲ୍ୟୁଡି ଅଫିସ୍ ନିର୍ମାଣ ଓ ପୁରୁଣା ଅଫିସ୍‌କୁ ଭାଙ୍ଗି ଯାତାୟାତ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ଦୀର୍ଘ ଦିନ ଧରି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ନଦେବା ଯୋଗୁ ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବା ସହ ସୋର ଜନସାଧାରଣଙ୍କ ସହଯୋଗ ପାଇଁ ନିବେଦନ କରାଯାଇଛି। ଏହି ବୈଠକରେ ମଞ୍ଚର ସମ୍ପାଦକ ଡକ୍ଟର୍ ନରହରି ନାୟକ ଗତ ବୈଠକର ବିବରଣୀ ଉପାସ୍ଥପନ କରିଥିଲେ। ମାୟାଧର ନାୟକ, ନିତ୍ୟାନନ୍ଦ କର, ଗଙ୍ଗାଧର ପାଢ଼ୀ, ଉଦ୍ଧବ ଚରଣ ବିଶ୍ୱାଳ ଓ ମନୋଜ କୁମାର ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ବାସୁକୃଷ୍ଣ ମହାପାତ୍ର, ଅନାମ ପ୍ରସାଦ ବାରିକ,ସୁରେନ୍ଦ୍ର ପାଣିଗ୍ରାହୀ,ସୁରେନ୍ଦ୍ର ପ୍ରସାଦ ବେହେରା, ରଜନୀକାନ୍ତ ପାଣିଗ୍ରାହୀ, ଶ୍ରୀଧର ପତ୍ରି, କଟଚନ୍ଦ୍ର ବେହେରା, ମହେଶ୍ୱର ପଣ୍ଡା, ଖଗେନ୍ଦ୍ର ପ୍ରଧାନ,ଦିବାକର ଦଳେଇ ଓ ରବୀନ୍ଦ୍ର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଚେମେଇ ଦାସ ଧନ୍ୟବାଦ ଦେଇଥିଲେ।

# ଲର୍ଡ୍ସରେ ଇତିହାସ ରଚିଲା ଟିମ୍ ଇଣ୍ଡିଆ

## ଗୋଟିଏ ଟେଷ୍ଟ୍ ସିରିଜ୍‌ରେ ସର୍ବାଧିକ ଛକା



**ଲଣ୍ଡନ,୧୩।୭/ଏଜେନ୍ସି:** ଲର୍ଡ୍ସରେ ଖେଳାଯାଉଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ୍ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଛକାର ରେକର୍ଡ କରିଛି। ଏହି ମ୍ୟାଚ୍‌ର ଗୋଟିଏ ଇନିଂସ୍ ବାକି ଥିବାବେଳେ ସିରିଜ୍‌ରେ ଆଉ ଦୁଇଟି ମ୍ୟାଚ୍ ଖେଳାଯିବାର ଅଛି। ଇଂଲଣ୍ଡ ବିପକ୍ଷ ଏହି ସିରିଜ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ୍‌ମାନେ ବର୍ତ୍ତମାନ ସୁଦ୍ଧା ୩୬ ଛକା ହାସଲ କରିସାରିଛନ୍ତି। ଏହା କୌଣସି ଟେଷ୍ଟ୍ ସିରିଜ୍‌ରେ କୌଣସି ଟିମ୍ ପକ୍ଷରୁ ସର୍ବାଧିକ ଛକା। ଏହି ସିରିଜ୍‌ରେ ଏବେ ଆଉ ୧୦ ଇନିଂସ୍ ଖେଳାଯିବାର ଅଛି। ଭାରତ ପୂର୍ବରୁ ଏହି ରେକର୍ଡ ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ନାମରେ ଥିଲା। ୱେଷ୍ଟଇଣ୍ଡିଜ୍ ୧୯୭୪-୭୫ରେ ଭାରତ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୩୨ ଛକା ମାରିଥିଲା। ସେହିପରି ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ୨୦୧୪-୧୫ରେ ଆୟୋଜିତ ତିନି ଟେଷ୍ଟର ସିରିଜ୍‌ରେ ମଧ୍ୟ ଏପରି ଘଟିଥିଲା। ୟୁଏଇରେ ଖେଳାଯାଇଥିବା ସିରିଜ୍‌ରେ ପାକିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡ ଟିମ୍ ୩୨ ଛକା ଲଗାଇଥିଲା।

ଭାରତ ଚଳିତ ସିରିଜ୍‌ରେ ପାଞ୍ଚ ଇନିଂସ୍‌ରେ ୩୬ ଛକା ହାସଲ କରିଛି। ଏହା ମଧ୍ୟରୁ ୨୭ ଛକା ଋଷଭ ପନ୍ତ୍ ଓ ଶୁଭମନ୍ ଗିଲ୍‌ଙ୍କ ବ୍ୟାଟ୍‌ରୁ ଆସିଛି। ପନ୍ତ୍ ସିରିଜ୍‌ରେ ବର୍ତ୍ତମାନ ସୁଦ୍ଧା ପାଞ୍ଚ ଇନିଂସ୍‌ରେ ସର୍ବାଧିକ ୧୫ ଛକା ଲଗାଇଛନ୍ତି। ସେହିପରି ଗିଲ୍ ଚମତ୍କାର ବ୍ୟାଟିଂ କରି ୧୨ ଛକା ମାରିଛନ୍ତି। ସିରିଜ୍‌ରେ ଆଉ ପାଞ୍ଚ ଇନିଂସ୍ ଖେଳାଯିବାକୁ ଥିବାବେଳେ ଭାରତ ଏହି ରେକର୍ଡକୁ ଆହୁରି ବିଶାଳ କରିପାରେ।

### ହାରିଲେ ଡିଫେଣ୍ଡିଂ ଚାମ୍ପିଅନ୍ ଅଲ୍‌କାରାଜ୍

# ସିନର୍‌ଙ୍କୁ ପ୍ରଥମ ୱିମ୍ବଲଡନ୍ ଟାଇଟଲ୍



**ଲଣ୍ଡନ,୧୩।୭/ଏଜେନ୍ସି:** ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ୍ ସିନର୍ ପ୍ରଥମ ଥର ପାଇଁ ୱିମ୍ବଲଡନ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିଅନ୍ ହୋଇଛନ୍ତି। ଏହା ସହିତ ୱିମ୍ବଲଡନ୍ ଜିତିବାରେ ସେ ଇଟାଲୀର ପ୍ରଥମ ପୁରୁଷ ଖେଳାଳି ହୋଇଛନ୍ତି। ଏହା ସିନର୍‌ଙ୍କ ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍। ସେହିପରି ଗ୍ରାଣ୍ଡସ୍ଲାମ୍ ଫାଇନାଲ୍‌ରେ ଅଲ୍‌କାରାଜ୍‌ଙ୍କୁ ହରାଇବାରେ ସେ ପ୍ରଥମ ଖେଳାଳି ହୋଇଛନ୍ତି। ରବିବାର ସେଣ୍ଟର କୋର୍ଟରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ସିନର୍ ବିଶ୍ୱର ଦୁଇ ନମ୍ବର ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ୍ ସ୍ପେନ୍‌ର ଅଲ୍‌କାରାଜ୍‌ଙ୍କୁ ୪-୬, ୬-୪, ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ପ୍ରଥମ ସେଟ୍‌ରେ ପରାଜିତ ହେବା ପରେ ସିନର୍ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ଲଗାତାର ପରବର୍ତ୍ତୀ ତିନିଟି ସେଟ୍ ଜିତି ଟାଇଟଲ୍ ହାସଲ କରିଛନ୍ତି। ଏହି ପରାଜୟ ଫଳରେ ଦୁଇଥରର ଚାମ୍ପିଅନ୍ ଅଲ୍‌କାଜ୍‌ରାଙ୍କ ପଞ୍ଚମ ଖେଳାଳି ଭାବେ ଲଗାତାର ତୃତୀୟ ଥର ଟାଇଟଲ୍ ଜିତିବା ସ୍ୱପ୍ନ ଭଙ୍ଗ ହୋଇଛି।

### ଫିବା ମହିଳା ଏସିଆ କପ୍

# ବିଜୟରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ,୧୩।୭/ଏଜେନ୍ସି:** ଚୀନ୍‌ର ଶେନ୍‌ଝେନ୍‌ରେ ଚାଲିଥିବା ଫିବା ମହିଳା ଏସିଆ କପ୍ (ଡିଭିଜନ୍-ବି)ରେ ରବିବାର ଗ୍ରୁପ୍-ଏ'ର ପ୍ରଥମ ମ୍ୟାଚ୍‌ରେ କଜାଖସ୍ତାନକୁ ୮୫-୬୮ରେ ହରାଇ ଭାରତୀୟ ମହିଳା ବାସ୍କେଟ୍‌ବଲ୍ ଟିମ୍ ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ପୁଷ୍ପା ସେନ୍ଥିଲ୍ କୁମାର (୨୩ ପଏଣ୍ଟ), ଶ୍ରୀକଳା ରାଣୀ (୧୫ ପଏଣ୍ଟ) ଏବଂ ସତ୍ୟା କ୍ରିଷ୍ଣମୂର୍ତ୍ତି (୧୫ ପଏଣ୍ଟ) ଟପ୍ ସ୍କୋରର୍ ଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ସୋମବାର ଚୀନା ତାଇପେଇକୁ ଭେଟିବ। ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଆଠ ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହାର ବିଜେତା ଟିମ୍ ଡିଭିଜନ୍-ଏ'କୁ ଉନ୍ନୀତ ହେବ। ଭାରତ ପୂର୍ବରୁ ୨୦୧୭ରେ ଡିଭିଜନ୍-ବି ଟାଇଟଲ୍ ଜିତିଥିଲା। ତେବେ ୨୦୨୩ରେ ଟିମ୍ ଡିଭିଜନ୍-ଏ ଖେଳିପାରି ନଥିଲା।

## ରୋମାଞ୍ଚକର ମୋଡରେ ଲର୍ଡ୍ସ ଟେଷ୍ଟ୍

# ବିଜୟଠାରୁ ୧୩୫ ରନ୍ ଦୂରରେ ଭାରତ

**ଲଣ୍ଡନ,୧୩।୭/ଏଜେନ୍ସି:** ଭାରତ ଓ ଇଂଲଣ୍ଡ ମଧ୍ୟରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଉଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ୍ ମ୍ୟାଚ୍ ଚତୁର୍ଥ ଦିନ ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି। ରବିବାର ଚତୁର୍ଥ ଦିନ ୧୪ ୱିକେଟ୍‌ର ପତନ ଘଟିଛି। ଇଂଲଣ୍ଡ ଦ୍ୱିତୀୟ ଇନିଂସ୍‌ରେ ୧୯୨ ରନ୍ କରି ଅଲ୍‌ଆଉଟ୍ ହୋଇଛି। ଜବାବରେ ଭାରତ ଚତୁର୍ଥ ଦିନର ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସ୍‌ରେ ୪ ୱିକେଟ୍ ହରାଇ

**ଇଂଲଣ୍ଡ ଦ୍ୱିତୀୟ ଇନିଂସ୍ ୧୯୨ରେ ଶେଷ**

**ୱାଶିଂଟନ୍ ସୁନ୍ଦରଙ୍କୁ ୪ ୱିକେଟ୍**



୫୮ ରନ୍ କରିଛି। କେଏଲ୍ ରାହୁଲ ୩୩ ରନ୍‌ରେ ଅପରାଜିତ ରହିଛନ୍ତି। ଭାରତକୁ ବିଜୟ ପାଇଁ ପଞ୍ଚମ ତଥା ଅନ୍ତିମ ଦିନରେ ୧୩୫ ରନ୍‌ର ଆବଶ୍ୟକତା ଥିବାବେଳେ ହାତରେ ୬ଟି ୱିକେଟ୍ ରହିଛି।

୧୯୩ ରନ୍‌ର ଜବାବରେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଭାରତକୁ ଦ୍ୱିତୀୟ ଓଭର୍‌ରେ ପ୍ରଥମ ଝଟ୍‌କା ଲାଗିଥିଲା। ଓପ୍ନର୍ ଯଶସ୍ୱୀ ଜୟସ୍ୱାଲ୍ ଖାତା ଖୋଲିବା ପୂର୍ବରୁ ଜୋଫ୍ରା ଆର୍ଚର୍‌ଙ୍କ ବଲ୍‌ରେ ୱିକେଟ୍ ପଛରେ ଜେମି ସ୍ମିଥ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ସ୍କୋର୍‌ରେ ଆଉ ୩୬ ରନ୍ ଯୋଗହେବା ପରେ କରୁଣ ନାୟର (୧୪ ରନ୍) ବ୍ରାୟଡନ୍ କାର୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ପରେ ବ୍ୟାଟିଂ ପାଇଁ ଆସିଥିବା ଶୁଭମନ୍ ଗିଲ୍ ୬ ରନ୍‌ରେ କାର୍ସଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ଆସିଥିବା ଆକାଶ ଦୀପ୍ ୧ ରନ୍ କରି ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରେ କ୍ରିଜ୍‌ରେ ଜମି ରହିଥିବା କେଏଲ୍ ରାହୁଲ ୪୭ ବଲ୍‌ରେ ୬ ଚୌକା ସହାୟତାରେ ୩୩ ରନ୍ କରି ଅପରାଜିତ ରହିଛନ୍ତି।

ପୂର୍ବରୁ ୨ ରନ୍‌ର ସ୍କୋର୍‌ରୁ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୧୯୦ ରନ୍ ଯୋଗ କରିଥିଲା। ଚତୁର୍ଥ ଦିନର ପ୍ରଥମ ସେସନ୍‌ରେ ସିରାଜ୍ ଜ୍ୟାକ୍ କ୍ରଲି ଓ ଓଲି ପୋପ୍‌ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଡକେଟ୍ ୧୨ ଓ ପୋପ୍ ୫ ରନ୍ କରିଥିଲେ। ଏହାପରେ ଜ୍ୟାକ୍ କ୍ରଲିଙ୍କୁ ନୀତୀଶ ରେଡ୍ଡୀ ଜୟସ୍ୱାଲଙ୍କ ହାତରେ କ୍ୟାଚ୍ କରାଇଥିଲେ। କ୍ରଲି ୪୯ ବଲ୍‌ରେ ୨୨ ରନ୍ କରିଥିଲେ। ପ୍ରଥମ ସେସନ୍‌ରେ ଇଂଲଣ୍ଡକୁ ଆକାଶ ଦୀପ୍ ଚତୁର୍ଥ ଝଟ୍‌କା ଦେଇଥିଲେ। ସେ ହ୍ୟାରୀ ବ୍ରୁକ୍ (୨୩)ଙ୍କୁ ବୋଲ୍ଡ କରିଥିଲେ। ଦ୍ୱିତୀୟ ସେସନ୍‌ରେ ଭାରତୀୟ ବୋଲର୍‌ଙ୍କ ଦବ୍‌ଦବା ରହିଥିଲା। ୱାଶିଂଟନ୍ ସୁନ୍ଦର ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ। ସେ ପ୍ରଥମେ ଜୋ ରୁଟ୍‌ଙ୍କୁ ବୋଲ୍ଡ କରିଥିଲେ। ରୁଟ୍ ୯୬ ବଲ୍‌ରେ ଗୋଟିଏ ଚୌକା ସହାୟତାରେ ୪୦ ରନ୍ କରିଥିଲେ। ଏହାପରେ ଜେମି ସ୍ମିଥ୍ (୮)ଙ୍କୁ ମଧ୍ୟ ବୋଲ୍ଡ ଆଉଟ୍ କରିଥିଲେ।

ତୃତୀୟ ସେସନ୍‌ରେ ମଧ୍ୟ ସୁନ୍ଦରଙ୍କ ଜଲ୍‌ୱା ଦେଖିବାକୁ ମିଳିଥିଲା ଏବଂ ସେ ବେନ୍ ଷ୍ଟୋକ୍ସ (୩୩) ଓ ସୋଏବ୍ ବଶୀର୍ (୨)ଙ୍କୁ ବୋଲ୍ଡ କରି ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ କ୍ରିସ୍ ୱକ୍ସ (୧୦) ଓ ବ୍ରାୟଡନ୍ କାର୍ସ (୧)ଙ୍କୁ ଆଉଟ୍ କରି ବୁମ୍‌ରା ଇଂଲଣ୍ଡକୁ ୧୯୨ ରନ୍‌ରେ ରୋକିଥିଲେ। ଜୋଫ୍ରା ଆର୍ଚର୍ ୫ ରନ୍ କରି ଅପରାଜିତ ଫେରିଥିଲେ। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୪ ୱିକେଟ୍ ଅକ୍ତିଆର କରିଥିବା ବେଳେ ଜସ୍‌ପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ୍ ୨-୨ ସଫଳତା ହାସଲ କରିଛନ୍ତି।

# ଭିନିତ୍ ରାଜ୍ୟ ସ୍କୁଲ ଓପନ୍ ଚେସ୍ ଚାମ୍ପିଅନ୍




**ଭୁବନେଶ୍ୱର,୧୩।୭/ଏନ୍‌ଏନ୍‌ଏସ୍:** ବିଜେଇଏମ୍ ସ୍କୁଲ୍-୧ ଏବଂ ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ବିଜେବି ନଗରସ୍ଥିତ ସ୍କୁଲ୍ ପରିସରରେ ତୃତୀୟ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଯାଇଛି। ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ୍ ପଲ୍ଲବୀ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ପାଞ୍ଚ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ବିଜେଇଏମ୍ ସ୍କୁଲ୍-୧ର ଭିନିତ୍ ନାୟକ (୫.୦) ଚାମ୍ପିଅନ୍ ହୋଇଛନ୍ତି। କଟକର ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ (୪.୦ ପଏଣ୍ଟ) ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବାଳିକା ବିଭାଗରେ ସ୍ୱାତୀ ଷଡ଼ଙ୍ଗୀ ପ୍ରଥମ ଓ ଅନୁଷ୍କା ପଟ୍ଟନାୟକ ଦ୍ୱିତୀୟ ହୋଇଛନ୍ତି। ସେହିପରି ବୟସ ବର୍ଗରେ ଜେଭି ଶିଭମ୍ (୧୪ ବର୍ଷରୁ କମ୍), ହିମାଂଶୁ ଶେଖର ସାହୁ (୧୨ ବର୍ଷରୁ କମ୍), ସାତ୍ତ୍ୱିକ ମିଶ୍ର (୧୦ ବର୍ଷରୁ କମ୍), ମୃତ୍ୟୁଞ୍ଜୟ ବିଶ୍ୱାସ (୮ ବର୍ଷରୁ କମ୍) ଏବଂ ଅଥର୍ବ ସିଂହ (୬ ବର୍ଷରୁ କମ୍) ପ୍ରଥମ ସ୍ଥାନ ହାସଲ କରିଛନ୍ତି। ୧୦ ଜଣ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୫ ଜଣ ସାନ୍ତ୍ୱନାମୂଳକ ପୁରସ୍କାର ପାଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ବିଜେଇଏମ୍ ସ୍କୁଲ-୧ର ପ୍ରିନ୍ସିପାଲ୍ ସନ୍ଧ୍ୟା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲ୍‌ର କ୍ରୀଡ଼ା ବିଭାଗ ମୁଖ୍ୟ ସରୋଜ କୁମାର ସାହୁ ଏବଂ ପିଇଟି ରାଜନ କୁମାର ସିଂହ ଉପସ୍ଥିତ ଥିଲେ।

# ୧୫୦୦ ମିଟରରେ ଗୁଲ୍‌ବୀର ତୃତୀୟ ଦ୍ରୁତତମ ଭାରତୀୟ



**ନୂଆଦିଲ୍ଲୀ,୧୩।୭/ଏଜେନ୍ସି:** ଭାରତୀୟ ଲଙ୍ଗ୍ ଡିଷ୍ଟାନ୍ସ ରନର୍ ଗୁଲ୍‌ବୀର ସିଂହ ଲସ୍ ଏଞ୍ଜେଲ୍ସରେ ଆୟୋଜିତ ୱାର୍ଲ୍ଡ ଆଥ୍‌ଲେଟିକ୍ସର କଣ୍ଟିନେଣ୍ଟାଲ୍ ଟୁର୍ ସିଲ୍‌ଭର ଲେଭଲ୍ ମିଟ୍ ସନ୍‌ସେଟ୍ ଟୁର୍‌ରେ ରବିବାର ପୁରୁଷ ୧୫୦୦ ମିଟରରେ ଏସିଆର ପ୍ରଥମ ହୋଇଛନ୍ତି। ଗୁଲ୍‌ବୀର ୩:୩୬.୫୮ ମିନିଟ୍ ସମୟ ସହ ଇଭେଣ୍ଟ୍‌ରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ପ୍ରଥମ ଥର ପାଇଁ ୧୫୦୦ ମିଟର ରେସ୍‌ରେ ଭାଗ ନେଇଥିବା ୨୭ ବର୍ଷୀୟ ଗୁଲ୍‌ବୀର ଭାରତର ତୃତୀୟ ଦ୍ରୁତତମ ରନର୍ ହୋଇଛନ୍ତି। ଏହି ଲିଷ୍ଟର ପ୍ରଥମ ଦୁଇଟି ସ୍ଥାନରେ ଜାତୀୟ ରେକର୍ଡଧାରୀ ଜିନ୍‌ସନ୍ ଜନ୍‌ସନ୍ (୩:୩୫.୨୪) ଏବଂ ପରଭେଜ୍ ଖାନ୍ (୩:୩୬.୨୧) ରହିଛନ୍ତି।

ଗୁଲ୍‌ବୀର ୩୦୦୦ ମିଟର, ୫୦୦୦ ମିଟର ଏବଂ ୧୦,୦୦୦ ମିଟରରେ ଜାତୀୟ ରେକର୍ଡଧାରୀ ହୋଇଥିବା ବେଳେ ନିକଟରେ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ୫ ହଜାର ଓ ୧୦ ହଜାର ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏବେ ସେ ଷ୍ଟିପଲ୍‌ଚେଜର୍ ଅବିନାଶ ସାବ୍‌ଲେ ଓ ପାରୁଲ୍ ଚୌଧୁରୀଙ୍କ ସହ ଲସ୍ ଏଞ୍ଜେଲ୍ସର କୋଲୋରାଡୋ ସ୍ପ୍ରିଙ୍ଗ୍‌ସ ଯାତ୍ରା କରିବେ। ସେଠାରେ ତିନିଜଣ ଜୁଲାଇ ୧୫ରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଟ୍ରେନିଂ କରିବେ। ଏହି ତିନିଜଣଙ୍କ ଟ୍ରେନିଂ ଖର୍ଚ୍ଚ ପାଇଁ ଭାରତ ସରକାର ୪୧.୨୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

# ଜଳିଗଲା ମାଲବାହୀ ଟ୍ରେନ୍‌ର ୧୮ ବଗି



**ତିରୁଭଲ୍ଲୁର,୧୩।୭/ଏଜେନ୍ସି:** ତାମିଲନାଡୁର ତିରୁଭଲ୍ଲୁର୍ ଷ୍ଟେସନ୍ ନିକଟରେ ମନାଲୀରୁ ଡିଜେଲ୍ ନେଇ କର୍ଣ୍ଣାଟକ ଯାଉଥିବା ଏକ ମାଲବାହୀ ଟ୍ରେନ୍ ରବିବାର ସକାଳ ସାଢ଼େ ୫ଟା ବେଳେ ଲାଇନ୍‌ଚ୍ୟୁତ୍ ହୋଇଛି। ଏହାପରେ ଟ୍ରେନ୍‌ରେ ନିଆଁ ଲାଗିଯାଇଛି। ପ୍ରଥମେ ପାଞ୍ଚଟି ବଗିରେ ନିଆଁ ଲାଗିଥିବା ବେଳେ ପରେ ଏହା ୧୮ ବଗିକୁ କବଳିତ କରିନେଇଥିଲା। ସୂଚନା ମିଳିବା ପରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଥିଲା। ୪୦ଟି ବଗିକୁ ଜଳନ୍ତା ଟ୍ରେନ୍‌ରୁ ଅଲଗା କରାଯାଇଥିବା ଜିଲ୍ଲା କଲେକ୍ଟର କହିଛନ୍ତି। ସେହିପରି ଷ୍ଟେସନ୍ ନିକଟରେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଫାୟାର୍ ବ୍ରିଗେଡ୍ ଟିମ୍‌ର ୧୦ ଗାଡ଼ି ସହାୟତାରେ ନିଆଁକୁ କାବୁ କରାଯାଇଛି। ଅନ୍ୟପକ୍ଷରେ ରେଳବାଇ କର୍ତ୍ତୃପକ୍ଷ ଓ ପୁଲିସ୍ ଘଟଣାସ୍ଥଳର ୧୦୦ ମିଟର ଦୂରରେ ଲାଇନ୍‌ରେ ସୃଷ୍ଟ ଫାଟର ଯାଞ୍ଚ କରୁଛନ୍ତି।

ରେଳବାଇ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ ଟ୍ରେନ୍ର ତୃତୀୟ ବଗିରେ ନିଆଁ ଲାଗିବା ଖବର ପାଇବା ପରେ ଲୋକୋ ପାଇଲଟ୍ ତୁରନ୍ତ ଜରୁରିକାଳୀନ ବ୍ରେକ୍ ଲଗାଇଥିଲେ ଏବଂ ତିରୁଭଲ୍ଲୁର ଷ୍ଟେସନ୍ ମାଷ୍ଟର୍ ଓଭର୍‌ହେଡ୍ ବିଦ୍ୟୁତ୍ ଯୋଗାଣକୁ ବନ୍ଦ କରିଦେଇଥିଲେ। ତେବେ ସେତେବେଳକୁ ଅଟକି ଯାଇଥିଲା ଏବଂ ନିଆଁ ଅନ୍ୟ ୧୮ ବଗିକୁ ବ୍ୟାପିଯାଇଥିଲା। ଏହି ଦୁର୍ଘଟଣା କାରଣରୁ ଚେନ୍ନାଇରୁ ବେଙ୍ଗାଲୁରୁ, କେରଳ ଓ ରେଣୁଗୁଣ୍ଟା/ତିରୁପତିକୁ ଯୋଡୁଥିବା ଚେନ୍ନାଇ-ଅରକୋଣମ୍ ସେକ୍ସନ୍‌ରେ ରେଳ ଚଳାଚଳ ବନ୍ଦ କରିବାକୁ ପଡ଼ିଥିଲା।

### ସ୍ୱଚ୍ଛତା ସର୍ବେକ୍ଷଣ ୨୦୨୫

# ସୁପର୍ ଲିଗ୍‌ରେ ଇନ୍ଦୋର ସମେତ ୧୫ ସହର



**ନୂଆଦିଲ୍ଲୀ,୧୩।୭/ଏଜେନ୍ସି:** ୨୦୨୫ ସ୍ୱଚ୍ଛତା ସର୍ବେକ୍ଷଣରେ ଇନ୍ଦୋର, ସୁରତ ଓ ନବୀ ମୁମ୍ବାଇ ପରି ୧୫ ସହର 'ସ୍ୱଚ୍ଛତା ସୁପର୍ ଲିଗ୍'ରେ ସାମିଲ ହୋଇଛନ୍ତି। ପୂର୍ବରୁ ଏଥିରେ ଦୁଇବର୍ଷ ଟପ୍-୩ରେ ରହୁଥିବା ସହର ସାମିଲ ହେଉଥିଲେ। ମାତ୍ର ଏବେ ଏହି ଅବଧି ବଢ଼ାଯାଇ ତିନିବର୍ଷ କରାଯାଇଛି। ଏହି ଲିଗ୍‌ରେ ସାମିଲ ସହରଗୁଡ଼ିକର ର୍‍ୟାଙ୍କିଙ୍ଗ୍ ନଥାଏ କିନ୍ତୁ ୧୨,୫୦୦ ପଏଣ୍ଟ ସ୍କିମ୍ ଅଧୀନରେ ପଏଣ୍ଟ ମିଳିଥାଏ। ଏହାଦ୍ୱାରା ଅନ୍ୟ ସହରଗୁଡ଼ିକୁ ଟପ୍ ର୍‍ୟାଙ୍କ୍ ହାସଲ ପାଇଁ ଅଧିକ ସୁଯୋଗ ମିଳିବ। ସର୍ଭେ କମିଟିରେ ସାମିଲ ସୂତ୍ର ଅନୁସାରେ ସ୍ୱଚ୍ଛତାରେ ଚଳିତ ଥର ଅହମ୍ମଦାବାଦ ପ୍ରଥମ ନମ୍ବରରେ ରହିପାରେ। ସେହିପରି ଭୋପାଳ ଦ୍ୱିତୀୟ ଓ ଲକ୍ଷ୍ନୌକୁ ତୃତୀୟ ସ୍ଥାନ ମିଳିବାର ସମ୍ଭାବନା ରହିଛି। ଅବଶ୍ୟ ଏବେ ସୁଦ୍ଧା ଏହାର ଆଧିକାରିକ ଘୋଷଣା ହୋଇନାହିଁ। ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁଲାଇ ୧୭ ତାରିଖରେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କରିବେ। ସେହିଠାରେ ହିଁ ଆଧିକାରିକ ଘୋଷଣା ହେବ।

# ବାଂଲାଦେଶରେ ହିନ୍ଦୁ ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା




**ଢାକା,୧୩।୭/ଏଜେନ୍ସି:** ବାଂଲାଦେଶ ରାଜଧାନୀ ଢାକାରେ ଏକ ମବ୍ ଲିଚିଂ ମାମଲାରେ ସାମ୍ନାକୁ ଆସିଛି। ଜଣେ ହିନ୍ଦୁ କବାଡ଼ି ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଜୁଲାଇ ୯ ତାରିଖରେ ଆକ୍ରମଣକାରୀମାନେ ମିଟ୍‌ଫୋର୍ଡ ହସ୍ପିଟାଲ୍ ନିକଟରେ ବ୍ୟବସାୟୀ ଲାଲଚାନ୍ଦ ସୋହାଗ୍ (୩୯)ଙ୍କୁ ପ୍ରଥମେ ଇଟା ଓ ପଥର ମାରିଥିଲେ ପରେ ତାଙ୍କ ମୁଣ୍ଡ ଓ ଶରୀରକୁ ଚକଟି ଦେଇଥିଲେ। ଆକ୍ରମଣକାରୀ ତାଙ୍କୁ ଉଲଗ୍ନ କରିଥିବା ବେଳେ ଅନ୍ୟ ଆକ୍ରମଣକାରୀ ତାଙ୍କ ଶରୀର ଉପରେ ନାଚକୁଦ କରୁଥିବା ଦେଖିବାକୁ ମିଳିଛି। ଚାନ୍ଦା ଆଦାୟ ଓ ବ୍ୟବସାୟ ବିବାଦକୁ ଏହାର କାରଣ ବୋଲି ମିଡିଆ ରିପୋର୍ଟରେ କୁହାଯାଇଛି। ତେବେ ଘଟଣା ପଛର ପ୍ରକୃତ ଉଦ୍ଦେଶ୍ୟ ଏବେ ସୁଦ୍ଧା ଜଣାପଡ଼ିନାହିଁ। ଘଟଣା ସମ୍ପର୍କରେ ମୃତକ ଭଉଣୀ ମଞ୍ଜୁଆରା ବେଗମ ଗୁରୁବାର ଥାନାରେ ହତ୍ୟା ମାମଲା ରୁଜୁ କରିଥିଲେ।

ଏହି ଘଟଣା ପରେ ସାରା ଦେଶରେ ବିରୋଧ ପ୍ରଦର୍ଶନ ଆରମ୍ଭ ହୋଇଛି। ଦୋଷୀଙ୍କୁ କଠୋର ଦଣ୍ଡ ପ୍ରଦାନ ଦାବିରେ ଗତକାଲି ରାତିରେ କେତେକ ବିଶ୍ୱବିଦ୍ୟାଳୟ ଏବଂ କେତେକ ଜିଲ୍ଲାରେ ଆନ୍ଦୋଳ କରାଯାଇଛି। ର୍‍ୟାଲିରେ ବିଏନ୍‌ପି ନିଜ ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ନିୟନ୍ତ୍ରିତ କରିବାରେ ବିଫଳ ହୋଇଥିବା ଛାତ୍ରମାନେ ଅଭିଯୋଗ କରିଛି। ହତ୍ୟାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ଦାବି ହୋଇଛି। ଏହାକୁ ନେଇ ଓକିଲ ୟୁନୁସ୍ ଅଲୀ ଅକନ୍ଦ ରବିବାର ହାଇକୋର୍ଟରେ ରିଟ୍ ପିଟିସନ୍ ଦାୟର କରିଛନ୍ତି। ମାମଲାରେ ୧୯ ଜଣଙ୍କ ନାମରେ କେସ୍ ରୁଜୁ ହୋଇଥିବା ବେଳେ ଅନ୍ୟ ୨୦ ଜଣ ଅଜ୍ଞାତ ଲୋକଙ୍କୁ ସାମିଲ କରାଯାଇଛି। ପୁଲିସ ବର୍ତ୍ତମାନ ସୁଦ୍ଧା ପାଞ୍ଚଜଣଙ୍କୁ ଗିରଫ କରିଛି। ସୋମବାର ମାମଲାର ଶୁଣାଣି କରାଯିବ।

### ଦେଶ ବିଦେଶ

# ପୃଥିବୀକୁ ଆଜି ଫେରିବେ ଶୁଭାଂଶୁ ଶୁକ୍ଲା

## 'ଭାରତ ଆଜି ବି ସାରେ ଜହାଁ ସେ ଅଚ୍ଛା'



**ନୂଆଦିଲ୍ଲୀ,୧୩।୭/ଏଜେନ୍ସି:** ଅନ୍ତରୀକ୍ଷରେ ୧୭ ଦିନର ଅବସ୍ଥାନ ପରେ ଭାରତୀୟ ଅନ୍ତରୀକ୍ଷ ଯାତ୍ରୀ ଶୁଭାଂଶୁ ଶୁକ୍ଲା ସୋମବାର (ଜୁଲାଇ ୧୪) ପୃଥିବୀକୁ ଫେରିବେ। ଏହା ପୂର୍ବରୁ ଜୁଲାଇ ୧୩ (ରବିବାର) ସନ୍ଧ୍ୟାରେ ଆୟୋଜିତ ଫେୟାରୱେଲ୍ ସେରେମନିରେ ସେ ଭାରତର ପ୍ରଥମ ଅନ୍ତରୀକ୍ଷ ଯାତ୍ରୀ ରାକେଶ ଶର୍ମାଙ୍କ ୧୯୮୪ର ଆଇକନିକ୍ ଉକ୍ତିକୁ ଦୋହରାଇ କହିଛନ୍ତି - 'ଭାରତ ଆଜି ବି ସାରେ ଜହାଁ ସେ ଅଚ୍ଛା'। ଅନ୍ତରୀକ୍ଷରୁ ଆଜିର ଭାରତ ମହତ୍ତ୍ୱାକାଂକ୍ଷୀ, ନିର୍ଭୀକ, ଆତ୍ମବିଶ୍ୱାସୀ ଏବଂ ଗର୍ବରେ ଭରପୂର ଦେଖାଇ ଦେଉଛି।'

ଏହି ଅବସରରେ ସେ କହିଛନ୍ତି, ଯେତେବେଳେ ଜୁନ୍ ୨୫ରେ ଫାଲ୍‌କନ୍ ୯ ରକେଟ୍‌ରେ ଏହି ଯାତ୍ରାରମ୍ଭ କରିଥିଲି, ଭାବିନଥିଲି ଏହି ଯାତ୍ରା ଏତେ ଅବିଶ୍ୱସନୀୟ ହେବ ବୋଲି। ମୋ ଟିମ୍ ବିନା ଏହି ଯାତ୍ରା ଏତେ ଅବିଶ୍ୱସନୀୟ ହୋଇପାରି ନଥାନ୍ତା। ଶୁଭାଂଶୁ କହିଛନ୍ତି, ଗତ ଅଢ଼େଇ ସପ୍ତାହରେ ଆମେ ଅନ୍ତରୀକ୍ଷ ଷ୍ଟେସନ୍‌ରେ ସାଇନ୍ସ ଆକ୍ଟିଭିଟି ଓ ଆଉଟ୍‌ରିଚ୍ ଆକ୍ଟିଭିଟି କରିଥିଲୁ। ବାକି ସମୟରେ ଆମେ ଅନ୍ତରୀକ୍ଷ ଷ୍ଟେସନ୍‌ର ଝରକାରେ ପୃଥିବୀକୁ ଦେଖିଥିଲୁ।

ସୂଚନାଯୋଗ୍ୟ, ଆକ୍ସିଅମ୍-୪ ମିଶନ୍‌ରେ ଶୁଭାଂଶୁ ଅନ୍ୟ ଚାରିଜଣ କ୍ରୁ ସଦସ୍ୟଙ୍କ ସହିତ ଜୁନ୍ ୨୫ରେ ଫ୍ଲୋରିଡ଼ାର କେନେଡି ସ୍ପେସ୍ ସେଣ୍ଟରରୁ ଅନ୍ତର୍ଜାତୀୟ ଅନ୍ତରୀକ୍ଷ ଷ୍ଟେସନ୍ ଅଭିମୁଖେ ଯାତ୍ରା କରିଥିଲେ। ଡ୍ରାଗନ୍ ଅନ୍ତରୀକ୍ଷ ଯାନ ୨୮ ଘଣ୍ଟାର ଯାତ୍ରା ପରେ ଜୁନ୍ ୨୬ ତାରିଖରେ ଅନ୍ତରିକ୍ଷ ଷ୍ଟେସନ୍‌ରେ ପହଞ୍ଚିଥିଲା। ଯଦିଓ ଏହି ମିଶନ୍ ୧୪ ଦିନର ଥିଲା ଏବେ ଏଥିରେ ଚାରିଦିନ ବିଳମ୍ବ ହୋଇଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra